# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ଜୁନ୍ ୮/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 8/2025 | Page 16 | ₹ 7.00

୫୧ଶ ଭାଗ ୧୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 193 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ଜୁନ୍ ୮/୨୦୨୫ | Bhubaneswar, Sunday, June 8/2025 | ପୃଷ୍ଠା-୧







# ଫୁଲବାଣୀ ମେଡିକାଲ କଲେଜ ଉଦ୍‌ଘାଟିତ

■ ଶିକ୍ଷା, ସ୍ୱାସ୍ଥ୍ୟ ସେବାରେ ନୂଆ ଅଧ୍ୟାୟ ଆରମ୍ଭ: ମୁଖ୍ୟମନ୍ତ୍ରୀ

■ କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ୭୫୦ କୋଟିର ପ୍ରକଳ୍ପ

ଫୁଲବାଣୀ,୭।୬
(ରାକେଶ କୁମାର ରାଉତ)

ଉନ୍ନତ ସ୍ୱାସ୍ଥ୍ୟସେବା ପାଇବା ପାଇଁ କନ୍ଧମାଳ ଜିଲାବାସୀଙ୍କ ବହୁଦିନର ସ୍ୱପ୍ନ ସାକାର ହୋଇଛି। ଚିକିତ୍ସା ପାଇଁ ଜିଲାବାସୀଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବନାହିଁ। କେବଳ କନ୍ଧମାଳ ନୁହେଁ, ପଡ଼ୋଶୀ ବୌଦ୍ଧ ଓ ନୟାଗଡ଼ ଜିଲାରୁ ମଧ୍ୟ ରୋଗୀ ଆସି ଚିକିତ୍ସିତ ହେବେ। ଏହା ସମଗ୍ର ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫୁଲବାଣୀ ମେଡିକାଲ କଲେଜ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ୧୦୦ ସିଟ୍ ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଉଦ୍‌ଘାଟନ କରିବା ସହ କରୋନେଶନ ପଡ଼ିଆରେ ଜିଲାର ବିକାଶ ପାଇଁ ୭୫୦ କୋଟି ଟଙ୍କାର ୧୦ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ



ଫୁଲବାଣୀ ମେଡିକାଲ କଲେଜକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଉପସ୍ଥିତ ଅଛନ୍ତି।

ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ ପ୍ରଥମେ ମେଡିକାଲ କଲେଜ ଉଦ୍‌ଘାଟନ କରିବା ପରେ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ରୋଗୀସେବା ଯୋଗାଇଦେବାକୁ କହିଥିଲେ। ମାନବ ସେବା କଲେ ସମସ୍ତଙ୍କ ପରିବାରକୁ ଭଗବାନ ଭଲରେ ରଖିବେ। ଏହି ମେଡିକାଲ କଲେଜକୁ ମିଶାଇ ରାଜ୍ୟରେ ମୋଟ ୧୩ଟି ମେଡିକାଲ ☞ପୃଷ୍ଠା-୨

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-34: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା09.06.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09001/11/0006/2526

**ଆଜିର ସମ୍ପାଦକୀୟ** ପ୍ରଳୟର ନିକଟତର

**ଆଜିର ମନ୍ତବ୍ୟ**

" ମିଛ ନୁହେଁ, ସତ କହିଲେ ହିଁ ନିର୍ବାଚନ କମିଶନଙ୍କ ବିଶ୍ୱସନୀୟତା ସୁରକ୍ଷିତ ରହିବ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ପ୍ରତିବାଦ, ସ୍ଥାନ: ଗାଡ଼କଣ ଅଳିଆଗଦା ଗେଟ୍ ସମ୍ମୁଖ, ସମୟ: ସକାଳ ୮ଟା।
- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ ଓ କନ୍ୟା ଅନମୋଲ ହେ ମିଳିତ ଆନୁକୂଲ୍ୟରେ ଚରଣ ସ୍ପର୍ଶ ୫.୦, ସ୍ଥାନ: ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ପାନ୍ଥ ନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗା ପୂଜା ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଇଶା ଫାଉଣ୍ଡେଶନର ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ନୀଳଶିଳ ଭିଲ୍ଲା ସମ୍ମୁଖ, ଟଙ୍କପାଣି, ରୋଡ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ମାଲୁଣୀ ଆଇ', ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ନାଟ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ 'ପଦଧ୍ୱନି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ରୋଟାରାକ୍ଟ କ୍ଲବ କଟକ ସେଣ୍ଟ୍ରାଲ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ନଖରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୮ଟା।
- ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ହରିହର ନନ୍ଦଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଆଖଡ଼ା ଖେଳ ପ୍ରଦର୍ଶନ, ସ୍ଥାନ: ବାଲେଶ୍ୱର ସହର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଜିଲାସ୍ତରୀୟ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ କନିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତା, ସ୍ଥାନ: ବାଗୁରାଇ ପିଏମ୍‌ଶ୍ରୀ ବିଦ୍ୟୁମାଧବ ହାଇସ୍କୁଲ, ଭଦ୍ରକ, ସମୟ: ସକାଳ ୯ଟା।
- ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବନ୍ଧାଳ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା, ସମୟ: ସକାଳ ୯ ଟା।
- ରାଜ୍ୟସ୍ତରୀୟ ଶିଶୁ ଗଳ୍ପ କର୍ମଶାଳା, ସ୍ଥାନ: ବିବେକାନନ୍ଦ ବିହାର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ ଟା।
- ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଟି-୨୦କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡ଼ିୟମ ବାରିପଦା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର

- ମେଗା ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ପରୀକ୍ଷା, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ,ସମୟ: ସକାଳ ୯ଟା।
- ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ନାଳନ୍ଦା ବିଦ୍ୟାମନ୍ଦିର,ଜୟପ୍ରକାଶ ନଗର,ସମୟ: ପୂର୍ବାହ୍ନ ୧୧ଟା।
- ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ପୁରସ୍କାର ବିତରଣ, ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ଅପରାହ୍ନ ୪ଟା।
- ହର ପାର୍ବତୀଙ୍କ ଗ୍ରାମ ପରିକ୍ରମା, ସ୍ଥାନ: ବୈଦ୍ୟନାଥେଶ୍ୱର ମନ୍ଦିର, କମାପଲ୍ଲୀ ସମୟ: ସନ୍ଧ୍ୟା ୭ଟା ୩୦।

## ଢେଙ୍କାନାଳ

- ଗୁଡ୍‌ନାଇଟ କ୍ଲବ ବାର୍ଷିକ ଉତ୍ସବ ଉଦ୍‌ଯାପନ ସମାରୋହ, ସ୍ଥାନ: ମିନି ଷ୍ଟାଡ଼ିୟମ ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଇଫ୍‌କୋ ସମୂହ ପକ୍ଷରୁ ଚାଲିଥିବା ଆନ୍ତଃ ୟୁନିଟ ସାଂସ୍କୃତିକ ସମାରୋହର ଉଦ୍‌ଯାପନୀ, ସ୍ଥାନ: ଇଫ୍‌କୋ ଟାଉନଶିପ ସଂସ୍କୃତିଭବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଗୋଖା ମହାସଂଘର ଶପଥ ଗ୍ରହଣ ସମାରୋହ, ସ୍ଥାନ: ରେଣୁକା ମଣ୍ଡପ, ରାଜନଗର, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଧର୍ମଶାଳା ଟାଏକୋଣ୍ଡୋ ଚମ୍ପିୟନ୍‌ଶିପ୍ ଟୁର୍ନାମେଣ୍ଟ, ସ୍ଥାନ: ଧର୍ମଶାଳା ଷ୍ଟାଡ଼ିୟମ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଦେଉଳି ଗ୍ରାମ, ସମୟ: ରାତ୍ର ୮ଟା।

## ନୟାଗଡ଼

- ଜୟଶ୍ରୀ ପାଣି ଷଣ୍ଢ ଯୁବ ସଂସଦ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ଓଡ଼ଗାଁ ବ୍ଲକ ଦଣ୍ଡୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ:ସକାଳ ୮ଟା।
- ନିଖିଳ ଉତ୍କଳ କଂସାରୀ ସମାଜର ସମନ୍ୱୟ ବୈଠକ, ସ୍ଥାନ: କଣ୍ଟିଲୋ ନଡିଆ ପୋଖରୀ ପାଖ କଂସା ପିତଳ ସୁବିଧା କେନ୍ଦ୍ର, ସମୟ:ମଧ୍ୟାହ୍ନ ୧୨ଟା୩୦।
- ସାମନ୍ତ ଯୁବକ ସଂଘର ଗୃହ ପ୍ରତିଷ୍ଠା ପ୍ରବେଶ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ କାଦୁଆ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳାର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀନଗର ରଘୁନାଥ ପୀଠ, ସମୟ: ରାତି ୧୧ଟା ।

## ରାୟଗଡ଼ା

- ଶିରିଡ଼ି ସାଇ ମନ୍ଦିରର ୧୫ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ବାୟାଗୁଡ଼ା, ଗୁଣପୁର, ସମୟ: ସକାଳ ୭ ଟା।
- ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ ନେଇ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଡ଼ାରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ୮ମ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗୁଣପୁର, ସମୟ: ଅପରାହ୍ନ ୨ଟା।

## କୋରାପୁଟ

- ମା ଦନ୍ତେଶ୍ୱରୀ, ଭୈରବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ କଳସଯାତ୍ରା, ସ୍ଥାନ: ଆଦିବାସୀ ଭତ୍ରା ବିକାଶ ପରିଷଦ କାର୍ଯ୍ୟାଳୟ, କୋଟପାଡ଼, ସମୟ: ସକାଳ ୭ଟା।
- ଅଓଇପିଏଫ୍‌ପିଏ କୋରାପୁଟ ଜିଲା ଶାଖା ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଗୌଡଗୁଡ଼ା ଗ୍ରାମ ବିକାଶ ପରିଷଦ ପଡିଆ, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ଜିଓ ଫିଲିଂ ଷ୍ଟେଶନ ଉଦ୍‌ଘାଟନ, ସ୍ଥାନ: ବେହେରା ଗୁଡ଼ା, ସେମିଳିଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଧାୟକଙ୍କ ଦ୍ୱାରା ଡୁନଖାଲ ପକ୍କା ରାସ୍ତା ଉଦ୍‌ଘାଟନ, ସ୍ଥାନ: ଚିକାମ୍ବ ପଞ୍ଚାୟତ ଡୁନଖାଲଗାଁ ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ ଟା।

## ସମ୍ବଲପୁର

- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ଗଣ ସଫେଇ ଅଭିଯାନ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ୬ଟା।
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ସକାଳ ୭ଟା ।
- ଯୋଗ ପରିବାର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୭ଟା ୩୦ ।
- ଶ୍ରୀରାମ କଥା ମହୋତ୍ସବ, ସ୍ଥାନ : ହୀରାକୁଦ ଲକ୍ଷ୍ମୀନାରାୟଣ ମନ୍ଦିର, ସମୟ : ସନ୍ଧ୍ୟା ୭ଟା ୧୫ ।
- ବଡବଜାର ଶିତଳଷଷ୍ଠୀ କମିଟି ଆୟୋଜନରେ ସତ୍ୟନାରାୟଣ ପୂଜାର୍ଚ୍ଚନା ଓ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ : ଶୀତଳେଶ୍ୱର ବାବା ପୀଠ, ସମୟ : ରାତି ୭ଟା ୩୦ ।

## ବଲାଙ୍ଗୀର

- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖା ପକ୍ଷରୁ ମୌସୁମୀ କବିତା ଆସର, ସ୍ଥାନ: ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ବ୍ରାହ୍ମଣପଡା, ହାଟପଦାପଡା, ବଲାଙ୍ଗୀର, ସ୍ଥାନ: ପୂର୍ବାହ୍ନ ୯ଟା ୩୦ ମିନଟ।
- ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ଟାଇଗର କ୍ଲବରେ ଯୋଗ ଶିବିର, ସ୍ଥାନ: ରେଲୱେ କଲୋନି, ସମୟ: ସକାଳ ୭ଟା ୩୦।
- ଫୁଟବଲ ଆସୋସିଏଶନ ପକ୍ଷରୁ ଫୁଟବଲ ମ୍ୟାଚ୍, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ସମୟ: ସକାଳ ୮ଟା।
- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳନ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସଭା ଓ କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ: ପିଏମଶ୍ରୀ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ସଂକୀର୍ତ୍ତନ ପରିଷଦର ଆଲୋଚନାଚକ୍ର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଓବିସି ପକ୍ଷରୁ ସାଧାରଣ ସଭା, କର୍ମକର୍ତ୍ତା ଚୟନ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ମହିଟଲା, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ମା'ରମ୍ଭାଦେବୀ ଯାତ୍ରା, ସ୍ଥାନ: ତିଲେଇବଣୀ ବ୍ଲକ ସୁଗୁଡ଼ା ନିକଟସ୍ଥ ବାସୁଦେବପୁର ଗ୍ରାମ, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ସହର ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' ରମ୍ଭାଦେବୀ ଯାତ୍ରା ଅବସରରେ ଅନ୍ନଭୋଜନ, ଥଣ୍ଡା ପାନୀୟଜଳ ବିତରଣ, ସ୍ଥାନ: ତିଲେଇବଣୀ ବ୍ଲକ ବାସୁଦେବପୁର ଗ୍ରାମ, ସମୟ: ମଧ୍ୟାହ୍ନ ୧୨ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

# ସମୁଦ୍ର ପ୍ରତି ସମ୍ମାନ ଭବିଷ୍ୟତକୁ ସୁରକ୍ଷିତ କରିବ

### ବିଶ୍ୱ ସମୁଦ୍ର ଦିବସ



ସମଗ୍ର ଜୀବ ଜଗତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ସମୁଦ୍ର ସହିତ ସଂପୃକ୍ତ। ବର୍ତ୍ତମାନ ସମୟରେ ମନୁଷ୍ୟ ସମୁଦ୍ରକୁ ପ୍ଲାଷ୍ଟିକ, ବିମାର୍ଜିତ ରାସାୟନିକ ପଦାର୍ଥ ଓ ଅନ୍ୟାନ୍ୟ ଦୂଷକ ଦ୍ୱାରା ଦୂଷିତ କରିବାରେ ଲାଗିଛି। ଏହାର ଦୂରୀକରଣ ପାଇଁ ବିସ୍ତୃତ ରୋଡ୍‌ମ୍ୟାପ ଆବଶ୍ୟକ। ଏଥିନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୮ରେ 'ବିଶ୍ୱ ସମୁଦ୍ର ଦିବସ' ପାଳନ କରାଯାଉଛି। ଏହି ଅବସରରେ ଚଳିତ ବର୍ଷ ଲାଗି ଥିମ ରହିଛି 'Awaken New Depths' ଅର୍ଥାତ୍ ନୂତନ ଅନ୍ତସ୍ତରକୁ ଜାଗ୍ରତ କରିବା। ବିଶ୍ୱ ସମୁଦ୍ର ଦିବସ ପ୍ରଥମେ ୧୯୯୨ରେ ବ୍ରାଜିଲ୍‌ର ରିଓଡି ଜାନେରିଓରେ ଆୟୋଜିତ ହୋଇଥିଲା। ୨୦୦୮ରେ ଜାତିସଂଘ ପକ୍ଷରୁ ଏହାକୁ ଆଧିକାରିକ ଭାବରେ ଗ୍ରହଣ କରାଯାଇଥିଲା ଏବଂ ୨୦୦୯ ମସିହାରୁ ବିଶ୍ୱ ସମୁଦ୍ର ଦିବସ ବିଶ୍ୱବ୍ୟାପୀ ପାଳନ ଆରମ୍ଭ ହୋଇଥିଲା। ଏହିଦିବସର ଉଦ୍ଦେଶ୍ୟ ସମୁଦ୍ର ପ୍ରତି ଜନସାଧାରଣଙ୍କ ମଧ୍ୟରେ ଜାଗରଣ ବଢ଼ାଇବା। ସେହିପରି ସମୁଦ୍ର ପ୍ରତି ସମ୍ମାନ ଓ ସତର୍କତା ଆମର ଭବିଷ୍ୟତକୁ ସୁରକ୍ଷିତ କରିପାରିବ। ସମୁଦ୍ର ପୃଥିବୀର ତାପମାତ୍ରା ଓ ଜଳବାୟୁରେ ସନ୍ତୁଳନ ରଖିଥାଏ। ଏହି ବୃହତ୍ ଜଳର ଭଣ୍ଡାର ତାପକୁ ଅବଶୋଷଣ କରି ଗ୍ଲୋବାଲ ୱାର୍ମିଂକୁ ଧୀର କରିଥାଏ। ସମୁଦ୍ର ତାପମାତ୍ରା ବୃଦ୍ଧି ପାଇଲେ ଜଳବାୟୁରେ ଅସାଧାରଣ ପରିବର୍ତ୍ତନ ଆସିପାରେ, ଯାହା ମାନବ ଜୀବନ ଓ ପୃଥିବୀର ପରିବେଶ ପାଇଁ ବିପଦ ସୃଷ୍ଟି କରେ। ଏହାବାଦ୍ ଆହାର ଓ ଅର୍ଥନୀତିର ମୂଳଉତ୍ସର ପ୍ରମୁଖ ଉପାଦାନ ମଧ୍ୟରେ ସମୁଦ୍ର ଅନ୍ୟତମ ବଡ଼ ଉତ୍ସ। ସମୁଦ୍ର ଲକ୍ଷଲକ୍ଷ ଲୋକଙ୍କୁ ଆହାର ପ୍ରଦାନ କରିଥାଏ ଏବଂ କୋଟିକୋଟି ଜୀବଜନ୍ତୁ ସମୁଦ୍ର ଉପରେ ନିର୍ଭର କରନ୍ତି। ମାତ୍ର ଆଧୁନିକ ସମାଜ ପ୍ଲାଷ୍ଟିକର ଅହେତୁକ ପ୍ରେମରେ ପାଗଳ। ସକାଳଠାରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ପଦାର୍ଥ ମାଧ୍ୟମରେ ପ୍ଲାଷ୍ଟିକର ବ୍ୟବହାର ଅନିର୍ବାଯ୍ୟ ହୋଇଯାଇଛି। ଆଧୁନିକ ଜୀବନଶୈଳୀର ଅବିଭାଜ୍ୟ ଅଂଶ ପ୍ଲାଷ୍ଟିକ ବ୍ୟାଗ୍, ବୋତଲ, ପ୍ଲେଟ୍, ଆବରଣ ଏବଂ ଅନ୍ୟ ଉତ୍ପାଦନ ଆକାରରେ ଏହାର ଉପଯୋଗ କରାଯାଉଛି। ଏଗୁଡ଼ିକୁ ବ୍ୟବହାର କରିବା ପରେ ଏଣେତେଣେ ଫୋପାଡି ଦିଆଯାଉଛି। ଯାହାକି ପରିବେଶକୁ ପ୍ରଦୂଷିତ କରିବା ସହ ଅନେକ ପ୍ଲାଷ୍ଟିକ୍ ସମୁଦ୍ରରେ ଜମା ହେଉଛି। ଏକ ଅନ୍ତର୍ଜାତୀୟ ଅନୁସନ୍ଧାନ ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୮ମିଲିୟନ ଟନ୍ ପ୍ଲାଷ୍ଟିକ ଦ୍ରବ୍ୟ ସମୁଦ୍ରରେ ପହଁଚୁଛି। ଏହା ସାମୁଦ୍ରିକ ଜୀବଜନ୍ତୁ, ଉପକୂଳ ଜୀବନ ଓ ମାନବ ପାଇଁ ଭୟାବହ ଅବସ୍ଥା ସୃଷ୍ଟି କରୁଛି। ସେହିପରି ଓଡ଼ିଶା ଉପକୂଳ ଯଥା ବ୍ରହ୍ମଗିରି, ଚାନ୍ଦିପୁର, ଗୋପାଳପୁର, ପେଣ୍ଠକଟା, ଧାମରା ଚାଉଳିଖିା ଓ ପାରାଦୀପ ଭଳି ଉପକୂଳ ଅଞ୍ଚଳରେ ବର୍ଷବ୍ୟାପୀ ଧଳା,କଳା ପ୍ଲାଷ୍ଟିକ ତଥା ବର୍ଣ୍ଣବାହୀ ଟୁକୁଡ଼ା ଆକାର ମାଇକ୍ରୋପ୍ଲାଷ୍ଟିକ ଚିହ୍ନଟ କରାଯାଉଛି। ଏହି ବସ୍ତୁଗୁଡ଼ିକ ସମୁଦ୍ର ଜଳରେ ମିଶି ସମୁଦ୍ରଚର, ଜଳଚର, ମାଛ ଓ କ୍ଷୁଦ୍ର ଜୀବ ଉପରେ ଢେର ପ୍ରଭାବ ପକାଉଛି। ମାନବ ଖାଦ୍ୟ ଶୃଂଖଳ ମାଧ୍ୟମରେ ଏହା ଦେହ ଭିତରେ ଯାଇ ଦୀର୍ଘକାଳୀନ ରୋଗ ସୃଷ୍ଟି କରୁଛି। ତେଣୁ ସମୁଦ୍ରର ସୁସ୍ଥତା ଓ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ।

**-ଡ. ଦେବାଶିଷ ମହାପାତ୍ର,**
**ସମୁଦ୍ର ଜୀବ ବିଜ୍ଞାନୀ**

# ଅଧିକ ସଚେତନତା ଆବଶ୍ୟକ

### ଆଜି ବିଶ୍ୱ ବ୍ରେନ୍ ଟ୍ୟୁମର ଦିବସ



ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହାକୁ ଦେହର 'ହେଡ୍ ଅଫିସ' ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର କାରିଗର ହେଉଛି ମସ୍ତିଷ୍କ। ତେବେ ବ୍ରେନ୍ ଟ୍ୟୁମର(ମସ୍ତିଷ୍କ ଅର୍ବୁଦ) ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୮ରେ ପାଳିତ ହୋଇଥାଏ 'ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ' ବା 'ବିଶ୍ୱ ମସ୍ତିଷ୍କ ଅର୍ବୁଦ ଦିବସ'। ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡିନି। ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ। ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶ ପାଏ ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି, ଆଖିକୁ ଭଲ ଦେଖାଯାଏନା, କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେ ରଖିପାରେନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ। ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା 'ରେଡିଓଥେରାପି'। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଅଳ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,**
ମୋ: ୮୩୨୮୯୭୫୧୧୮

### ପ୍ରଥମ ପୃଷ୍ଠାରୁ...

## ଫୁଲବାଣୀ ମେଡିକାଲ ...

କଲେଜ ଖୋଲିଲା। ଖୁବ୍ କମ ଦିନରେ ଆଉ ୪ ଜିଲା ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁର ଓ ଜଗତ୍‌ସିଂହପୁରରେ ମେଡିକାଲ କଲେଜ ଖୋଲିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ସରକାର ସମସ୍ତ ୩୦ ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ବର୍ଷକ ମଧ୍ୟରେ ରାଜ୍ୟରେ ଡାକ୍ତରଙ୍କ ଅଭାବ ରହିବ ନାହିଁ। ପ୍ରତ୍ୟେକ ମେଡିକାଲରେ ଆବଶ୍ୟକ ଡାକ୍ତର ନିଯୁକ୍ତ କରାଯିବ। ଏହି ସେବା ପାଇଁ ପାଣ୍ଠି ଯୋଗାଇବାକୁ ସରକାର କାର୍ପଣ୍ୟ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାପରେ କରୋନେଶନ ପଡ଼ିଆକୁ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରି କହିଲେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର କନ୍ଧମାଳ ଜିଲାକୁ କିଏ ଆସିବ ଯିବାକୁ ମନକରିବ ନାହିଁ। ଜିଲାର ମାଣ୍ଡିଆ ଏବେ ସାରା ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାର ହଳଦୀ ସାରା ଦେଶରେ ମଧ୍ୟ ପରିଚିତ। ଏବେ ସରକାର କନ୍ଧମାଳ ଜିଲାରେ ପର୍ଯ୍ୟଟନ ଏବଂ ଶିଳ୍ପ କ୍ଷେତ୍ରରେ ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ତାଙ୍କ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯଥା ଆୟୁଷ୍ମାନ ଭାରତ, ସୁଭଦ୍ରା ଯୋଜନା, ଚାଷୀଙ୍କୁ ଧାନକିଣାରେ ସହାୟତା, ବୟସ୍କଙ୍କୁ ଅଧିକ ଭତ୍ତା ଆଦି ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲାପାଳ ଅମ୍ରିତ ରତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଉଡି ନୁହେଁ କି ଦଉଡ଼ା ନୁହେଁ**
**ମଝିରେ ପଡିଛି ଜଟ**
**ପାଖକୁ ଯାଇଣ ଦେଖି ଅଇଲି**
**ଖାଲି ସେଇ ଛଣପଟ ।**

ସାଧାରଣତଃ ଦୂରରୁ ଯାହା ଯେଉଳି ଦେଖାଯାଏ ତାହା ପାଖରୁ ଦେଖିଲେ ସେଭଳି ହୋଇ ନ ଥିବା ଜଣାଯାଇଥାଏ। ତେଣୁ ଦୂରରୁ ଦେଖି ତାକୁ ଆକଳନ କରିବା ବା ଅନୁମାନ ଲଗାଇବା କେବେହେଲେ ଠିକ ହୋଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଦାରୁ ପାରେ ନାହିଁ,**
**ଦୁବ ପାରେ।**

ବେଳେ ବେଳେ ବଡ଼ ଦାମିକା ଔଷଧରେ ରୋଗ ଭଲ ନ ହୋଇ ସାମାନ୍ୟ ଟୁଟୁକା ଔଷଧରେ ଭଲ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ବହୁ ଚେଷ୍ଟା ସତ୍ତ୍ୱେ ନ ହେଉଥିବା କାର୍ଯ୍ୟ ସାମାନ୍ୟ ଚେଷ୍ଟାରେ ସାଧିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା ଏବଂ ସମ୍ପର୍କୀୟଙ୍କ ସହ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ଅଭାବ ଦୂରୀକରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରେ ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ମନ ଭିତରେ ଦୁଃଖ ଭରି ରହିଥିଲେ ମଧ୍ୟ ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ସମ୍ପନ୍ନ କରି ଏକପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ପରିବାରରେ ସ୍ନେହ ଓ ସମ୍ମାନର ଅଭାବ ସାମୟିକ ମନରେ ବହୁତ କ୍ଷୋଭ ଆଣିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରକ୍ଷଣରେ ବେଶି ଚିନ୍ତା କରିବାକୁ ପଡିବ।

**ମିଥୁନ** ପାରସ୍ପରିକ ଯୁକ୍ତିତର୍କ କାରଣରୁ ପାରିବାରିକ କ୍ଷେତ୍ରରେ ଟେନସନ୍ ଲାଗିରହିବ। ଯେଉଁ କାମରେ ହାତ ଦେଲେ ମଧ୍ୟ ସବୁକିଛି ବିଗିଡି ଯାଉଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କ୍ଷେତ୍ରରେ ସଂକଟଜନକ ସ୍ଥିତିକୁ ନେବାରେ ମୁଖ୍ୟ ଭୂମିକା ସାଜିପାରେ। ବନ୍ଧୁମିଳନ, ଦୂରଯାତ୍ରା କ୍ଷେତ୍ରରେ ପ୍ରତିବନ୍ଧକ ରହିବ ନାହିଁ।

**କର୍କଟ** ପରିସ୍ଥିତି ଅନୁକୂଳ ରହିବା କାରଣରୁ ମାନସିକ ସ୍ତରରେ ଉତ୍ସାହିତ ରହିବେ। ବିଶ୍ରାମହୀନ କାର୍ଯ୍ୟ, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ। ସମ୍ପୂର୍ଣ୍ଣ ଆଶା ପୂରଣ ନ ହେଲେ ମଧ୍ୟ ଉପକୃତ ହୋଇପାରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇ ପାରେ।

**ସିଂହ** ଅନ୍ୟମାନଙ୍କୁ ବୁଝାଇ ଶୁଝାଇ କାମ ହାସଲ ପାଇଁ ଚେଷ୍ଟା କଲେ ହୁଏତ ଉପକୃତ ହୋଇପାରିବେ। ବୁଝାମଣାର ଅଭାବ କିମ୍ବା ପକ୍ଷପାତିତା କାରଣରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ପରିଜନଙ୍କ ସହ ଯାତ୍ରା କାଳରେ ମିତ୍ରତା ସୃଷ୍ଟି କରିପାରନ୍ତି।

**କନ୍ୟା** କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମ ସମ୍ପନ୍ନ କରିପାରିବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ସରଳ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡିପାରନ୍ତି। ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମନ ଦୁଃଖ ରହିବ।

**ତୁଳା** ଆଜି ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବେ। ଲାଗିରହିଥିବା ପାରିବାରିକ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ। ପଡ଼ୋଶୀମାନେ ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଅଯଥା ମିଥ୍ୟାରୋପ କରି କଳହ କରିପାରନ୍ତି । କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବଢି ଯାଇପାରେ।

**ବିଛା** ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ଆଦର, ଗୌରବରେ ନିଜର ଅତୀତ ଦୁଃଖକୁ ଭୁଲି ଯାଇପାରନ୍ତି। ସଭାସମିତି, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟ, ସତ୍‌ସଙ୍ଗରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ।

**ଧନୁ** ଧୀରେ ଧୀରେ ପୂର୍ବ ସମସ୍ୟା ବଦଳି ଯାଇ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ। ପ୍ରଶାସନିକ ସ୍ତରରେ କିମ୍ବା ଅଫିସ କାମରେ ଟେନସନ୍ ବଢିପାରେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟର ଆଶଙ୍କା ରହିଛି। ଆକସ୍ମିକ ଦୂରଯାତ୍ରା, ବନ୍ଧୁ ମିଳନଜନିତ ଆନନ୍ଦ ଅନୁଭବ କରିବେ।

**ମକର** ବନ୍ଧୁମାନଙ୍କ ସହଯୋଗ କ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**କୁମ୍ଭ** ନିଜର ଲୋକଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁ ମାନସିକ ସ୍ତରରେ ବିଚଳିତବୋଧ କରିବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। କଚେରି ମାମଲା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ମୀନ** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍‌ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ବ୍ୟୟ ଭାର କମି ଆସିବାରୁ ସାମୟିକ ଆଶ୍ୱସ୍ତିଲାଭ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ଶୀଘ୍ର କାମଟି ଶେଷ କରିବା ପାଇଁ ବ୍ୟସ୍ତ ହୋଇପଡିବେ।

ଆଜି ଜୁନ୍ ୮ ତାରିଖ, ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ରବିବାର। ରାଶିନକ୍ଷତ୍ର-ଦିବା ଘ. ୧୨.୪୧ ଗତେ ବିଶାଖା/ତୁଳା। ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬.୫୬ ଗତେ ଘ.୦୯.୩୪ ମଧ୍ୟେ, ଘ.୦୧.୨୪ ଗତେ ଘ.୦୨.୫୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୪.୪୨ ଗତେ ଘ.୦୬.୨୦ ମଧ୍ୟେ ରାହୁକାଳ ।







# କରୋନା ମାର୍ଗଦର୍ଶିକା ଜାରି କଲେ କେନ୍ଦ୍ର ସରକାର

ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ)

ଦେଶରେ ଏବେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଓଡ଼ିଶାରେ ମଧ୍ୟ ବିଭିନ୍ନ ଜିଲାକୁ କରୋନା ବ୍ୟାପିଗଲାଣି। ସ୍ଥିତି ବିଗିଡ଼ିଯାଉଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ରାଜ୍ୟଗୁଡ଼ିକ ଅକ୍ସିଜେନ ସିଲିଣ୍ଡର, ଆଇସୋଲେଶନ୍ ବେଡ୍, ଭେଣ୍ଟିଲେଟର ଏବଂ ଜରୁରିକାଳୀନ ଔଷଧ ସହିତ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, କରୋନା ସଂକ୍ରମଣର ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ, ଅକ୍ସିଜେନ୍ ସପ୍ଲାଏର ମକ୍‌ଡ୍ରିଲ୍ କରାଯାଇଛି। ଏଥିସହ ଜରୁରିକାଳୀନ ଔଷଧ ଏବଂ ଚିକିତ୍ସା ବ୍ୟବସ୍ଥାକୁ ନେଇ ମଧ୍ୟ ମକ୍‌ଡ୍ରିଲ୍ କରାଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ କରୋନାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି। ଅକ୍ସିଜେନ୍ ସପ୍ଲାଏ ଏବଂ ଅନ୍ୟାନ୍ୟ ଆବଶ୍ୟକ ଚିକିତ୍ସାର ମକ୍‌ଡ୍ରିଲ୍ କରାଯାଇଛି। ଅପରପକ୍ଷେ ରାଜ୍ୟରେ ଏବେ ଦେଖାଦେଉଥିବା କୋଭିଡ୍ ସ୍ଥିତିକୁ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସଂକ୍ରମିତ ଚିହ୍ନଟ ବ୍ୟକ୍ତିମାନେ ସଙ୍ଗରୋଧରେ ରହିବା ସହ ଗହଳିରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି।

**ରାଜ୍ୟରେ ଅକ୍ସିଜେନ୍ ସପ୍ଲାଏ, ଚିକିତ୍ସା ବ୍ୟବସ୍ଥାର ହେଲା ମକ୍‌ଡ୍ରିଲ୍**




# ପିଏମ୍ଏୱାଇରେ ହିତାଧିକାରୀଙ୍କୁ ଦିଆଯିବ ମାଗଣା ୨ ଟ୍ରାକ୍ଟର ବାଲି

ଭୁବନେଶ୍ୱର,୭।୬(ସୁନିତ୍ ମିଶ୍ର)

■ ହାଇୱାରେ ବାଲି ଚାଲାଣକୁ ବନ୍ଦ କରାଯିବ
■ ବାଲି ମାଫିଆଙ୍କୁ ରୋକିବାକୁ ଆସିବ ଏସ୍ଓପି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ରେ ହିତାଧିକାରୀଙ୍କୁ ମାଗଣାରେ ୨ ଟ୍ରାକ୍ଟର ବାଲି ସରକାର ଦେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ହିତାଧିକାରୀମାନେ ଯେଭଳି ଘର ତିଆରି କରିବାକୁ ଶସ୍ତାରେ ବାଲି ପାଇବେ ସେଥିପାଇଁ ସରକାର ଯୋଜନା କରୁଛନ୍ତି। ଏନେଇ ଡ୍ରାଫ୍ଟ ପ୍ରସ୍ତୁତ ସରିଥିବା ବେଳେ ପରମିଟ୍ ଇସ୍ୟୁ କରାଯିବ।

ଗଣମାଧ୍ୟମକୁ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି, ଏଣିକି ହାଇୱା ବଦଳରେ ବାଲି ଉଠାଣ ପାଇଁ ଅନ୍ୟ ଗାଡ଼ି ବ୍ୟବହାର କରାଯିବ। ହାଇୱା ବ୍ୟବହାର ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ କ୍ଷତିଗ୍ରସ୍ତ ହେଉଛି। ହାଇୱା ଉପରେ ୪୦ ଟନ୍ ବାଲି ଲୋଡ୍ ନେଇ ଯିବା ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କର କ୍ଷତି ହେଉଛି। ଏଣୁ ବାଲି ଉଠାଣ ପାଇଁ କେଉଁ ଗାଡ଼ି ବ୍ୟବହାର ହେବ ଓ କେତେ ବାଲି ଉଠାଇପାରିବେ ଏଥିପାଇଁ ଏସ୍ଓପି ପ୍ରସ୍ତୁତ ହେଉଛି। ସେହିପରି କପ୍ତିପଦାରେ ଅତିରିକ୍ତ ତହସିଲଦାରଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣାକୁ ନିନ୍ଦାକରି ମନ୍ତ୍ରୀ ପୂଜାରୀ କହିଛନ୍ତି, ଏହି ଘଟଣା ଆଦୌ ସ୍ୱାଭାବିକ ନୁହେଁ। ସରକାରୀ ଅଧିକାରୀଙ୍କୁ ଯେଉଁଭଳି ବାଲି ମାଫିଆ ଆକ୍ରମଣ କଲେ ତାହା ଗ୍ରହଣୀୟ ନୁହେଁ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜଧର୍ମରେ କାହାରି ମୁହଁ ଦେଖାଯାଏ ନାହିଁ। ଓଡ଼ିଶାକୁ ବିହାର କି ବେଙ୍ଗଲ କରିବାକୁ ଦିଆଯିବ ନାହିଁ। ବାଲିମାଫିଆ ଓ ଚୋରି ପାଇଁ ଏସ୍ଓପି ଆସିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ଏନେଇ ଖଣି, ଜଳ ସମ୍ପଦ ଆଦି ବିଭାଗ ସହ ଆଲୋଚନା ହୋଇଛି। ଏହା ବ୍ୟତୀତ ଉକ୍ତ ଘଟଣାକୁ ନେଇ କ୍ୟାବିନେଟ୍‌ରେ ମଧ୍ୟ ଆଲୋଚନା ହୋଇଥିଲା।

# ଓମାନରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ରେମୁଣା,୭।୬(ରବୀନ୍ଦ୍ର ମହାକୁଡ଼)

**ମୃତଦେହ ଆଣିବା ପାଇଁ ଜିଲାପାଳଙ୍କୁ ଗୁହାରି**




ନିତ୍ୟାନନ୍ଦଙ୍କ ଫାଇଲ୍ ଫଟୋ (ବାମ)। ନିତ୍ୟାନନ୍ଦଙ୍କ ପରିବାର ଲୋକେ ଓ ଗ୍ରାମବାସୀ।

ଓମାନରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ଅନନ୍ତପାଣି ଗାଁର ନିତ୍ୟାନନ୍ଦ ମହାଲିକ(୪୭)। ସେ ଓମାନର ଏକ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ଆଣିବା ପାଇଁ ପରିବାର ଲୋକ ଓ ଗ୍ରାମବାସୀ ଜିଲାପାଳଙ୍କୁ ଗୁହାରି କରିଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ନରେ ନିତ୍ୟାନନ୍ଦ ତାଙ୍କ ସ୍ତ୍ରୀ ଅନୁପମାଙ୍କୁ ଫୋନ୍ କରି ଦେହ ଖରାପ ଲାଗୁଥିବା କହିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଥିଲା। ଶନିବାର ଏହି ଘଟଣା ଜାଣିବା ପରେ ରେମୁଣାର ଭାରପ୍ରାପ୍ତ ବିଡିଓ ଉତ୍ତମ କୁମାର ଜେନା ଜିଲାପାଳଙ୍କ ସହ ଯୋଗାଯୋଗ କରି ପରିବାର ଲୋକଙ୍କୁ ଡାକିଥିଲେ। ମରଶରୀର ଓମାନରୁ ବିମାନ ଯୋଗେ ଫେରାଇ ଆଣିବା ଲାଗି ବ୍ୟବସ୍ଥା ପାଇଁ ଓମାନସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରାଯାଇ ଆବଶ୍ୟକ କାଗଜପତ୍ର ପ୍ରେରଣା କରାଯାଇଛି। ବିଡିଓ ଜେନା କହିଛନ୍ତି, କ୍ୟାଟେରିଂ ଗ୍ରୁପ୍ ପକ୍ଷରୁ ଶୁକ୍ରବାର ଭୋଜିଭାତର ଆୟୋଜନ କରାଯାଇଥିଲା। ଖାଦ୍ୟ ଖାଇବା ପରେ ନିତ୍ୟାନନ୍ଦ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ବି ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଉକ୍ତ କ୍ୟାଟେରିଂ ସଂସ୍ଥା ପକ୍ଷରୁ ସୂଚିତ କରାଯାଇଛି। ଓମାନରେ ଏବେ ତିନିଦିନିଆ ଜାତୀୟ ଛୁଟି ଚାଲିଥିବାରୁ ସମସ୍ତ ପ୍ରକ୍ରିୟା ପୂରଣ ପରେ ମଙ୍ଗଳବାର କିମ୍ବା ବୁଧବାର ମୃତଦେହ ଫେରିବା ସମ୍ଭାବନା ରହିଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ମୃତଦେହ ଗ୍ରହଣ ପାଇଁ ସ୍ତ୍ରୀ ଅନୁପମା ନିଜର ସ୍ୱୀକୃତି ଦେଇଥିବା ସୂଚନା ମିଳିଛି। ନିତ୍ୟାନନ୍ଦଙ୍କ ୩ ସନ୍ତାନଙ୍କ ମଧ୍ୟରେ ବଡ଼ ପୁଅ ସୁରଜ (୨୧) ଦିବ୍ୟାଙ୍ଗ, ମଝିଆ ରୋହିତ (୧୯) ଏବଂ ଝିଅ ସୁଲେଖା (୫) ଅଛନ୍ତି। ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ବ୍ୟବସ୍ଥା କରାଯାଉଥିବା ବିଡିଓ ଜେନା କହିଛନ୍ତି।

# ଜଳସେଚନରେ ସମୃଦ୍ଧ ହେବ ସୁବର୍ଣ୍ଣପୁର: ମୁଖ୍ୟମନ୍ତ୍ରୀ

ସୋନପୁର,୭।୬(ମୃତ୍ୟୁଞ୍ଜୟ ଶତପଥୀ)

**୩୨୩ କୋଟିର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ**

**ଜିଲାରେ ହେବ ୪ ନଦୀଗର୍ଭ ଜଳାଶୟ**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋନପୁର ସର୍କିଟ୍ ହାଉସ କୋଠା ଉଦ୍‌ଘାଟନ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଅପରାହ୍ନରେ ସୁବର୍ଣ୍ଣପୁରଠାରେ ପ୍ରାୟ ୩୨୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୫୬ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୮୦ କୋଟି ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୨୪୪ କୋଟି ଟଙ୍କା ମୂଲ୍ୟର ୪୫ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଡ଼କ ନିର୍ମାଣ, ଜଳସେଚନ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟସେବା ପ୍ରକଳ୍ପ, ମେଗା ଉଠାଜଳସେଚନ ପ୍ରକଳ୍ପ ଓ ଛାତ୍ରାବାସ ଆଦି ରହିଛି।

ସହରସ୍ଥିତ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ଜନ ସମାବେଶରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଜୁହାରରୁ ଭାଷଣ ଆରମ୍ଭ କରି ଜିଲାର ଇଷ୍ଟଦେବୀ ସୁରେଶ୍ୱରୀ, ଇଷ୍ଟଦେବ ସୁବର୍ଣ୍ଣମେରୁ ଓ ପାତାଳି ଶ୍ରୀକ୍ଷେତ୍ରର ମହାପ୍ରଭୁଙ୍କୁ ପ୍ରଣାମ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆ ସରକାର ଆସିବା ପରେ ଲୋକଙ୍କ ବ୍ୟଥାକୁ ଶୁଣିବା ଓ ତା'ର ସମାଧାନ କରିବା ପାଇଁ ଉଦ୍ୟମ ଜାରି ରହିଛି। ଚାଷୀଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ପାଇଁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା କରାଯାଇଛି। ପିଏମ୍ କିଶାନ ଓ ସିଏମ୍ କିଶାନରେ ବର୍ଷକୁ ୧୦ ହଜାର ଟଙ୍କା ଦିଆଯାଉଛି। ଅଦିନିଆ ବର୍ଷାରେ ଫସଲ କ୍ଷତିଗ୍ରସ୍ତ ହେଲେ ଚାଷୀ କିଭଳି କ୍ଷତିପୂରଣ ପାଇବେ ଆମ ସରକାର ସେ ବ୍ୟବସ୍ଥା କରିଛନ୍ତି। ଜିଲାରେ ପ୍ରବାହିତ ହେଉଥିବା ନଦୀଗୁଡ଼ିକୁ ଆପଣମାନଙ୍କ କାମରେ ଲଗାଯିବ। ମହାନଦୀର ଖଇରମାଳ ଓ ଗୋଧନେଶ୍ୱରଠାରେ ଏବଂ ବୀରମହାରାଜପୁର ବ୍ଲକର ହରିହରଯୋର ଓ ସୁରୁବାଲିଯୋରରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର (ଆଇଏସ୍ଏସ୍) ଖୁବ୍‌ଶୀଘ୍ର ନିର୍ମାଣ ହେବ। ଏହାଦ୍ୱାରା ଜଳସେଚନରେ ସୁବର୍ଣ୍ଣପୁର ଜିଲା ସମୃଦ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ମିଳୁଥିବା ସହାୟତା ରାଶିର ସଠିକ୍ ବିନିଯୋଗ ହେଉଛି। ସେମାନଙ୍କୁ ଆହୁରି ସଶକ୍ତ କରିବାକୁ ପଡିବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଆମେ ପ୍ରତିଶ୍ରୁତି ଦେଇଥିବା ୨୧ଟି କାର୍ଯ୍ୟକ୍ରମ ମଧ୍ୟରୁ ଏକ ବର୍ଷ ଭିତରେ ୧୧ଟି କାର୍ଯ୍ୟକାରୀ କରିଛୁ। ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ମାନଚିତ୍ରରେ ସୁବର୍ଣ୍ଣପୁର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପରେ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ସନ୍ଥକବି ଭୀମ ଭୋଇଙ୍କ ସିଦ୍ଧି ଓ ସାଧନା ପାଇଁ ଏବଂ ଏଠାରେ ଜଗନ୍ନାଥ ପାତାଳି ହୋଇଥିବାରୁ ଏହି ମାଟି ପବିତ୍ର ହୋଇଛି। ଆଗାମୀ ଦିନରେ ଜିଲାକୁ ସୁନାରେ ପରିଣତ କରାଯିବ। ଜିଲାର ବିକାଶ ପାଇଁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି କହିଥିଲେ। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଅପରେଶନ ସିନ୍ଦୂର, ଓଡ଼ିଶାରେ ରେଳପଥ ଓ ଜାତୀୟ ରାଜପଥର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଓ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାପାଳ ଅନ୍ୟା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଦେଶ ଓ ସହାୟତା ବଣ୍ଟନ କରିଥିଲେ।

# ୨୦ରେ ଆସିବେ ମୋଦି, ଘୁଞ୍ଚିଲା ସରକାରଙ୍କ ବର୍ଷପୂର୍ତ୍ତିର ୧୨ ତାରିଖ କାର୍ଯ୍ୟକ୍ରମ

ଭୁବନେଶ୍ୱର,୭।୬(ସୁନିତ୍ ମିଶ୍ର)

ଭାଜପା ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବର କାର୍ଯ୍ୟକ୍ରମ ଆସନ୍ତା ୧୨ ନୁହେଁ, ୨୦ ତାରିଖରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦ ତାରିଖକୁ ସମୟ ଦିଆଯିବାରୁ ଏହି ଅବଧିରେ ପରିବର୍ତ୍ତନ ହୋଇଛି। ପୂର୍ବରୁ ଉକ୍ତ କାର୍ଯ୍ୟକ୍ରମ ୧୨ରେ ଜନତା ମଇଦାନଠାରେ ହେବ ବୋଲି ସ୍ଥିର ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ଆସିବା ଲାଗି ୧୧ କିମ୍ବା ୧୨ ତାରିଖ ମଧ୍ୟରୁ କୌଣସି ସମୟ ଦେବାକୁ ରାଜ୍ୟ ସରକାର ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରଥମରୁ ହିଁ ୨୦ ତାରିଖ ପାଇଁ ସମୟ ଦେଇଥିଲେ। ହେଲେ ୧୧ କିମ୍ବା ୧୨ ଏହା ଭିତରୁ ଯଦି କିଛି ସୁବିଧା ହୁଏ ତେବେ ଜଣାଇବେ ବୋଲି କହିଥିଲେ। ଏହି ଦୁଇଟି ତାରିଖ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଅନ୍ୟ କାର୍ଯ୍ୟକ୍ରମ ରହିଥିବାରୁ ୨୦ ପାଇଁ ଗ୍ରୀନ୍ ସିଗ୍‌ନାଲ ମିଳିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କିତ ଦ୍ୱନ୍ଦ୍ୱ ଦୂର ହୋଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ୨୦ରେ ଆସିବାକୁ ସ୍ଥିର ହୋଇଛି। ତେଣୁ ୧୨ରେ ହେବାକୁ ଥିବା ବର୍ଷପୂର୍ତ୍ତିର ମୁଖ୍ୟ କାର୍ଯ୍ୟକ୍ରମ ୨୦କୁ ଘୁଞ୍ଚିଯାଇଛି।

# ୭ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୭।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡ଼ା ଜିଲା ପୋଲିସ ନିକଟରେ ୭ ମାଓବାଦୀ ଶନିବାର ପୋଲିସ ଅଧୀକ୍ଷକ ଗୌରବ ରାୟ ଓ ସିଆର୍‌ପିଏଫ୍ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୫୦ ହଜାର ଟଙ୍କା ପୁରସ୍କାର ଘୋଷିତ ଜୁଗଲୁ ଓରଫ ସୁଣ୍ଡୁମ କବାସୀ ଓ ଦଶା ଓରଫ ବୁରଫୁ ହଡ଼ିଅମ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭେଜା ରାମ ମାଡ଼ବି, ଲଖମା ଓରଫ ସୁଡି ମରକମ୍, ରାତୁ ଓରଫ ଓଠେ କବାସୀ, ସୁଖରାମ ପଡିଅମ ଓ ପାଣ୍ଡୁରୁ ରାମ ପଡିଅମ ରହିଛନ୍ତି। ସମସ୍ତେ ସଙ୍ଗଠନରେ ମିଲିସିଆ ଭାବେ କାର୍ଯ୍ୟ କରି ଆସୁଥିବା କହିଛନ୍ତି।

ସୂଚନା ଅନୁଯାୟୀ, ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ଅଧୀକ୍ଷକ କହିଛନ୍ତି। ଏମାନେ କହିଛନ୍ତି, ସଙ୍ଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଅନ୍ୟପଟେ ଛତିଶଗଡ଼ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସେମାନେ ଅନୁପ୍ରାଣିତ ହୋଇଥିବା କହିଛନ୍ତି।

# ୮ ଟଙ୍କାରେ କେଜିଏ ଆଳୁ

ବୈଶିଙ୍ଗା,୭।୬(ରତନ ଦାଶ)



ଲୋକେ ଆଳୁ ବସ୍ତା କିଣି ନେଉଛନ୍ତି।

୮ଟଙ୍କାରେ ମିଳୁଛି କେଜିଏ ଆଳୁ। ଯିଏ ଶୁଣିଲେ ସିଏ ଦୌଡ଼ିଲେ, ଯେତେ ପାରିଲେ ବୋହିନେଲେ। ଆଳୁ ବସ୍ତା ପ୍ରତି ୪୦୦ ଟଙ୍କା ଶୁଣି ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଲା। ଶୁକ୍ରବାର ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପଣସିଆ ଅଞ୍ଚଳରେ।

ସୂଚନା ଅନୁଯାୟୀ, ଭୋରୁ ଭୋରୁ ଏକ ଆଳୁ ଟ୍ରକ ଆସି ପଣସିଆ ଛକରେ ଛିଡ଼ା ହୋଇ ରହିଥିଲା। ପଚାଶ କିଲୋ ଆଳୁ ବସ୍ତାକୁ ମାତ୍ର ଚାରିଶହ ଟଙ୍କା ବୋଲି ଡାକ ମରାହେଲା। ଏ କଥାକୁ ଶୁଣି କିଏ ସାଇକେଲରେ ବୋହି ନେଲେ ତ କିଏ ଟ୍ରଲିରେ। ଆଉ କିଏ ଅଟୋ କରି ମଧ୍ୟ ବୋହିନେଲେ। ଶସ୍ତାରେ ଆଳୁ ପାଇ ଲୋକଙ୍କ ଖୁସି କହିଲେ ନ'ସରେ। ବଜାରରେ ଆଳୁ କିଲୋ କୋଡିଏ ଟଙ୍କା ଥିବା ବେଳେ ମାତ୍ର ୮ ଟଙ୍କାରେ ମିଳିଲା କେଜିଏ ଆଳୁ। ଏହି ପରି ଗତ ସପ୍ତାହେ ହେଲାଣି କିଛି ପଶ୍ଚିମବଙ୍ଗର ଆଳୁବ୍ୟବସାୟୀ ଓଡ଼ିଶା ସୀମାନ୍ତ ବିଭିନ୍ନ ଗାଁ ବଜାରରେ ଆଳୁ ଆଣି ବିକ୍ରି କରୁଥିବା ଜଣାପଡ଼ିଛି। ଏହି ଆଳୁ ଟ୍ରକ ଲାଗିବା ମାତ୍ରେ ଲୋକେ ଭିଡ଼ ଲଗାଇ କିଣୁଥିବା ଦେଖିବାକୁ ମିଳିଛି। ତେବେ ଏହି ଅଞ୍ଚଳର ଆଳୁ ବ୍ୟବସାୟୀଙ୍କୁ ଏ ବାବଦରେ ପଚାରିବାରୁ ସେମାନଙ୍କ କହିବା କଥା ପଶ୍ଚିମବଙ୍ଗ ରାଜ୍ୟରେ ନୂଆ ଆଳୁ ଅମଳ ହୋଇସାରିଛି। ଏହାକୁ ରଖିବା ପାଇଁ ଶୀତଳଭଣ୍ଡାରରେ ଜାଗା ନାହିଁ। ତେଣୁ ଏଭଳି ସ୍ଥିତିରେ ପୁରୁଣା ଆଳୁକୁ କାଢିଆଣି ଶସ୍ତାରେ ଖୋଲା ବଜାରରେ ବିକିବାକୁ ବାଧ ହେଉଥିବା ବ୍ୟବସାୟୀ କହିଛନ୍ତି।

# ତାଇୱାନ ଚାଓୟାଙ୍ଗ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ୬୮ତମ ସମ୍ମାନସୂଚକ ଡକ୍ଟରେଟ

ଭୁବନେଶ୍ୱର,୭।୬(ଅନୁରାଧା ମହାରଣା)



ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ତାଇୱାନ୍‌ର ଚାଓୟାଙ୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ସିୱାଇୟୁଟି) ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ଶନିବାର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଆନୁଷ୍ଠାନିକ ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଡ. ସାମନ୍ତଙ୍କ ୬୮ତମ ସମ୍ମାନସୂଚକ ଡକ୍ଟରେଟ। ଏଥିପାଇଁ ସିୱାଇୟୁଟିର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ସାମନ୍ତଙ୍କ ନାମ ସୁପାରିସ କରିବା ପରେ ନିଷ୍ପତ୍ତି ହୋଇଥିଲା। ସମାବର୍ତ୍ତନ ସମାରୋହରେ ଡ. ସାମନ୍ତ ଚାଓୟାଙ୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅତିଥିଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନ ଗ୍ରହଣ କରିବା ଅବସରରେ ଡ. ସାମନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ମୁଁ ନିରନ୍ତର କାମ କରିଆସୁଛି। ଏହି ସମ୍ମାନ ଏ କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସଭାପତି ତାଓ-ମିଙ୍ଗ ଚେଂଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ବିଦ୍ୱାନ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି– ଯାହାକିଛି ରହିଛି ପ୍ରତାରଣା, ଛଳନା– ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍ପାପର, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ। –ଶ୍ରୀମା



# ପ୍ରଳୟର ନିକଟତର



ଆକାର ପଟେଲ

ବିପଜ୍ଜନକ ପ୍ରଯୁକ୍ତି ମାଧ୍ୟମରେ ମଣିଷ କେତେ ଶୀଘ୍ର ପୃଥିବୀକୁ ଧ୍ୱଂସ କରିବା ପାଇଁ ଯାଉଛି ସେ ସମ୍ପର୍କରେ ସତର୍କ କରିଦିଏ ଡୁମ୍ସଡେ କ୍ଲକ୍ ବା ପ୍ରଳୟ ଘଡ଼ି। ମଧ୍ୟରାତ୍ର(ବୈଶ୍ୱିକ ମହାବିନାଶ) ଆଉ କେତେ ସମୟ ବାକି ଅଛି ତାହାକୁ ବିଶେଷଜ୍ଞମାନେ ଏହି ଘଡ଼ିରେ ଦର୍ଶାଇଛନ୍ତି। ୧୯୪୭ରେ ଅର୍ଥାତ୍ ଭାରତ ସ୍ୱାଧୀନତା ପାଇବା ବର୍ଷ, ଯେତେବେଳେ ବିଶ୍ୱରେ ଆଣବିକ ଅସ୍ତ୍ରଶସ୍ତ୍ର ବଡ଼ ବିପଦ ଭାବେ ଉଭା ହୋଇଥିଲା ସେତେବେଳେ ଏହି ଘଡ଼ି ସୃଷ୍ଟି କରାଯାଇଥିଲା। ଏହାର ଦୁଇ ବର୍ଷ ପୂର୍ବରୁ ଜାପାନର ହିରୋସୀମା ଓ ନାଗାସାକୀ ଉପରେ ପରମାଣୁ ବୋମା ପକାଯାଇଥିଲା ଏବଂ ସୋଭିଏତ୍ ତାହାର ପରମାଣୁ ବୋମା ତିଆରି କରୁଥିଲା। ୧୯୪୯ରେ ସୋଭିଏତ୍ ପରମାଣୁ ବୋମା ତିଆରି କରିବା ପରେ ୧୯୫୨ରେ ଇଂଲଣ୍ଡ ଓ ୧୯୬୦ରେ ଫ୍ରାନ୍ସ ଓ ୧୯୬୪ରେ ଚାଇନା ଏହାର ଅଧିକାରୀ ହୋଇଥିଲେ। ଭାରତ ୧୯୭୪ରେ ଓ ପାକିସ୍ତାନ ୧୯୯୦ ଦଶକରେ ଏ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିଥିଲେ। ଇସ୍ରାଏଲ, ଉତ୍ତର କୋରିଆ ପାଖରେ ମଧ୍ୟ ଏହି ଅସ୍ତ୍ର ଅଛି। ୧୯୮୦ ଦଶକରେ ମୁଁ ଯେତେବେଳେ ଆମେରିକାରେ ପଢୁଥିଲି ସେତେବେଳେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ରଣନୀତିକ ପ୍ରତିରକ୍ଷା କାର୍ଯ୍ୟକ୍ରମ ବା ଷ୍ଟାର ୱାର। ଏଥିରେ ରୋନାଲ୍ଡ ରେଗାନ ପ୍ରଶାସନ ଏକ ପଦ୍ଧତି ବିକାଶ କରୁଥିଲା, ଯେଉଁଥିରେ ଆମେରିକାକୁ ଆସୁଥିବା କ୍ଷେପଣାସ୍ତ୍ରକୁ ନଷ୍ଟ କରିଦେବାର କ୍ଷମତା ରହିଥିଲା। ଏହା କରି ଆମେରିକା ତାହାର ଆକ୍ରମଣାତ୍ମକ କ୍ଷମତା ବୃଦ୍ଧି କରୁଥିଲା। ଏହା ସମ୍ଭବତଃ ପ୍ରଳୟ ଘଡ଼ିକୁ ଆଗକୁ ବଢ଼ାଇଛି। ୧୯୯୧ରେ ସୋଭିଏତ୍ ସଂଘର ପତନ ଘଟିବା ପରେ ପ୍ରଳୟ ଘଡ଼ିର କଣ୍ଟା ମଧ୍ୟରାତ୍ରରୁ ୧୭ ମିନିଟ ପଛକୁ ଆସି ସବୁଠୁ ଦୂରରେ ରହିଥିଲା। ଆଣବିକ ଅସ୍ତ୍ରଶସ୍ତ୍ର ବିପଦ ଅତ୍ୟଧିକ କମିଯାଇଥିଲା। ୧୯୯୧ ପୂର୍ବରୁ, ଏବକା ତୁଳନାରେ ଆଣବିକ ଅସ୍ତ୍ରକୁ ନେଇ ଅନେକ ରିପୋର୍ଟ, ସମୀକ୍ଷା ପ୍ରକାଶ ପାଇବା ସହ ବହୁ ନାଗରିକ ସମାଜ ଗୋଷ୍ଠୀ (ପୁଗୱାଶ ଭଳି)ଥିଲେ ଏବଂ ଅଧିକ ସକ୍ରିୟତା ସାମ୍ନାକୁ ଆସିଥିଲା। କିନ୍ତୁ ବର୍ତ୍ତମାନ ପ୍ରଳୟ ଘଡ଼ି ଗଢ଼ିଥିବା ବିନାଶର ଆକଳନ କରୁଥିବା ବିଶେଷଜ୍ଞଙ୍କ ସଂଖ୍ୟା ୧୮ ବୋଲି ଏହାର ୱେବ୍‌ସାଇଟରୁ ଜଣାପଡ଼ିଛି ଏବଂ ଏଥିରୁ ଦକ୍ଷିଣ ଏସିଆରୁ ୩ ଜଣ (ଜଣେ ଦିଲ୍ଲୀ ଆଇଆଇଟି ପ୍ରାଧ୍ୟାପକ) ଅଛନ୍ତି।

ଦୁଇ ଦଶନ୍ଧି ପୂର୍ବରୁ, ପ୍ରଳୟ ଘଡ଼ି ଜଳବାୟୁ ପରିବର୍ତ୍ତନ ଭଳି ଅନ୍ୟ ବିପଦଗୁଡ଼ିକୁ ସାମିଲ କରିବା ଆରମ୍ଭ କରିଥିଲା। କିନ୍ତୁ ଏବେ ନୂଆ ବିପଦ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ଯୋଡ଼ିଛି। ମଣିଷ ସମାଜ ନିଜର ବିନାଶ ପାଇଁ ସବୁପ୍ରକାର ନୂତନ ଆବିଷ୍କାରକୁ ଗତିଶୀଳ କରିଛି। ଚଳିତବର୍ଷ ଆରମ୍ଭରୁ, ୨୮ ଜାନୁଆରୀରେ ବିଶେଷଜ୍ଞମାନେ ଦର୍ଶାଇଥିଲେ, ୧୯୪୭ରେ ଆମେ ପ୍ରଳୟଠାରୁ ଯେତିକି ଦୂରରେ ଥିଲୁ ତାହା ତୁଳନାରେ ୨୦୨୫ରେ ସବୁଠୁ ନିକଟତର ହୋଇଛୁ। ଅର୍ଥାତ୍ ମହାବିନାଶକୁ ଆଉ ୮୯ ସେକେଣ୍ଡ ବାକି ଅଛି। ୨୦୨୪ରେ ବିନାଶର ନିକଟତର ହୋଇଥିଲା ମାନବସମାଜ। ତେବେ ସାଇନ୍ସ ଆଣ୍ଡ୍ ସିକ୍ୟୁରିଟି ବୋର୍ଡକୁ ଗଭୀର ଚିନ୍ତାରେ ପକାଇବା ଭଳି ଧାରା ଲାଗିରହିଛି। ବିପଦର ସଙ୍କେତ ସତ୍ତ୍ୱେ ବିଭିନ୍ନ ଦେଶର ନେତାମାନେ ଏହି ଧାରାରେ ପରିବର୍ତ୍ତନ ଆଣିବାରେ ବିଫଳ ହୋଇଛନ୍ତି। ଫଳରେ ଆମେ ପ୍ରଳୟ ଘଡ଼ିର ମଧ୍ୟରାତ୍ରଠାରୁ ୯୦ ସେକେଣ୍ଡ ବଦଳରେ ୮୯ ସେକେଣ୍ଡ ପଛରେ ରହିଛୁ, ଯାହା ପ୍ରଳୟର ସବୁଠୁ ନିକଟତର। ଆଶା କରୁଛୁ ଯେ, ପୃଥିବୀ ଅସ୍ତିତ୍ୱ ପ୍ରତି ଦେଖାଯାଇଥିବା ବିପଦକୁ ନେତାମାନେ ସ୍ୱୀକାର କରିବା ସହ ଅଣୁଅସ୍ତ୍ର, ଜଳବାୟୁ ପରିବର୍ତ୍ତନ, ଜୀବ ବିଜ୍ଞାନର ବ୍ୟାପକ ଅପବ୍ୟବହାର ଏବଂ ପ୍ରଯୁକ୍ତିଗତ ନୂତନତ୍ୱର ବିପଦକୁ ହ୍ରାସ କରିବା ପାଇଁ ଦୃଢ଼ ପଦକ୍ଷେପ ନେବେ। ତେବେ ୨୮ ଜାନୁଆରୀ ପରଠାରୁ ଅନେକ କିଛି ଘଟି ସାରିଲାଣି। ରୁଷିଆର ବିମାନ ଘାଟିରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ ତା' ବାୟୁସେନାର ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଧ୍ୱଂସ କରିଦେବା ଯୋଗୁ ଯୁଦ୍ଧ ଗମ୍ଭୀର ହୋଇପଡ଼ିଛି। ଗାଜାରେ ଇସ୍ରାଏଲ ଗଣହତ୍ୟା ଜାରି ରହିଛି ଏବଂ ସେଠାକାର ଲୋକମାନେ କ୍ଷୁଧାର ସାମ୍ନା କରୁଛନ୍ତି। ଏହା ସହ ଲେବାନନ୍ ଓ ୟେମେନ ସହ ମଧ୍ୟ ଯୁଦ୍ଧ କରୁଛି। ଏତିକିବେଳେ ଏଭଳି ଜଣେ ନେତା ଆମେରିକାର ନେତୃତ୍ୱ ନେଇଛନ୍ତି, ଯାହାଙ୍କ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ଆକଳନ କରାଯାଇ ନ ପାରେ। ବାଣିଜ୍ୟଠାରୁ ଆରମ୍ଭ କରି ତାଇୱାନ ଘଟଣାକୁ ନେଇ ଚାଇନା ବିରୋଧରେ ଆମେରିକା ସୃଷ୍ଟି କରିଥିବା ଉତ୍ତେଜନା ବଢ଼ିଚାଲିଛି। ଅବଶ୍ୟ କିଛି ସପ୍ତାହ ପୂର୍ବରୁ ଭାରତ ଲଢ଼ିଥିବା ଏକ ଯୁଦ୍ଧ ପରମାଣୁ ସଂଘର୍ଷ ଆଡ଼କୁ ମୁହାଁଇଥିଲା ବୋଲି ଆମେରିକା ରାଷ୍ଟ୍ରପତି ଲଗାତର ଦାବି କରି ଆସୁଛନ୍ତି। ଏସବୁ ବିପଦ ସହ ଆମକୁ ଜଳବାୟୁ ପରିବର୍ତ୍ତନ ଏବଂ ଏଆଇ ବିପଦକୁ ସାମିଲ କରିବାକୁ ପଡ଼ିବ। ଏଆଇ ବିକାଶ ଅତି ଦ୍ରୁତ ଗତିରେ ହେଉଛି ଏବଂ ଏହା କେଉଁ ଧରଣର ବିପଦ ଆଣିବ ସେ ସମ୍ପର୍କରେ କେହି ବିଚାର କରୁନାହାନ୍ତି। ପ୍ରଯୁକ୍ତିବିତ୍‌ମାନେ ଏ ସମ୍ପର୍କରେ ଗମ୍ଭୀରତା ପ୍ରକାଶ କରୁ ନ ଥିବାରୁ ଏଆଇ ବିପଦ ସମ୍ପର୍କରେ ଚିନ୍ତା କରିବା ଆମ ପାଇଁ ସହଜ ନୁହେଁ। ସୋସିଆଲ ମିଡିଆରେ ମିଥ୍ୟା ତଥ୍ୟ ପ୍ରଚାର କରିବାରେ ଏବଂ ସେନାରେ ଡ୍ରୋନ୍‌ର ବ୍ୟବହାର କ୍ଷେତ୍ରରେ ଏଆଇର ଭୂମିକା ଆମକୁ ସୂଚେଇ ଦେଇଛି ଯେ, ଭଲ ଅପେକ୍ଷା ଖରାପ ପରିଣାମ ଆସିବାର ଅଧିକ ଆଶଙ୍କା ରହିଛି।

ମନେରଖିବା ଦରକାର, ଆମେ ଆଉ ଏକ ସମ୍ଭାବ୍ୟ ମହାମାରୀ କିମ୍ବା କିଛି ହାତଗଣତି ଅତି ଧନୀ ବିଶେଷ ଏବଂ ଅନେକ କୋଟି ଗରିବଙ୍କ ପୃଥିବୀରେ ଆସିବାକୁ ଥିବା ଅରାଜକତା ଓ ଅଶାନ୍ତି ଉପରେ ଆଲୋଚନା କରିନାହୁଁ। ଏହି ପରିପ୍ରେକ୍ଷୀରେ ପ୍ରଳୟ ଘଡ଼ି ସଚେତନତା ସୃଷ୍ଟି କରିବାକୁ ଚାହେଁ ଏବଂ ଅସ୍ତିତ୍ୱର ବିପଦକୁ ହ୍ରାସ କରିବା ସକାଶେ ପଦକ୍ଷେପ ନେବାକୁ ପ୍ରେରିତ କରେ। କିନ୍ତୁ ମୋ ମତରେ ଏହି କାର୍ଯ୍ୟରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଭାରତ ସମେତ ସାରା ବିଶ୍ୱରେ ଖବରଗୁଡ଼ିକୁ ଯଦି ବିଚାରକୁ ନେବା ତେବେ ସିଦ୍ଧାନ୍ତରେ ପହଞ୍ଚିବା ଯେ, ଅନ୍ୟ ଘଟଣାଗୁଡ଼ିକ ମଣିଷସମାଜକୁ ଅଧିକ ସମସ୍ୟାରେ ପକାଉଛି। ସେଥିରୁ କିଛି ବିଷୟକୁ ଅତି ଗମ୍ଭୀର ପ୍ରସଙ୍ଗ ସହ ତୁଳନା କରାଗଲେ ସେସବୁ ଗୁରୁତ୍ୱହୀନ ହୋଇପାରେ। କିନ୍ତୁ ପୃଥିବୀ ବିନାଶ ଆଡ଼କୁ ମୁହାଁଉଥିବାବେଳେ ସେଗୁଡ଼ିକ ଅଧିକାଂଶ ମାନବସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଆମକୁ ସ୍ୱୀକାର କରିବାକୁ ହେବ।

Email:aakar.patel@gmail.com

# ଗୁପ୍ତଚର ବୃତ୍ତି ଓ ବିଶ୍ୱାସଘାତକତା



ବୈକୁଣ୍ଠନାଥ ମିଶ୍ର

ପ୍ରାଚୀନ ରାଜତନ୍ତ୍ରରେ ରାଜା ଗୁପ୍ତଚର ମାଧ୍ୟମରେ ତଥ୍ୟ ସଂଗ୍ରହ କରି ରାଜ୍ୟର ବାସ୍ତବ ସ୍ଥିତି ସମ୍ବନ୍ଧରେ ଅବଗତ ହେଉଥିଲେ ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ବେଳେବେଳେ ରାଜା ନିଜେ ମଧ୍ୟ ଛଦ୍ମବେଶରେ ନଗର ଭ୍ରମଣ କରି ପ୍ରଜାଙ୍କ ସୁଖ ଦୁଃଖ ଜ୍ଞାତ ହେଉଥିଲେ। ଏପରି କି ଦୁର୍ନୀତିଗ୍ରସ୍ତ ରାଜକର୍ମଚାରୀଙ୍କ ସମ୍ବନ୍ଧରେ ଗୁପ୍ତତଥ୍ୟ ହାସଲ କରି ସମୁଚିତ ଶାସ୍ତି ବିଧାନ କରୁଥିଲେ। ରାମାୟଣର ବର୍ଣ୍ଣନା ଅନୁଯାୟୀ ଶ୍ରୀରାମ ଛଦ୍ମବେଶରେ ନଗର ଭ୍ରମଣ ଅବସରରେ ରଜକ ଦମ୍ପତିଙ୍କ କଳହ ତାଙ୍କ କର୍ଣ୍ଣଗୋଚର ହେଲା। ''ସୀତା ରାବଣ ଦ୍ୱାରା ଅପହୃତ ହୋଇ ଲଙ୍କାପୁରୀରେ ଏତେକାଳ ରହି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲା ପରେ ଯଦି ତାଙ୍କ ସତୀତ୍ୱ ଅକ୍ଷୁଣ୍ଣ ରହିଲା, ତେବେ ମୁଁ ସ୍ୱଳ୍ପକାଳ ପିତ୍ରାଳୟରେ ଅବସ୍ଥାନ କରି ଫେରିବା ପରେ କିପରି ସତୀତ୍ୱ ହରାଇଲି ?'' ଏହା ଥିଲା ରଜକୀର ପ୍ରଶ୍ନ। ନିର୍ଜନ ନିଶାର୍ଦ୍ଧରେ ଏକଥା ପ୍ରଭୁଙ୍କର ଶ୍ରୁତିଗୋଚର ହେବାକ୍ଷଣି ପରଦିନ ଅନୁଜ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ ସୀତାଙ୍କୁ ଘୋର ଅରଣ୍ୟରେ ନିର୍ବାସିତ କରିବା ପାଇଁ। ଏହାଥିଲା ଗୁପ୍ତଚର ଭାବେ ତଥ୍ୟ ସଂଗ୍ରହ କରି ପ୍ରଜାଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାର ରାଜଧର୍ମ ଓ ପ୍ରଜାମଙ୍ଗଳ ପାଇଁ ଯେକୌଣସି କଠୋର ନିଷ୍ପତ୍ତି ନେବାର ଦୃଷ୍ଟାନ୍ତ।

ଗୁପ୍ତଚର ସାଧାରଣତଃ ଦୁଇପ୍ରକାରର। ଶତ୍ରୁ ଦେଶର ଗୁପ୍ତ ତଥ୍ୟ ଆଣି ନିଜ ଦେଶରେ ଦେବା। ଏହା ଜନ୍ମଭୂମି ପ୍ରତି ଆନୁଗତ୍ୟ ଓ ଦେଶ ପ୍ରେମର ନିଦର୍ଶନ। ଅପରପକ୍ଷେ ନିଜ ଜନ୍ମଭୂମିର ସମ୍ବେଦନଶୀଳ ତଥ୍ୟକୁ ଗୁପ୍ତଭାବେ ଶତ୍ରୁରାଷ୍ଟ୍ର ହାତରେ ସମର୍ପି ଦେବା, ଯାହା ଦେଶଦ୍ରୋହର ନମୁନା। ସ୍ପଷ୍ଟ ଭାବେ କହିଲେ ଶତ୍ରୁରାଷ୍ଟ୍ରର ସମ୍ବେଦନଶୀଳ ତଥ୍ୟ ନିଜ ଦେଶକୁ ଯୋଗାଇଲେ ତାହା ହୁଏ ଦେଶପ୍ରେମ ଓ ନିଜ ଦେଶର ସମ୍ବେଦନଶୀଳ ତଥ୍ୟ ଶତ୍ରୁରାଷ୍ଟ୍ରକୁ ଯୋଗାଇଲେ ତାହା ହୁଏ ଦେଶଦ୍ରୋହ। ନିଜ ଦେଶର ଦେଶଦ୍ରୋହୀ ଶତ୍ରୁରାଷ୍ଟ୍ରରେ ସମ୍ମାନ ଲାଭକରେ। ଜଣେ ସଚ୍ଚା ଦେଶପ୍ରେମୀ ଶତ୍ରୁରାଷ୍ଟ୍ରର ଘୃଣ୍ୟ ନଜରରେ ରହେ। ସେହିପରି ଗୁପ୍ତଚର ହେଉଛି ସେହିବ୍ୟକ୍ତି ଯେ ଗୁପ୍ତରେ ନାନା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ଗୋପନରେ ଶତ୍ରୁରାଷ୍ଟ୍ରକୁ ପ୍ରଦାନ କରେ। ବିଦେଶାଗତ ଗୁପ୍ତଚର ଅପେକ୍ଷା ସ୍ୱଦେଶୀ ଗୁପ୍ତଚର ମାରାତ୍ମକ। କାରଣ ସେମାନେ ଯେ ଗୁପ୍ତଚର ଏଭଳି ସଂଶୟ ସାଧାରଣତଃ କାହା ମନରେ ସହଜରେ ହୋଇ ନ ଥାଏ। ମାତ୍ର ସମୟାନ୍ତରେ ଯଦି କୌଣସି ସୂତ୍ରରୁ ସାମାନ୍ୟ ସନ୍ଦେହ ଜାତହୁଏ ଯେ ସମ୍ପୃକ୍ତ ବ୍ୟକ୍ତିର କାର୍ଯ୍ୟଶୈଳୀ ଦେଶ ବିରୋଧୀ, ସେହି ସମୟରୁ ହିଁ ତା' ଉପରେ ଗୋଇନ୍ଦା ନଜର ଥାଏ। ଉପଯୁକ୍ତ ପ୍ରମାଣପ୍ରାପ୍ତ ହେଲେ ତାକୁ ବନ୍ଦୀ କରାଯାଏ। ପୋଲିସ ତା'ଠାରୁ ଅନେକ ତଥ୍ୟ ହାସଲ କରିବାକୁ ଉଦ୍ୟମ କରନ୍ତି ଯେ ତା ସହ ଆଉ କିଏ ଅଛି, କେଉଁ ସଂଗଠନ ଅଧୀନରେ ସେ କାର୍ଯ୍ୟକରୁଛି, ତାକୁ କି କି ସୁବିଧା ମିଳୁଛି, କେତେ ଟଙ୍କା ସେ ଏଥିରୁ ରୋଜଗାର କରୁଛି ଇତ୍ୟାଦି। ତଥ୍ୟ ଆଦାୟ କଲା ପରେ ତାକୁ ହାଜତରେ ରଖାଯାଇ ବିଚାର ପ୍ରକ୍ରିୟା ଚାଲେ। ଦୋଷୀ ସାବ୍ୟସ୍ତ ହେଲେ ଆଇପିସି ଧାରା ୩୯୮ ଅନୁଯାୟୀ ଆଜୀବନ ଜେଲ କିମ୍ବା ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇପାରେ।

ଏଠାରେ ପ୍ରଶ୍ନ ଉଠେ ଦେଶଦ୍ରୋହ ଏକ ଜଘନ୍ୟ ଅପରାଧ, ଏକଥା ଜାଣି ମଧ୍ୟ ଜଣେ ଗୁପ୍ତରେ ସ୍ୱଦେଶୀ ତଥ୍ୟ ବିଦେଶୀଙ୍କ ହାତରେ କାହିଁକି ଟେକିଦିଏ ? ଏଥିପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଚିହ୍ନିତ କରାଯାଇ ପାରେ। ପ୍ରଥମତଃ ଅଜସ୍ର ଅର୍ଥପ୍ରାପ୍ତି। ଦ୍ୱିତୀୟଟି ହେଉଛି ଯୌନଲାଳସାରେ ହନିଟ୍ରାପ୍‌ରେ ପତିତ ହେବା। ଜଣେ ନାରୀ ଶତ୍ରୁ ରାଷ୍ଟ୍ରର ସାମରିକ ଅଧିକାରୀଙ୍କୁ ଆକୃଷ୍ଟ କରେ। ସେହି ଅଧିକାରୀ ଜଣକ ମାଟି ମା'ର ମମତାକୁ ଭୁଲି ବିଦେଶୀ ଲଳନା ପ୍ରେମରେ ପଡି ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିଦେଶୀ ହାତରେ ଟେକିଦିଏ। ଏପରି ଦେଶଦ୍ରୋହୀ ଗୁପ୍ତଚର ଘଟଣା ଭାରତ ପାଇଁ ନୂଆ ନୁହେଁ। ଡିଆରଡିଓର ବୈଜ୍ଞାନିକ ମହାରାଷ୍ଟ୍ର ଜନ୍ମିତ ପ୍ରଦୀପ କରୁଲକର ହନିଟ୍ରାପ୍‌ର ବଶୀଭୂତ ହୋଇ ଏହି ସଂସ୍ଥାର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଗୁପ୍ତଚରଙ୍କୁ ପ୍ରଦାନ କରି ଆସୁଥିଲେ। ୨୦୨୩ରେ ମହାରାଷ୍ଟ୍ର ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ ତାଙ୍କୁ ଗିରଫ କରିଥିଲା। ହ୍ୱାଟ୍‌ସଆପ୍ ମେସେଜ ଓ ଭଏସ୍ କଲ ମାଧ୍ୟମରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ବହୁ ସମ୍ବେଦନଶୀଳ ତଥ୍ୟ ଦେଇସାରିଛନ୍ତି। ପାକିସ୍ତାନର ଜଣେ ସୁନ୍ଦରୀ ମହିଳାଙ୍କ ସହ ହ୍ୱାଟ୍‌ସଆପ୍ ଚାଟିଂ ମାଧ୍ୟମରେ ପ୍ରଦୀପଙ୍କର ବନ୍ଧୁତା ହୋଇଥିଲା। ଜନ୍ମମାଟି ପ୍ରତି ସମାନ ଭାବରେ ବିଶ୍ୱାସଘାତକତା



କରିଥିବା ଆଉଜଣେ ହେଲେ ଉତ୍ତରପ୍ରଦେଶର ସତ୍ୟେନ୍ଦ୍ର ସିୱାଲ, ଯାହାଙ୍କୁ ୟୁପିର ଏଟିଏସ୍ (ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍) ଗିରଫ କରିବାରେ ସଫଳ ହୋଇଛି। ସତ୍ୟେନ୍ଦ୍ର ମସ୍କୋ ଦୂତାବାସରେ କାର୍ଯ୍ୟରତ ଥାଇ ଭାରତ ପ୍ରତି କରିଥିଲେ ଚରମ ବିଶ୍ୱାସଘାତକତା।

ସେହିପରି ମାଧୁରୀ ଗୁପ୍ତା ନାମକ ଜଣେ ବୈଦେଶିକ ସେବା ଅଧିକାରୀ ଏକଦା ଭାରତର ବୈଦେଶିକ ସଚିବ ଥିଲେ ଓ ପରେ ୨୦୦୭ରେ ଇସଲାମାବାଦ୍‌ସ୍ଥିତ ଭାରତୀୟ ହାଇ କମିଶନରେ ପ୍ରେସ୍ ଓ ସୂଚନା ବିଭାଗ ଦାୟିତ୍ୱରେ ଥିଲେ। ସତେବେଳେ ମାଧୁରୀଙ୍କ ବୟସ ଥିଲା ୫୨ବର୍ଷ। ଏ ପରିଣତ ବୟସରେ ମଧ୍ୟ ପାକିସ୍ତାନୀ ଆଇଏସ୍ଆଇ ତାଲିମପ୍ରାପ୍ତ ଏଜେଣ୍ଟ ଜାମସେଦ ସହ ବନ୍ଧୁତା ସ୍ଥାପନ କରି ଭାରତର ଗୁପ୍ତତଥ୍ୟ ପ୍ରଦାନରେ ଲିପ୍ତ ଥିଲେ। ୨୦୦୮ରେ ସେ ଗିରଫ ହେଲେ ଓ ବିଚାରାଳୟରେ ଦୋଷୀ ସାବ୍ୟସ୍ତ ହୋଇ ତିନିବର୍ଷ ଜେଲଦଣ୍ଡ ଭୋଗିଲେ। ୨୦୨୧ରେ ମାଧୁରୀଙ୍କର ମୃତ୍ୟୁ ଘଟିଲା।

ଏପ୍ରିଲ ୨୨ ପହଲଗାମ୍ ମୃତ୍ୟୁ ବିଭୀଷିକା ପରେ ପାକିସ୍ତାନ ସହ ଭାରତର ତିକ୍ତତା ବଢିଚାଲିଛି। ଏହି ପରିପ୍ରେକ୍ଷୀରେ ଗଭୀର ଗୋଇନ୍ଦା ଅନୁସନ୍ଧାନର ଫଳସ୍ୱରୂପ ଯେଉଁ ମହିଳା ଗୁପ୍ତଚରଙ୍କ ନାମ ପ୍ରକଟ ହୋଇଛି ସେ ହେଉଛନ୍ତି ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଓ ଆଉ ୧୨ଜଣ। ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇକୁ କିଛି ଗୁପ୍ତ ତଥ୍ୟ ପ୍ରଦାନ କରିଥିବାର ପ୍ରମାଣ ମିଳି ସାରିଛି। ଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସର ଜଣେ ବରିଷ୍ଠ ଅଧିକାରୀ ଦାନିଶ୍‌ଙ୍କ ମାଧ୍ୟମରେ ଭାରତର ଅନେକ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଦେଇ ସାରିଛନ୍ତି। ଆମେ ଓଡ଼ିଶାବାସୀ ବିଶେଷ ଭାବେ ଜ୍ୟୋତି ମାଲହୋତ୍ରାଙ୍କ କାର୍ଯ୍ୟକଳାପ ପ୍ରତି ଅଧିକ ଧ୍ୟାନ କେନ୍ଦ୍ରିତ କରୁଛୁ– ଜ୍ୟୋତି ସହ ହାତ ମିଳାଇଛନ୍ତି ପୁରୀର ଓଡ଼ିଆ ଝିଅ ପ୍ରିୟଙ୍କା ସେନାପତି। ୨୦୨୪ ସେପ୍ଟେମ୍ବରରେ ଜ୍ୟୋତି ପୁରୀ ଭ୍ରମଣରେ ଆସି ପ୍ରିୟଙ୍କାଙ୍କ ସହ ମିଳିତ ହୋଇ ଏକତ୍ର ଭ୍ରମଣ କରିଥିବା ଜଣାପଡ଼ିଛି।

ଇଂରେଜ ଶାସନ କାଳରେ ଯେଉଁ ଭାରତୀୟମାନେ ଭାରତ ବିରୋଧୀ ମନୋଭାବ ନେଇ କିଛି ଉତ୍କୋଚ ବିନିମୟରେ ଇଂରେଜମାନଙ୍କୁ ଗୁପ୍ତ ତଥ୍ୟ ପ୍ରଦାନ କରୁଥିଲେ ସେମାନଙ୍କୁ ଇଂରେଜ ସରକାର ନମକ ହାରାମ ଭତ୍ତା ପ୍ରଦାନର ବ୍ୟବସ୍ଥା କରୁଥିଲେ। ଏହା ଲଜ୍ଜାକର ହେଲେ ବି ସେତେବେଳେ ମଧ୍ୟ କିଛିଲୋକ ଭାରତ ପାଇଁ ବିଶ୍ୱାସଘାତ କରୁଥିବାର ପ୍ରମାଣ ରହିଛି। ଜନ୍ମମାଟି ମା' ସହ ବିଶ୍ୱାସଘାତକତା ତ ଦୂରର କଥା– ଜନ୍ମମାଟି ବିରୋଧରେ କୌଣସି ପ୍ରତିକୂଳ ମନ୍ତବ୍ୟକୁ ଜଣେ ସଚ୍ଚା ଭାରତୀୟ କେବେ ସହିପାରିବ ନାହିଁ। ତା' ହୃଦୟରେ ପ୍ରତିରୋଧ ଓ ପ୍ରତିଶୋଧର ଅନିର୍ବାପିତ ବହ୍ନି ଜଳିଉଠେ। ଏତେବଡ ଜଘନ୍ୟ ଅପରାଧ କେବଳ ଜଣେ ପାପୀ ପକ୍ଷରେ ହିଁ ସମ୍ଭବ ହୋଇପାରେ। ପାପୀ ପ୍ରତି ସମୁଚିତ ଦଣ୍ଡର ଆବଶ୍ୟକତାକୁ ଦୂରେଇ ଦିଆଯାଇ ନ ପାରେ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪ ୫୦୫୪୦

# ଦେଶ ଏକ, ଶିକ୍ଷା ଅନେକ



ରବିନାରାୟଣ ସାମଲ

ଆମ ଦେଶରେ ଶିକ୍ଷା ଏକ ଯୁଗ୍ମ ତାଲିକାଭୁକ୍ତ ବିଷୟ। ତେଣୁ ଏହା ଉଭୟ ରାଜ୍ୟ ଓ କେନ୍ଦ୍ରର ନିୟନ୍ତ୍ରଣାଧୀନ। କେନ୍ଦ୍ରରେ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ଅଛି, ରାଜ୍ୟ ସରକାରଙ୍କ ଅଧୀନରେ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ବି ରହିଛି। ଏହି ଉଭୟ ମନ୍ତ୍ରଣାଳୟ ଓ ନିର୍ଦ୍ଦେଶାଳୟ ପୂରା ଶିକ୍ଷା ବ୍ୟବସ୍ଥାକୁ ନିୟନ୍ତ୍ରଣ କରନ୍ତି। ଏହା ସହ ଉପରୁ ତଳ ଯାଏ ଅନେକ ସଂସ୍ଥା, ସଂଗଠନ ଓ ବିଭାଗଗୁଡ଼ିକ ଶିକ୍ଷାଦାନ, ପାଠ୍ୟକ୍ରମ, ଶିକ୍ଷକ ତାଲିମ, ପରୀକ୍ଷା ପଦ୍ଧତି ଓ ଶିକ୍ଷାନୁଷ୍ଠାନକୁ ପରିଚାଳନା କରନ୍ତି। ଏଠାରେ କହିବା ବାହୁଲ୍ୟ ଯେ ଆମ ଦେଶରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ସହିତ ଯେତେ ଗୁଡ଼ିଏ ସଂସ୍ଥା ଓ ସଂଗଠନ ଜଡ଼ିତ ଅନ୍ୟ କୌଣସି ଦେଶରେ ପ୍ରାୟ ଦେଖିବାକୁ ମିଳେ ନାହିଁ।

ଏନ୍‌ସିଇଆର୍‌ଟି ଓ ଏସ୍‌ସିଇଆର୍‌ଟି ମୁଖ୍ୟତଃ ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତି, ଶୈକ୍ଷିକ ଗବେଷଣା, ଶିକ୍ଷକ ତାଲିମ ଆଦିର ପରିଚାଳନାକୁ ନିୟନ୍ତ୍ରଣ କରିଥାନ୍ତି। ପ୍ରଶାସନିକ କ୍ଷେତ୍ରରେ ଗଣଶିକ୍ଷା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ଶିକ୍ଷା ନିର୍ଦ୍ଦେଶାଳୟ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ, ସମ୍ବଳ କେନ୍ଦ୍ର ସଂଯୋଜକମାନେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି। ୧୯୯୬ରେ ପଞ୍ଜୀକୃତ ଓସେପା ଓ ଓପେପା ନାମରେ ଦୁଇଟି ବହିର୍ଦ୍ଦେଶୀୟ ଏନ୍‌ଜିଓ ବର୍ତ୍ତମାନ ରାଜ୍ୟର ଗଣଶିକ୍ଷା ଅଧୀନରେ କାର୍ଯ୍ୟରତ। ଛାତ୍ରୀଛାତ୍ର, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ସମ୍ବନ୍ଧରେ ତଥ୍ୟାବଳୀ (ୟୁଡାଇସ୍) ଓସେପା ପ୍ରସ୍ତୁତ କରୁଥିବା ସ୍ଥଳେ ସମଗ୍ର ଶିକ୍ଷା, ଜାତୀୟ ପ୍ରାଥମିକ ଶିକ୍ଷାର କାର୍ଯ୍ୟକାରିତା ଓ ଗୁଣାତ୍ମକ ଶିକ୍ଷାକୁ ଓପେପା ତତ୍ତ୍ୱାବଧାନ କରୁଛି। ଜିଲା ସ୍ତରରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଲାଗି ଡିପିଇପି ମଧ୍ୟ ଗଠନ ହୋଇଛି।

ଦେଶରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେଲା ୨୦୦୧ରେ। ବିଦ୍ୟାଳୟ ଛାଡ଼ି ଯିଏ ଯେଉଁଠି ବୁଲୁଥିଲା ବିନା ମୂଳ ପ୍ରମାଣପତ୍ରରେ ତାକୁ ଆଣି ନାମ ଲେଖାଇ ଦିଆଗଲା। ପାସ୍-ଫେଲ୍ ଉଠାଇ ଦିଆଗଲା। ବର୍ଷକ ବାର ମାସ ଚାଲିଲା ଶିକ୍ଷୟିତ୍ରୀଶିକ୍ଷକଙ୍କ ଟ୍ରେନିଂ। ଫଳ ଯାହା ଫଳିଲା ସମସ୍ତଙ୍କୁ ଜଣା। ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଓ ଶିକ୍ଷକ ତାଲିମ କାର୍ଯ୍ୟକ୍ରମକୁ ମିଶ୍ରଣ କରି ୨୦୧୮ରେ କେନ୍ଦ୍ର ସରକାର ଆରମ୍ଭ କଲେ ସମଗ୍ର ଶିକ୍ଷା ଅଭିଯାନ। ୨୦୩୦ ସୁଦ୍ଧା ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ତାରତମ୍ୟକୁ ଦୂର କରିବା ହେଉଛି ଏହାର ଲକ୍ଷ୍ୟ। ଇତି ମଧ୍ୟରେ ୬ ବର୍ଷ ବିତିଗଲାଣି, ଆଉ ୬ ବର୍ଷ ଅଛି। ଲକ୍ଷ୍ୟ ସ୍ଥଳରେ ଆମେ କେତେ ପହଞ୍ଚିପାରିଛନ୍ତି, ତାହା ବିଚାର୍ଯ୍ୟ।

ଦେଶରେ ଯେତେ ପ୍ରକାର ଶିକ୍ଷାନୁଷ୍ଠାନ ଚାଲିଛି ସେହି ତଥ୍ୟ କାହା ପାଖରେ ନାହିଁ। ପୂର୍ଣ୍ଣ ସରକାରୀ ବିଦ୍ୟାଳୟ ଛଡ଼ା ସରକାରୀ ଅନୁଦାନପ୍ରାପ୍ତ, ସରକାରୀ ସ୍ୱୀକୃତିପ୍ରାପ୍ତ ଏବଂ ଅଗଣିତ ବେସରକାରୀ ଅନୁଷ୍ଠାନ ଦେଶରେ ଅଛି। କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, କସ୍ତୁରବା ବାଳିକା ବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ଆବାସିକ ବିଦ୍ୟାଳୟ, ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ,



ସାଇ ଇଣ୍ଟରନ୍ୟାଶନାଲ୍, ସନ୍ଦିପନୀ ବିଦ୍ୟାଳୟ, ପିଏମ୍ ଶ୍ରୀ ବିଦ୍ୟାଳୟ, ଶ୍ରମିକ ସ୍କୁଲ, ସୈନିକ ସ୍କୁଲ, ଶିଶୁ ମନ୍ଦିର, ବିବେକାନନ୍ଦ, ରତପଲ୍ଲୀ, ମଦ୍ରାସା, କନ୍‌ଭେଣ୍ଟ, ସଂସ୍କୃତ ଟୋଲ୍ ଏମିତି ଅନେକ! ସର୍ବନିମ୍ନରେ ଅଛି ସର୍ବବ୍ୟାପୀ ଅଙ୍ଗନୱାଡି। ବୈଷୟିକ ଶିକ୍ଷାନୁଷ୍ଠାନ ହିସାବରେ ନାହିଁ। ପରୀକ୍ଷା ପରିଚାଳନା କରୁଛନ୍ତି ବିଏସ୍ଇ, ସିବିଏସ୍ଇ, ସିଏଚ୍ଏସ୍ଇ, ଆଇସିଏସ୍ଇ, ସିଆଇଏସ୍ଇ, ଏନ୍ଆଇଓଏସ୍ ଏମିତି ଆହୁରି ଅନେକ! ଗୋଟିଏ ଦେଶ, ବଜାର ଅଶେଷ! ଗ୍ରାହକ ଅସୀମ, ବିପଣୀ ଅପରିସୀମ!

ଦେଶରେ ୨୦୧୮-୧୯ରେ ଘରୋଇ ବିଦ୍ୟାଳୟ ସଂଖ୍ୟା ଥିଲା ୩,୨୫,୭୬୦। ୨୦୨୦-୨୧ରେ ତାହା ବୃଦ୍ଧି ପାଇ ହୋଇଛି ୩, ୪୦, ୭୫୩। ଅନ୍ୟ ପକ୍ଷରେ ଦେଶରେ ୨୦୧୮-୧୯ରେ ସରକାରୀ ବିଦ୍ୟାଳୟ ସଂଖ୍ୟା ଥିଲା ୧୦,୮୩,୬୭୮। ୨୦୨୦-୨୧ରେ ତାହା ହ୍ରାସ ପାଇ ହୋଇଛି ୧୦,୩୨,୦୪୯। ଦେଶର ଶତକଡ଼ା ୫୦ ଭାଗ ପିଲା ପଢ଼ନ୍ତି ଘରୋଇ ବିଦ୍ୟାଳୟରେ। ଏହା ହେଉଛି ସରକାରଙ୍କର ୟୁଡାଇସ୍ ରିପୋର୍ଟ। ଇତି ମଧ୍ୟରେ ରାଜ୍ୟ ସରକାର ଘରୋଇ ବିଦ୍ୟାଳୟ ଖୋଲିବାକୁ ଦରଖାସ୍ତ ଆହ୍ୱାନ କରିଛନ୍ତି। ଅପର ପକ୍ଷରେ ଛାତ୍ରସଂଖ୍ୟା କମ୍ ଦର୍ଶାଇ କେତେକ ବିଦ୍ୟାଳୟ ବନ୍ଦ କରିଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅଧିକନ୍ତୁ କେନ୍ଦ୍ର ସରକାର ୧୪ଟି ବିଦେଶୀ ବିଶ୍ୱବିଦ୍ୟାଳୟକୁ ଚଳିତ ବର୍ଷ କ୍ୟାମ୍ପସ୍ ଖୋଲିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଆମ ଦେଶରେ ସରକାରୀ ବିଶ୍ୱବିଦ୍ୟାଳୟ ସଂଖ୍ୟା ୪୯୫ ଥିବା ସ୍ଥଳେ ବେସରକାରୀ ବିଶ୍ୱବିଦ୍ୟାଳୟ ସଂଖ୍ୟା୧,୦୪୩।

ଦେଶରେ ଶିକ୍ଷା କ୍ଷେତ୍ରରେ ଶହ ଶହ ସଂସ୍ଥା, ସଂଗଠନ ଓ ଶିକ୍ଷାନୁଷ୍ଠାନ। ତଳୁ ଉପର ଯାଏ ଲକ୍ଷ ଲକ୍ଷ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧିକାରୀ, ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ। କିନ୍ତୁ ଫଳ? ଦଶମର ୭୦ ଭାଗ ପିଲା ନିଜ ନାମ ଠିକ୍ ଭାବରେ ଲେଖିପାରୁ ନାହାନ୍ତି। ପଞ୍ଚମ ଶ୍ରେଣୀର ପିଲା ତୃତୀୟ ଶ୍ରେଣୀ ବହି ପଢ଼ି ପାରନ୍ତି ନାହିଁ। ଅଷ୍ଟମ ଶ୍ରେଣୀରେ ପଢୁଥିବା ଶତକଡ଼ା ୬୯.୫ ପିଲାଙ୍କୁ ଫେଡ଼ାଣ ଆସେ ନାହିଁ, ଶତକଡ଼ା ୪୮.୮ ଭାଗ ପିଲାଙ୍କୁ ହରଣ ଆସେ ନାହିଁ। ଏ ହେଉଛି ଶିକ୍ଷା କ୍ଷେତ୍ରରେ କାମ କରୁଥିବା ବେସରକାରୀ ସଂଗଠନ 'ଅସର୍' ର ରିପୋର୍ଟ। ଆମ ରାଜ୍ୟରେ ଶତକଡ଼ା ୭.୩୪ ପିଲା ଉଚ୍ଚପ୍ରାଥମିକ ସ୍ତରରେ ଏବଂ ଶତକଡ଼ା ୨୭.୨୬ ପିଲା ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡ଼ି ଚାଲି ଯାଉଛନ୍ତି। ସେମାନଙ୍କୁ ଏବେ ଖୋଜା ଚାଲିଛି। ଶିକ୍ଷକମାନେ ଘର ଘର ବୁଲି ପିଲାଙ୍କ ତାଲିକା ପ୍ରସ୍ତୁତ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କେତେକ ରାଜ୍ୟର ବିରୋଧ ସତ୍ତ୍ୱେ ଆମ ସରକାର ଜାତୀୟ ଶିକ୍ଷାନୀତି-୨୦୨୦କୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ମାତ୍ର ଏହା ଦ୍ୱାରା ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାଟି ଯେ ଅବ୍ୟବସ୍ଥିତ ହୋଇପଡ଼ିବ, ଏଥିରେ ଦ୍ୱିଧା ନାହିଁ। ସରକାର ରାଜନୈତିକ ଉଦ୍ଦେଶ୍ୟ ନ ରଖି ନିଜ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ। ଯାହା ଛାତ୍ରୀଛାତ୍ର ତଥା ସମାଜ ଓ ଦେଶର ହିତରେ ପ୍ରଯୁଜ୍ୟ ତାହା ହିଁ କରନ୍ତୁ।

ଏପରି ସ୍ଥଳେ ନେଲସନ୍ ମଣ୍ଡେଲାଙ୍କ ଉକ୍ତି ବେଶ୍ ପ୍ରଣିଧାନ ଯୋଗ୍ୟ। 'ସାରା ବିଶ୍ୱକୁ ବଦଳାଇବା ପାଇଁ ଏକମାତ୍ର ହତିଆର ହେଉଛି ଶିକ୍ଷା। ଯଦି ଦେଶବାସୀଙ୍କୁ ମୂର୍ଖ କରିବାକୁ ହୁଏ, ତା'ର ଏକ ମାତ୍ର ଉପାୟ ଧର୍ମ।' ନୂତନ ଜାତୀୟ ଶିକ୍ଷା ନୀତିରେ ଏହା ପ୍ରଚ୍ଛନ୍ନ ଭାବେ ଅପ୍ରଚ୍ଛନ୍ନ। ସରକାର ଏଥି ପ୍ରତି ସତର୍କ ରହନ୍ତୁ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ମହାରାଷ୍ଟ୍ର ସଙ୍ଗଲି ଜିଲା ଅର୍ନ୍ତାଲା ଗାଁର ବାସିନ୍ଦା କାକାସାହେବ ସାୱନ୍ତ। ସେ ଜଣେ ଅଟୋ ମେକାନିକ । କିନ୍ତୁ ସେହି କାମ ଛାଡ଼ି ସେ ଏବେ ଆମ୍ବ ଚାଷ କରି ବର୍ଷକୁ ୫୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ୧୦ ଏକର ଜମିରେ ମୁଖ୍ୟତଃ କେସର ଆମ୍ବ ଚାଷ କରୁଛନ୍ତି। କୃଷି କ୍ଷେତ୍ରରେ କୌଣସି ଶିକ୍ଷା ପାଇ ନ ଥିଲେ ବି ଗୋଟିଏ ଗଛରେ କଲମି ପଦ୍ଧତିରେ ୨୨ ପ୍ରକାର ଆମ୍ବ ଫଳାଇ ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ଆଗକୁ ଗୋଟିଏ ଗଛରେ ୧୦୦ ପ୍ରକାର ଆମ୍ବ ଫଳାଇବାକୁ ଯୋଜନା କରିଛନ୍ତି। କାକାସାହେବଙ୍କ ଅନ୍ୟ ଦୁଇ ଭାଇ ପ୍ରାଥମିକ ସ୍କୁଲ ଶିକ୍ଷକ ଅଛନ୍ତି ଓ ସେମାନେ ମଧ୍ୟ ଏହି କାର୍ଯ୍ୟରେ ସହଯୋଗ କରିଆସୁଛନ୍ତି। କାକାସାହେବ ଆଟିଆଇରୁ ଅଟୋ ମେକାନିକରେ ଶିକ୍ଷା ଶେଷ କରିବା ପରେ ଚାକିରି କରିଥିଲେ। କିନ୍ତୁ ତାହାକୁ ଛାଡ଼ି ୨୦୧୦ରେ ସେ ଆମ୍ବ ଚାଷ ଆରମ୍ଭ କରିଥିଲେ। ଏବେ ପ୍ରତିବର୍ଷ ଏଥିରୁ ୨୦ ଟନ୍ ଆମ୍ବ ଉତ୍ପାଦନ କରୁଛନ୍ତି। ସଙ୍ଗଲି ଭଳି ଶୁଷ୍କ ଅଞ୍ଚଳରେ ଆମ୍ବ କରି ସଫଳ ହେବା ପରେ ସେ ଅନ୍ୟ କୃଷକଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ତାଙ୍କ ଫାର୍ମରେ ସେ ୨୦ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। କେବଳ ଏତିକି ନୁହେଁ ସେ ଏକ ଆମ୍ବ ନର୍ସରି କରି ଚାରା ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୭୬

- ମାଲୟେସିଆର ଅନ୍ୟତମ ରାଜ୍ୟ ସାବାର ରାଜଧାନୀ କୋଟାକିନାବାଲୁ ନିକଟରେ ଏକ ବିମାନ ଦୁର୍ଘଟଣା ଘଟିବା ଫଳରେ ସାବାର ମୁଖ୍ୟମନ୍ତ୍ରୀ ଟୁନ ମହମ୍ମଦ ଫୁଆଦ ଷ୍ଟିଫେନ୍‌ସଙ୍କ ସମେତ ୧୬ ଜଣଙ୍କ ପ୍ରାଣହାନୀ।
- ମିଶର ଓ ଚୀନ ମଧ୍ୟରେ ୯ କୋଟି ପାଉଣ୍ଡର ଏକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଲୁକ୍କାୟିତ ବିଶ୍ୱ ମଧ୍ୟେ ମାନବ-ପ୍ରାଣର ଆଶା ଆଦି
ଏ ପାଷାଣ ନିମ୍ନେ ହୋଇ ସ୍ତୁପୀକୃତ ଲଭିଛି ସମାଧି,
ବିରହ ବିଧୁରା କୋଟି ଯୁବତୀ ଗୁହାରି,
ସନ୍ତାନହୀନାର କେତେ ଶୋକ-ଅଶ୍ରୁ ବାରି,
ହୋଇଅଛି ଏଥି ଘନୀଭୂତ,
ଅନ୍ତରର ବାସନା ଅୟୁତ,
କେତେ ନିରାଶ୍ରୟ
ଲୋଡ଼ିଛି ଅଭୟ
ସଂଗୋପନେ
ଆଶାମନେ!

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 3 | | | 2 |
| 3 | | | 7 | | | | | 1 |
| | | | | 1 | | | 6 | |
| | | 9 | | | 5 | 4 | | 8 |
| 6 | 7 | | 1 | | | 3 | | |
| 4 | | | | | 9 | | | |
| 9 | 3 | | | | | | | |
| | | | | 3 | | 1 | | |
| | | 4 | | | 2 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 1 | 3 | 2 | 8 | 5 | 4 | 9 |
| 4 | 3 | 8 | 6 | 5 | 9 | 7 | 1 | 2 |
| 9 | 2 | 5 | 7 | 1 | 4 | 3 | 8 | 6 |
| 5 | 9 | 6 | 2 | 4 | 7 | 8 | 3 | 1 |
| 7 | 8 | 3 | 9 | 6 | 1 | 2 | 5 | 4 |
| 1 | 4 | 2 | 5 | 8 | 3 | 9 | 6 | 7 |
| 2 | 6 | 7 | 1 | 3 | 5 | 4 | 9 | 8 |
| 8 | 5 | 9 | 4 | 7 | 6 | 1 | 2 | 3 |
| 3 | 1 | 4 | 8 | 9 | 2 | 6 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସନ୍ତୁଳିତ ଖାଦ୍ୟ ଖାଆନ୍ତୁ

ମହାଶୟ,

ସନ୍ତୁଳିତ ଖାଦ୍ୟ ଶରୀରର ପୁଷ୍ଟି ବର୍ଦ୍ଧନ କରିଥାଏ। ତେଣୁ ଶରୀରକୁ ସୁସ୍ଥ ରଖିବାରେ ଏଭଳି ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଲୋକଙ୍କ ଖାଦ୍ୟ ଅଭ୍ୟାସ ଓ ଆବଶ୍ୟକତାକୁ ଦେଖିଲେ ଜଣାପଡୁଛି ବର୍ତ୍ତମାନ ଅନେକଙ୍କର ଜୀବନଶୈଳୀ ବଦଳି ଯାଇଛି। ପ୍ରତିଦିନ ଅନେକ ପ୍ରକାର ଖାଦ୍ୟ ଖାଇଥାଉ, ଯାହା ପାଟିକୁ ସ୍ୱାଦକର ଲାଗୁଥିଲେ ବି ଦେହ ପାଇଁ କ୍ଷତିକାରକ। ଆଜିକାଲି ଲୋକପ୍ରିୟ ପାଲଟିଥିବା ଫାଷ୍ଟଫୁଡ୍ କିମ୍ବା ଜଙ୍କ୍ ଫୁଡ୍ ଶରୀର ପାଇଁ ଘାତକ ପ୍ରମାଣିତ ହେଉଛି। ପୁଷ୍ଟିକର ଖାଦ୍ୟ ଅଭାବରୁ ପିଲାମାନେ ବିଶେଷ ଭାବରେ ଅନେକ ପ୍ରକାର ଶାରୀରିକ ସମସ୍ୟାର ଶିକାର ହୋଇଥାନ୍ତି। ତେବେ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହିତ ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟଗୁଡ଼ିକ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିଥାଏ। ଏଣୁ ନୀରୋଗ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହିବା ଦରକାର।

-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ହତ୍ୟା ପରେ ଯୁବକଙ୍କୁ ପୋତିଦେଲେ

## ଇଟାରେ ଛେଚି ମାରିଥିବା ସନ୍ଦେହ

ବରଗଡ଼,୭।୬(ପ୍ରେମାନନ୍ଦ ଖମାରୀ)


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ବରଗଡ଼ ପଞ୍ଚାୟତ କଲେଜ ନିକଟ ପଣ୍ଡରୀପଥର ଲେକ୍‌ଚର କଲୋନି ପାଖରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ମାଟିରେ ଅଧା ପୋତିଦେବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକ ହେଲେ ସ୍ଥାନୀୟ ଲେକ୍‌ଚର କଲୋନିର ଦେବରାଜ ପାଣିଗ୍ରାହୀ (୪୫)। ପୋଲିସ ମୃତଦେହ ଜବତ କରି ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ଭଉଣୀ ସଂଯୁକ୍ତା ପାଣିଗ୍ରାହୀଙ୍କ ଏତଲାକ୍ରମେ ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ୍ ଏ ନେଇ ଏକ ହତ୍ୟା ମାମଲା (ନଂ.୧୦୫/୨୫) ରୁଜୁ କରିଛି। ତେବେ ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ହତ୍ୟାକାଣ୍ଡର କାରଣ ଜଣାପଡି ନ ଥିବାବେଳେ ଅଭିଯୁକ୍ତମାନେ ମଧ୍ୟ ଧରାପଡ଼ି ନାହାନ୍ତି। ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଚାଲିଛି ଏବଂ ଅତିଶୀଘ୍ର ଏହାର ପର୍ଦ୍ଦାଫାଶ ହେବ ବୋଲି ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି।

ସୂଚନା ଅନୁଯାୟୀ, ଦେବରାଜ ଅବିବାହିତ ଏବଂ ଜଣେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ। ଦେବରାଜଙ୍କ ମା' ବାପା, ବଡଭାଇ ଓ ବଡ ଭଉଣୀଙ୍କ ଦେହାନ୍ତ ହୋଇସାରିଥିବାବେଳେ ସାନ ଭଉଣୀ ସଂଯୁକ୍ତା କଳାହାଣ୍ଡି ଜିଲାରେ ବିବାହ କରିଥିଲେ। ଫଳରେ ଦେବରାଜ ଘରେ ଏକାକୀ ରହୁଥିଲେ। ଶନିବାର ସକାଳେ ଦେବରାଜଙ୍କ ମୃତଦେହ ତାଙ୍କ ଘରଠାରୁ ଅନତିଦୂରରେ ଥିବା ଏକ ଜମିରେ ଅଧାପୋତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପୋଲିସ ଏବଂ ମୃତକଙ୍କ ଭଉଣୀଙ୍କୁ ସୂଚନା ଦିଆଯାଇଥିଲା। ଖବର ପାଇ ବରଗଡ ଏସ୍‌ଡିପିଓ ତ୍ରିପାଠୀ, ଟାଉନ ଥାନା ଅଧିକାରୀ ସତ୍ୟଜିତ କଣ୍ଡାନକେଲ ଏବଂ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶର୍ମିଷ୍ଠା ପ୍ରଧାନ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଉଲଗ୍ନ ଅବସ୍ଥାରେ ଥିବାବେଳେ ତାଙ୍କ ଜୋତା ଘଟଣାସ୍ଥଳରୁ ଅଳ୍ପଦୂରରେ ପଡିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ତେବେ କେଉଁ କାରଣ ପାଇଁ ତାଙ୍କୁ ହତ୍ୟା କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ। ନିଶାପାନ ଜନିତ ଆକସ୍ମିକ କ୍ରୋଧରୁ ଦେବରାଜଙ୍କୁ ହତ୍ୟା କରାଯାଇଥିବା ଏବଂ ଏଥିରେ ଏକାଧିକ ଅଭିଯୁକ୍ତ ସମ୍ପୃକ୍ତ ରହିଥିବା ପୋଲିସ ଅନୁମାନ କରୁଛି। ସେହିପରି ଘଟଣାସ୍ଥଳରେ ଇଟା ପଡିଥିବା ଯୋଗୁ ଇଟାରେ ଛେଚି ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହୋଇଛି। ପୋଲିସ ଘଟଣାସ୍ଥଳରେ ପଡିଥିବା ଇଟାକୁ ମଧ୍ୟ ଜବତ କରିଛି।

# ହାବିଲଦାରଙ୍କ ସମେତ ୪ କନଷ୍ଟେବଲ ନିଲମ୍ବିତ

## ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଡ୍ୟୁଟି ବେଳେ ଭୋଜିଭାତ ଘଟଣା

ବାଲେଶ୍ୱର,୭।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଡ୍ୟୁଟି ସମୟରେ ବିଳମ୍ବିତ ରାତିରେ ଭୋଜିଭାତ ସହ ନାଚଗୀତରେ ମସ୍‌ଗୁଲ ରହିବା ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। କାର୍ଯ୍ୟ ସମ୍ପାଦନରେ ଅବହେଳା ଦର୍ଶାଇ ଜଣେ ହାବିଲଦାର ଏବଂ ୪ ଜଣ କନଷ୍ଟେବଲଙ୍କୁ ଏସ୍‌ପି ରାଜପ୍ରସାଦ ନିଲମ୍ବନ କରିଛନ୍ତି। ନିଲମ୍ବିତ ପୋଲିସ କର୍ମଚାରୀମାନେ ହେଲେ ହାବିଲ୍‌ଦାର ହେମନ୍ତ ବାରିକ, କନଷ୍ଟେବଲ ସିଦ୍ଧେଶ୍ୱର ଗୋଚ୍ଛାୟତ, ଦେବ ମାଝି, ସୁଧାଂଶୁ ଜେନା ଓ ରାମଚନ୍ଦ୍ର ତପସ୍ୱୀ।

ସୂଚନା ଅନୁଯାୟୀ, ଗତ ୧୮ ତାରିଖ ରବିବାର ଜିଲାପାଳ ନ ଥିବାବେଳେ ତାଙ୍କ ଆବାସିକ କାର୍ଯ୍ୟାଳୟ ପରିସର ପୋଲିସ ଗାର୍ଡ଼ରୁମ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ଭୋଜିଭାତ ଆୟୋଜନ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଜିଭାତ ଚାଲିଥିଲା। ଭୋଜିରେ ମାଂସ ସହିତ ବିଦେଶୀ ପାନୀୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହାର ଭିଡିଓ ପ୍ରଘଟ ହେବା ପରେ ଏସ୍‌ପି ରାଜ ପ୍ରସାଦ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଏଭଳି ପଦକ୍ଷେପ ନେଇଛନ୍ତି।

# ଆନ୍ଧ୍ରପ୍ରଦେଶରୁ ୪ ଅଭିଯୁକ୍ତ ଗିରଫ

## ୨ ନାବାଳିକା ଭଉଣୀଙ୍କୁ ଅପହରଣ, ଗଣବଳାତ୍କାର ମାମଲା

ବ୍ରହ୍ମପୁର,୭।୬(ସୁବାସ ଚନ୍ଦ୍ର ପାଢ଼ୀ)


ଆନ୍ଧ୍ରରୁ ଗିରଫ ୪ ଅଭିଯୁକ୍ତ।

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଳନ୍ଥରା ଥାନା ଅଞ୍ଚଳରେ ୨ ନାବାଳିକା (ଉଭୟେ ସମ୍ପର୍କୀୟ ଭଉଣୀ)ଙ୍କୁ ପ୍ରଥମେ ଅପହରଣ ପରେ ଗଣବଳାତ୍କାର କରିବା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଆନ୍ଧ୍ରପ୍ରଦେଶରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର କେ. ଶିବା (୨୧), କେ. ସାଇ (୨୧), ଜି.ଗରେୟା (୨୧) ଓ ଏନ୍. ଶ୍ରୀନୁ (୨୨)। ଏହିଗଣ ବଳାତ୍କାର ଘଟଣାର ମାଷ୍ଟରମାଇଣ୍ଡ କେ. ସାଇ ହୋଇଥିବା ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍. କହିଛନ୍ତି। ଅପରପକ୍ଷରେ କୋର୍ଟ ଚାଲାଣ ପୂର୍ବରୁ ପୀଡ଼ିତା ଓ ଅଭିଯୁକ୍ତମାନଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ପୋଲିସ ପୀଡ଼ିତାଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କରିଥିଲା। ପରେ ଉଭୟ ନାବାଳିକାଙ୍କୁ କୋର୍ଟଙ୍କ ନିର୍ଦ୍ଦେଶରେ ଗୋଷାଣିନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ରଖାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମହିଳା କିଛିଦିନ ତଳେ ତାଙ୍କ ବାପଘର ଗାଁରେ ହେଉଥିବା ଏକ କାର୍ଯ୍ୟକ୍ରମକୁ ଆସିଥିଲେ। ତାଙ୍କ ସହ ୧୪ ବର୍ଷର ଝିଅ ମଧ୍ୟ ଆସିଥିଲେ। ଉକ୍ତ ଗ୍ରାମର ଗାଁମୁଖିଆଙ୍କ ପୁଅ କେ.ସାଇ ଫୋନ୍ ନମ୍ବର ସଂଗ୍ରହକରି ସମ୍ପୃକ୍ତା ନାବାଳିକା(୧୪)ଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଗତ ୩ ତାରିଖ ଅପରାହ୍ନରେ ଅଭିଯୁକ୍ତ ସାଇ ନାବାଳିକାଙ୍କୁ ଡାକି ନେଇ ଏକ ନିଛାଟିଆ ସ୍ଥାନରେ ପ୍ରଥମେ ତାଙ୍କୁ ବଳାତ୍କାର କରିଥିଲେ। ପରେ ସେ ତାଙ୍କର ଅନ୍ୟ ୩ଜଣ ସାଙ୍ଗଙ୍କୁ ସେଠାକୁ ଡାକିଥିଲେ। ସେମାନେ ମଧ୍ୟ ସେଠାରେ ପହଞ୍ଚି ଜଣକ ପରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭଉଣୀ ଘରକୁ ନ ଫେରିବାରୁ ତାଙ୍କୁ ଖୋଜିବା ପାଇଁ ତାଙ୍କର ମାଉସୀ ଝିଅ ଭଉଣୀ(୧୩) ବର୍ଷ ଘରୁ ବାହାରିଥିଲେ। ସେ ସେଠାରେ ପହଞ୍ଚିବା ପରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ମଧ୍ୟ ବଳାତ୍କାର କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ୨ଭଉଣୀ ନିକଟରେ ଥିବା ଏକ ଘରର ଛାତରେ ରହିଯାଇଥିଲେ। ୪ ତାରିଖ ସକାଳେ ଉକ୍ତ ଯୁବକମାନେ ନାବାଳିକା ଦ୍ୱୟଙ୍କୁ ତାଙ୍କ ଗାଁରେ ଛାଡ଼ିଦେବେ ବୋଲି କହି ଛତ୍ରପୁର ନିକଟରେ ପୁଣି ଥରେ ଗଣ ବଳାତ୍କାର କରିଥିଲେ। ପରେ ସେମାନଙ୍କୁ ନେଇ ଗଞ୍ଜାମ ନିକଟରେ ଛାଡ଼ି ଚାଲିଯାଇଥିଲେ। ଝିଅ ଏବଂ ଝିଆରୀଙ୍କୁ ନ ପାଇ ମହିଳାଜଣକ ଚିନ୍ତିତ ଥିବାବେଳେ ଝିଅମାନେ ଗଞ୍ଜାମରେ ଥିବା ଜଣାପଡ଼ିଥିଲା। ପରେ ୧୪ବର୍ଷୀୟା ନାବାଳିକାଙ୍କ ମା' ସେଠାରେ ପହଞ୍ଚି ଝିଅମାନଙ୍କଠାରୁ ଘଟଣା ସମ୍ପର୍କରେ ଶୁଣି ବାପଘର ଗାଁକୁ ଆସି ତାଙ୍କ ଭାଇଙ୍କୁ ସବୁକଥା କହିଥିଲେ। ପରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୨୪୦/୨୫) ରୁଜୁ କରିଥିଲା।



# ରେଲୱେ କାର୍ଯ୍ୟ ଆଗରେ, ପୂର୍ତ୍ତ କାମ ପଛରେ

**ଯାଜପୁର ରୋଡ୍ ସାଇମନ୍ଦିର ଓଭରବ୍ରିଜ୍**

- ଜମି ଅଧିଗ୍ରହଣ, ନକ୍ସା ପ୍ରସ୍ତୁତ ହେଲାନି
- ଆଶା ଆଶଙ୍କାରେ ସମ୍ଭାବ୍ୟ କ୍ଷତିଗ୍ରସ୍ତ ପରିବାର

ଯାଜପୁର,୭।୬(ହର୍ଷବର୍ଦ୍ଧନ ବେହେରା)

ଯାଜପୁରରୋଡ୍ ରେଳଷ୍ଟେଶନର ପୂର୍ବ ଦିଗକୁ ସାଇମନ୍ଦିର ନିକଟରେ ରେଳ ଓଭରବ୍ରିଜ କାର୍ଯ୍ୟ ଜୋରସୋର ଚାଲିଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ରେଳଲାଇନ୍ ଉପରେ ଓଭରବ୍ରିଜ୍ ଶେଷ କରିବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ଏହାର ଉଭୟ ପାର୍ଶ୍ୱ କାର୍ଯ୍ୟ ରାସ୍ତା ଏବଂ କୋଠାବାଡି (ପୂର୍ତ୍ତ)ବିଭାଗକୁ ଦାୟିତ୍ୱ ଦିଆଯାଇଥିବାବେଳେ ଏଯାଏ ଜମି ଅଧିଗ୍ରହଣ କିମ୍ବା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଜଣାପଡିଛି। ଏଠାରେ କେନ୍ଦ୍ର ସରକାରଙ୍କ ବିଭାଗ ତତ୍ପର ଥିବାବେଳେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧିକାରୀମାନେ ଖାମଖିଆଲି ମନୋଭାବ ପୋଷଣ କରୁଥିବା ମତପ୍ରକାଶ ପାଇଛି।

ଯାଜପୁର ରୋଡ୍ ଷ୍ଟେଶନର ଗୁଡ୍ସ ସେଡ୍ ପରିସରରେ ୨୬।୨।୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡ୍‌ରେ ସାଇମନ୍ଦିର ନିକଟରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ରେଲୱେ ପକ୍ଷରୁ ୪୪ କୋଟି ୩୯ ଲକ୍ଷ ୨୧ ହଜାର ୬୫୯ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୫୭ କୋଟି ୧୦ ଲକ୍ଷ ୬୭ ହଜାର ୨୫୦ ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ଆପୋଲୋ ଏଣ୍ଟରପ୍ରାଇଜେସ୍


ଯାଜପୁରରୋଡ୍ ଓଭର ବ୍ରିଜ୍ କାମ ଚାଲିଛି।

ଠିକାସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ଏହାସହ ସାଇମନ୍ଦିର ଓ ଗୋପବନ୍ଧୁ ଛକ ନିକଟରେ ୨ଟି ରେଲୱେ ଗଳି ପୋଲ ନିର୍ମାଣ ଉପରେ ମୋହର ବାଜିଥିଲା। ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ପୌରାଞ୍ଚଳକୁ ରେଳଲାଇନ ଦୁଇ ଭାଗ କରିଛି। ଏହାର ପୂର୍ବ-ଉତ୍ତର ଦିଗରେ ମୁଖ୍ୟ ସହର ରହିଥିବାବେଳେ ବିପରୀତ ଦିଗରେ ଡାକ୍ତରଖାନା, କେନ୍ଦ୍ରୀୟ ବିଦ୍ୟାଳୟ, ଏନ୍‌ସି ହାଇସ୍କୁଲ, ପ୍ରାଣୀ ଚିକିତ୍ସାଳୟ, ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଇତ୍ୟାଦି ଅନୁଷ୍ଠାନ ରହିଛି। ଏହାବାଦ ପୌରାଞ୍ଚଳର ଗଣେଶ ବଜାର, ନ୍ୟୁ ମାର୍କେଟ, ଝାଟିଆସାହି, ମହତାବ ନଗର, ଗୋଶାଳା, କୋପଣ୍ଡ, ମୁଣ୍ଡୋମାଳ, ଖଣ୍ଡାହତା, ବେଣ୍ଣୁପୁର ଆଦି ୱାର୍ଡଗୁଡ଼ିକ ରହିଛି। ଏହି ରେଳଲାଇନ ଉପରେ କୌଣସି ଓଭରବ୍ରିଜ୍ କିମ୍ବା ଗଳି ପୋଲ ବା ଲିମିଟେଡ୍ ହାଇଟ୍ ସବ୍‌ୱେ (ଏଲ୍ଏଚ୍ଏସ୍) ନିର୍ମାଣ ହୋଇ ନ ଥିବାରୁ ରେଳ ଫାଟକ ସହରବାସୀଙ୍କ ପାଇଁ ଦୁଃଖର କାରଣ ସାଜିଛି। ଏହି କ୍ରମରେ ସହରବାସୀଙ୍କ ପକ୍ଷରୁ ଏକାଧିକ ଥର ଦାବି, ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଆଦି କରାଯାଇଥିଲେ ହେଁ କିଛି ସୁଫଳ ମିଳିପାରିନାହିଁ। ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଯାଜପୁରରୋଡ୍ ରେଳଷ୍ଟେଶନର ସାଇ ମନ୍ଦିର ନିକଟ ରେଳ ଫାଟକରେ ଓଭରବ୍ରିଜ ଏବଂ ଏଲ୍ଏଚ୍ଏସ୍ ନିର୍ମାଣ ପାଇଁ ନକ୍ସା ଅନୁମୋଦିତ ହୋଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ ଫ୍ଲାଏଓଭର ବ୍ରିଜ ଘୋଷଣାରେ ସୀମିତ ରହିଥିଲା। ଆଇନଜୀବୀ ଜିତେନ୍ଦ୍ର କୁମାର ପ୍ରତିହାରୀ କରିଥିବା ଜନସ୍ୱାର୍ଥ ମାମଲା ନମ୍ବର ୧୪୪୨୫/୧୪ ରାୟ ପରିପ୍ରେକ୍ଷୀରେ ରେଲୱେ ପକ୍ଷରୁ ଯାଜପୁର ରୋଡ୍ ସାଇମନ୍ଦିର ରେଳ ଫାଟକ ନିକଟରେ ଓଭରବ୍ରିଜ୍ ଓ ସ୍ଥାନୀୟ ଗମନାଗମନ ପାଇଁ ରେଳଲାଇନ ତଳେ ଏକ ଗଳିପୋଲ ନିର୍ମାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ଭାଗୀଦାରିରେ ଉପରୋକ୍ତ ଅର୍ଥ ମଞ୍ଜୁର ହୋଇସାରିଛି। ଓଭରବ୍ରିଜ୍ ନିର୍ମାଣ ରାଜ୍ୟ ସରକାରଙ୍କ ସହଯୋଗ ଉପରେ ନିର୍ଭର କରୁଛି ଏବଂ

## ୯ରୁ କାର୍ଯ୍ୟକ୍ଷମ ହେବ ଗୋପବନ୍ଧୁ ଛକ ରେଳ ଗଳିପୋଲ

ଯାଜପୁର ରୋଡ୍ ରେଳଷ୍ଟେଶନର ସାଇମନ୍ଦିର ଓ ଗୋପବନ୍ଧୁ ଛକ ନିକଟରେ ୨ଟି ରେଲୱେ ଗଳି ପୋଲ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ଫେବୃଆରୀରେ ଭର୍ଚୁଆଲରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗୋପବନ୍ଧୁ ଛକ ରେଳ ଗଳି ପୋଲ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୯ ତାରିଖ ସୋମବାର ସର୍ବସାଧାରଣ ପାଇଁ ଏହି ଗଳିପୋଲ ଦେଇ ପରୀକ୍ଷାମୂଳକ ଯାତାୟାତ ଆରମ୍ଭ କରାଯିବ ବୋଲି ରେଲୱେ ପକ୍ଷରୁ ସୂଚନା ମିଳିଛି। ଏହାପରେ ଯାଜପୁର ରୋଡ୍ ସହରରେ ଦୀର୍ଘଦିନର ଟ୍ରାଫିକ ସମସ୍ୟା କେତେକାଂଶରେ ଦୂର ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ସାଇମନ୍ଦିର ନିକଟ ଗଳିପୋଲ କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବ ଦେଖାଦେଇଛି। ରେଲୱେ ଯନ୍ତ୍ରୀ ରାଜକିଶୋର ପାତ୍ର କହିଛନ୍ତି, ସୋମବାର ପରୀକ୍ଷାମୂଳକ ଭାବେ ଗୋପବନ୍ଧୁ ଛକ ଗଳି ପୋଲ ଆରମ୍ଭ କରାଯିବ। ଉକ୍ତ ଗଳିପୋଲରେ ଏକାଥରକେ ଦୁଇଟି କାର୍ ଯିବାଆସିବା ଭଳି ଡିଜାଇନ ହୋଇଛି। କିନ୍ତୁ ବଡ଼ ଗାଡ଼ି ଗଳି ପୋଲ ଦେଇ ଯାଇପାରିବ ନାହିଁ।


ନିର୍ମାଣାଧୀନ ରେଲ୍‌ୱେ ଗଳିପୋଲ।

ଗଳିପୋଲ ୬ ମାସରୁ ଏକ ବର୍ଷ ମଧ୍ୟରେ ନିଶ୍ଚିତ ଭାବେ ନିର୍ମାଣ ହେବ ବୋଲି ପୂର୍ବରୁ ରେଲୱେ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ଓଭରବ୍ରିଜ୍ ନିର୍ମାଣ ପାଇଁ ରେଲୱେ ପକ୍ଷରୁ ଜୋରସୋରରେ କାର୍ଯ୍ୟ ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି ବୋଲି କୁହାଯାଉଛି। ପୂର୍ତ୍ତ ବିଭାଗର ପୂର୍ବ ପ୍ରସ୍ତୁତ ନକ୍ସା ଅନୁସାରେ ଗୋଶାଳା ଛକ ପାଣି ପମ୍ପଠାରୁ ଆରମ୍ଭ ହୋଇ ଏନ୍‌ସି ହାଇସ୍କୁଲ ପଡ଼ିଆ ପାର୍ଶ୍ୱ ଦେଇ ଓଭରବ୍ରିଜ୍‌ରେ ମିଶିବ ବୋଲି ଜଣାପଡିଛି। କିନ୍ତୁ ଏଯାଏ ପୂର୍ତ୍ତ ବିଭାଗୀୟ ଅଧିକାରୀ ସ୍ପଷ୍ଟ ସୂଚନା ଦେଉ ନ ଥିବାରୁ ମହତାବନଗରବାସୀ ଆଶଙ୍କାରେ କାଳାତିପାତ କରୁଛନ୍ତି। ଏହାର ଅପରପାର୍ଶ୍ୱରେ ଗାୟତ୍ରୀ ବିହାର ଦେଇ ଓଭରବ୍ରିଜ୍ ନିର୍ମାଣ କରିବାକୁ ଯୋଜନା ହୋଇଛି। ଏଥିପାଇଁ ପ୍ରାୟ ୨ ଏକର ୪୦ ଡେସିମିଲ ଜମି ଅଧିଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁରରୋଡ୍ ରେଲୱେ ଯନ୍ତ୍ରୀ ରାଜକିଶୋର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ରେଲୱେର କାର୍ଯ୍ୟ ଚାଲିଛି। ମାର୍ଚ୍ଚ ସୁଦ୍ଧା ଓଭରବ୍ରିଜ୍ କାମ ସରିବା ଆଶା ରହିଛି। ବାକି ପୂର୍ତ୍ତ ବିଭାଗର କାମ ଆରମ୍ଭ ହେଲେ ନିର୍ଦ୍ଧାରିତ ସମୟରେ ଲୋକେ ଏହାର ସଫଳତା ପାଇପାରିବେ।

**ସଂକ୍ଷେପରେ**

### ଗୋରୁ ଗାଡ଼ି ଜବତ, ୬ ଗୋରୁ ଉଦ୍ଧାର

ଚଣ୍ଡିଖୋଲ,୭।୬(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ପୋଲିସ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଛକରୁ ଏକ ଗୋରୁ ବୋଝେଇ ଗାଡ଼ ଜବତ କରିଛି। ଏଥିସହିତ ଏଥିରେ ଥିବା ୬ଟି ଗୋରୁଙ୍କୁ ଉଦ୍ଧାର କରିଛି। ଚଣ୍ଡିଖୋଲ ଛକର କେନ୍ଦ୍ରାପଡ଼ା ବସଷ୍ଟାଣ୍ଡ ନିକଟରେ ଗୋରୁ ବୋଝେଇ ପିକଅପ ଭ୍ୟାନ ଛିଡ଼ା ହୋଇଥିଲା। ଏହି ସମୟରେ ପୋଲିସ ଗାଡ଼ି ଆସିବାରୁ ଭ୍ୟାନ ଚାଳକ ଦ୍ରୁତଗତିରେ ଗାଡ଼ିନେଇ କେନ୍ଦ୍ରାପଡ଼ା ଅଭିମୁଖେ ପଳାଉଥିଲେ। ପୋଲିସ ସନ୍ଦେହରେ ପିଛା କରିଥିଲା। ଏହାପରେ କିଛି ଦୂରରେ ଚାଳକ ଗାଡି ରଖି ଫେରାର ହୋଇ ଯାଇଥିଲେ। ପୋଲିସ ଗାଡ଼ି ଯାଞ୍ଚ କରିବାରୁ ସେଥିରେ ୬ ଗୋରୁଥିବା ଜଣାପଡ଼ିଥିଲା। ପୋଲିସ ଗୋରୁଗାଡ଼ିକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲା ଏବଂ ଉଦ୍ଧାର ଗୋରୁଙ୍କୁ ଛଟିଆ ଗୋଶାଳାରେ ଛାଡ଼ିଥିଲା।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

ଚଢ଼େଇଧରା,୭।୬(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ସମ୍ପାରୁ ପଞ୍ଚାୟତ ଅନ୍ତର୍ଗତ କାଦୁଆମାଗୁର ଗ୍ରାମର ସତ୍ୟାନନ୍ଦ ନାୟକଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାମଲଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ଜ୍ୟୋସ୍ନାରାଣୀ ଖବରଦାତା ସତ୍ୟରଞ୍ଜନ ନାୟକଙ୍କ ମା'। ସେ ଜଣେ ଧର୍ମପରାୟଣା ଓ ମିଷ୍ଟଭାଷୀ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ବିଧାୟକ ହିମାଂଶୁ ଶେଖର ସାହୁ, ଭାଜପା ନେତା ପବିତ୍ର ମୋହନ ଦାସ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଜେନାପୁର ଭାଜପା ମଣ୍ଡଳ ସଭାପତି ଶ୍ରୀବତ୍ସ ଧୀର, ଜାତୀୟ ମାନବିକ ଅଧିକାର ସାମ୍ମୁଖ୍ୟର ରାଷ୍ଟ୍ରୀୟ ଅଧ୍ୟକ୍ଷ ରମେଶ ଭାରତୀ, ରାଷ୍ଟ୍ରୀୟ ଉପସଭାପତି ତପନ ପତି, କାର୍ଯ୍ୟକାରୀ ସଭାପତି ଜିତୁ ବେହେରା, ସମ୍ପାଦିକା ମିନତି ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ମଳିକ, ଖବରଦାତା ବସନ୍ତ ନାୟକ, ସୁଶାନ୍ତ ଗୋଛାୟତ, ସୁବ୍ରତ ମଳିକ, ମାନସ ରଞ୍ଜନ ଜେନା, ଗୁଲାମ ଗସଙ୍କ ସମେତ ଅନେକ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

### ବାଲି ବୋଝେଇ ହାଇୱା ଜବତ

ଚଣ୍ଡିଖୋଲ,୭।୬(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ଅନ୍ତର୍ଗତ ସିହା ଗ୍ରାମର ବିଭିନ୍ନ ବେଆଇନ ଖାଦାନ ଉପରେ ଶୁକ୍ରବାର ରାତିରେ ଥାନାଧିକାରୀ ମଧୁସ୍ମିତା ବେହେରା ଚଢ଼ାଉ କରିଛନ୍ତି। ଏହି ସମୟରେ ଏକ ବାଲିବୋଝେଇ ହାଇୱା ଜବତ କରିଛନ୍ତି। ଥାନା ଅଧିକାରୀଙ୍କ ଚଢ଼ାଉବେଳେ ହାଇୱା ବାଲିବୋଝେଇ କରି ଛିଡାହୋଇଥିବା ଦେଖିଥିଲେ। ସେ କିଛି ସମୟ ଅପେକ୍ଷା କରିଥିଲେ। ହେଲେ କେହି ହାଇୱା ନିକଟକୁ କେହି ନ ଆସିବାରୁ ଥାନାଧିକାରି ହାଇୱାକୁ ଆଣି ଥାନାରେ ଅଟକ ରଖିଛନ୍ତି। ଗାଡ଼ିକୁ ଦର୍ପଣ ତହସିଲକୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।


ଇଦ-ଉଜ୍-ଜୋହା ପର୍ବ ଅବସରରେ ବିଞ୍ଝାରପୁର ବ୍ଲକ୍ ଅଞ୍ଚଳର ମୁସଲମାନ ଭାଇମାନେ ଏକାଠି ହୋଇ ନମାଜ ପାଠ କରୁଛନ୍ତି।

## ଧର୍ମଶାଳା ଅଞ୍ଚଳରେ ଇଦ୍-ଉଜ୍-ଜୁହା ପାଳିତ

ଧର୍ମଶାଳା,୭।୬(ବଟକୃଷ୍ଣ ପରିଡ଼ା):

ମୁସଲମାନମାନଙ୍କର ଇଦ୍-ଉଦ୍-ଜୁହା ପର୍ବ ଶନିବାର ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକର ନେଉଳପୁର, କାଏମା, ତରାପୁର, ବଡ଼ମଙ୍ଗଳପୁର, ଚହଟା, ଚୋରମୁହାଁ ଓ ଜେନାପୁର ଥାନାର ରଘୁନାଥପୁରଠାରେ ମୁସଲମାନମାନେ ଏକତ୍ର ହୋଇ ଏହି ପର୍ବକୁ ପାଳନ କରିଛନ୍ତି। ମୁସଲମାନ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ଇଦ୍‌କା ଓ ମସଜିଦ୍‌ଠାରେ ନମାଜ ପାଠ କରିବା ସହ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଛନ୍ତି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଧର୍ମଶାଳା ଓ ଜେନାପୁର ପୋଲିସ୍ ପକ୍ଷରୁ ଉପରୋକ୍ତ ସ୍ଥାନଗୁଡ଼ିକରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ବୋଲି ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଓ ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ବିଞ୍ଝାରପୁରରେ ଇଦ-ଉଜ୍-ଜୋହା ପାଳିତ

ବିଞ୍ଝାରପୁର,୭।୬(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ୍ ଅଧୀନ ବିଭିନ୍ନ ମୁସଲମାନ ବହୁଳ ଅଞ୍ଚଳରେ ଶନିବାର ଇଦ-ଉଜ୍-ଜୋହା ପର୍ବ ପାଳିତ ହୋଇଯାଇଛି। ବ୍ଲକର ବିଞ୍ଝାରପୁର, ସୟଦପୁର, ଅଳକୁଣ୍ଡ, ଶାସନ୍ଦା, କଏଣା, ନୂଆଗାଁ ଓ ନଥିପୁର ସମେତ ବିଭିନ୍ନବସ୍ତିର ଇସଲାମ ଧର୍ମାବଲମ୍ବୀ ଏହି ପର୍ବ ପାଳନ କରିଛନ୍ତି। ବିଞ୍ଝାରପୁର ଓ ସୟଦପୁର ପଞ୍ଚାୟତର ମୁସଲମାନମାନେ ପୁରୁଣା ଇଦ୍‌ଗାହା ଓ ନୂଆଇଦଗାହାଠାରେ ନମାଜ ପାଠ କରିଛନ୍ତି। ମୁଫତି ଗୁଫରାନ ଓ ମୌଲାନା ଖଲିଉର ରହେମାନ କସମୀ ସେମାନଙ୍କୁ ନମାଜ ନମାଜପାଠ କରାଇଛନ୍ତି। ଅଳକୁଣ୍ଡ ଇଦ୍‌ଗାହାଠାରେ ହାଫିଜ ମହୁମଦ ଆସଲାମ ନମାଜପାଠ କରାଇଛନ୍ତି। ଶାସନ୍ଦା ମସଜିଦ ପ୍ରାଙ୍ଗଣରେ ମୌଲାନା ରାହାତ ଅଲ୍ଲୀ ଖାନ ଓ କଏଣା ମସଜିଦ ପ୍ରାଙ୍ଗଣରେ ଏମାମ ସାସେବ ନମାଜପାଠ କରାଇଛନ୍ତି। ନଥିପୁର ଗାଁର ମୁସଲମାନ ଧର୍ମବଲମ୍ବୀ ବିଭିନ୍ନ ସ୍ଥାନରେ ନମାଜ ପାଠ କରିଛନ୍ତି। ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଡିଏସ୍‌ପି ବାମଦେବ ନନ୍ଦ, ବିଞ୍ଝାରପୁର ଭାରପ୍ରାପ୍ତ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ଓ ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

### ସ୍ୱାଧୀନତା ସଂଗ୍ରାମୀ ଫନିପାଳଙ୍କ ଶ୍ରାଦ୍ଧ ବାର୍ଷିକୀ

ଯାଜପୁରରୋଡ୍, ୭।୬ (ପବିତ୍ର ରଞ୍ଜନ ମହାନ୍ତି):


ସ୍ୱାଧୀନତା ସଂଗ୍ରାମୀ ଫନିପାଳଙ୍କ ଶ୍ରାଦ୍ଧ ବାର୍ଷିକୀରେ ଚାରାରୋପଣ କରାଯାଉଛି।।

ସ୍ୱାଧୀନତା ସଂଗ୍ରାମୀ ଡକ୍ଟର ଫନିପାଳଙ୍କ ୪୪ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ଶୁକ୍ରବାର ଫନିପାଲ ସ୍ମୃତି ସଂସଦ ପକ୍ଷରୁ ବ୍ୟାସନଗର ଗୋଶାଳାଠାରେ ତାଙ୍କ ନାମରେ ନାମିତ ସ୍କୁଲରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପରେ ବୀରମଣିପୁରଠାରେ ଥିବା ସାଇମନ୍ଦିର ପ୍ରାଙ୍ଗଣରେ ସ୍ମୃତି ସଂସଦ ଦ୍ୱାରା ଚାରାରୋପଣ କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ସ୍ମୃତି ସଂସଦ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା କରାଯାଇଛି। ସଭା ପ୍ରାରମ୍ଭରେ ସଂସଦର ସାଧାରଣ ସମ୍ପାଦକ ମଦନ ମୋହନ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ପହଲାଗାମ୍‌ରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ ଓ ଯୁଦ୍ଧରେ ଶହୀଦ ହୋଇଥିବା ଯବାନ ଏବଂ ବ୍ୟାସନଗର ବୁଦ୍ଧିଜୀବୀ ଧନଞ୍ଜୟ ଶତପଥୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା।

ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କୁମାର କାନୁନଗୋ, କମ୍ୟୁନିଷ୍ଟ ନେତା ରମଣୀ ରଞ୍ଜନ ରାଉତରାୟ, ସ୍ମୃତି ସଂସଦ ଉପସଭାପତି ପ୍ରଫୁଲ୍ଲ ନାୟକ, ଉପଦେଷ୍ଟା ଦୁଷ୍ମନ୍ତ ନାୟକ, ନାରାୟଣଚନ୍ଦ୍ର ନାୟକ ଓ ଆମ୍ବେଡକର ସ୍ମୃତି ସଂସଦ ସମ୍ପାଦକ ବାବୁଲାଲ ଗୁରୁ ପ୍ରମୁଖ ଯୋଗଦେଇ ଫନିପାଲଙ୍କ ସଂଗ୍ରାମ ମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଭାରେ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଯୋଧ୍ୟା ଜେନା, ବିକାଶ ଦାସ, ବାଇଧର ମାଝି ଓ ମହେଶ୍ୱର ନାୟକ ଏହାକୁ ପରିଚାଳନା କରିଥିଲେ।

## ୨ ସ୍ଥାନରେ ବିକଶିତ କୃଷି ସଂକଳ୍ପ ଅଭିଯାନ



ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ବିଞ୍ଝାରପୁର,୭।୬(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ଶନିବାର ସକାଳେ ଶାସନ୍ଦା ପଞ୍ଚାୟତର ତାଡଁତରା ଓ ପୂର୍ବାହ୍ନରେ ବାଛଳ ପଞ୍ଚାୟତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଜ୍ଞାନରଞ୍ଜନ ସାହୁଙ୍କ ସଞ୍ଚାଳନାରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବରେଣ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, କେନ୍ଦ୍ରୀୟ କୃଷି ମହିଳା ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡ. ଲିପି ଦାସ ଓ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ମୋହନ ବାଗେ ଯୋଗଦେଇ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ସମ୍ବନ୍ଧରେ ଆଲୋଚନା କରିଥିଲେ। କୃଷି ବୈଜ୍ଞାନିକ କେନ୍ଦ୍ରର ବୈଜ୍ଞାନିକ ଡ. ବବିତା ମିଶ୍ର, ଡ. ବିଜୟ କୁମାର ରାଉତରାୟ ଯୋଗଦେଇ ଅଧିକ ଫସଲ ଅମଳ ପାଇଁ ଆଧୁନିକ ଜ୍ଞାନ କୌଶଳର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରତିକୂଳ ସ୍ଥିତିର ସ୍ୱଚ୍ଛଳତା ପାଇଁ ଉନ୍ନତ ପ୍ରଣାଳୀରେ ବିଭିନ୍ନ ଚାଷ ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶାସନ୍ଦା ପଞ୍ଚାୟତ ସରପଞ୍ଚ କାମଦେବ ଧଳ ଯୋଗ ଦେଇଥିଲେ। ସେହିପରି ବାଛଳ ପଞ୍ଚାୟତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ କଳ୍ପନା ବେହେରାଙ୍କ ସମେତ ଉପରୋକ୍ତ ଅତିଥିମାନେ ଯୋଗ ଦେଇଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ସଞ୍ଜୀବ ସାମଲ, ବିକାଶ ବେହେରା, ପ୍ରଭାସ ମହାଳିକ, ବିଟିଏମ୍ ସୁନସେଫ ରଥ, ଏଟିଏମ୍ ଅନିଲ ଦାସ ଓ ଲୁପ୍ତି ପ୍ରଭା ପ୍ରମୁଖ ଉପସ୍ଥିତ ଥିଲେ।

### ଗୋ ଚାଲାଣ କରୁଥିବା ଅଟୋ ଜବତ, ମାଲିକ ଗିରଫ

ପାଣିକୋଇଲି,୭।୬(ବିକାଶ ମଲ୍ଲିକ):

ପାଲିକୋଇଲି ପୋଲିସ ବେଆଇନ ଗୋଚାଲାଣ କରୁଥିବା ଏକ ଅଟୋକୁ ଜବତ କରିବା ସହ ଏହାର ମାଲିକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଗୋଲେଇପୁର ପଞ୍ଚାୟତ ଶଗଡି ଗ୍ରାମର ଗୁଫରନ ବେଗ(୩୦)।

ପାଣିକୋଇଲି ଥାନା ଅନ୍ତର୍ଗତ ଆଙ୍କୁଲା ରାସ୍ତାର ନମିଟିକିରିଠାରେ ଏକ ଅଟୋରେ ୩ଟି ଗୋରୁ ଚାଲାଣ କରାଯାଉଥିଲା। ଅଟୋଟି ନମିଟିକିରି ପାଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ପାଇ ପୋଲିସ ପହଞ୍ଚିଥିଲା। ସେଠାରେ ଅଟୋ ଅର୍ଦ୍ଧଭଗ୍ନ ଅବସ୍ଥାରେ ପାଣିକୋଇଲି କଲ୍ୟାଣ ମଣ୍ଡପଠାରେ ଥିଲା। ୨ଟି ବଳଦ ଓ ଗୋଟିଏ ଗାଇକୁ କିଛି ଦୂରରେ ସ୍ୱଳ୍ପ ଆହତ ଅବସ୍ଥାରେ ରଖାଯାଇଥିଲା। ପୋଲିସ ୩ଟି ଗୋରୁ ସମେତ ଅଟୋକୁ (ଓଆର୦୪ଏମ ୨୭୨୯)କୁ ଜବତଗ କରି ତଦନ୍ତ କରିବାରୁ ଗୋରୁଙ୍କୁ ନୁରୁଂଗାରୁ ଶଗଡ଼ିକୁ ନିଆଯାଉଥିବା ଜାଣିବାକୁ ପାଇଥିଲା। ଏନେଇ ଏକ ମାମଲା ନଂ.୧୫୨/୨୫ ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ବିଶ୍ୱରଞ୍ଜନ ଦାସ ସୂଚନା ଦେଇଛନ୍ତି।

## କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ

ବରୀ,୭।୬(ମହେନ୍ଦ୍ର ସ୍ୱାଇଁ):

**ଆସିଲେନି ଶିଳ୍ପ ମନ୍ତ୍ରୀ, ଅସନ୍ତୋଷ ବ୍ୟକ୍ତ କଲେ ସମାରୋହର କର୍ମକର୍ତ୍ତା**

ବରୀ ଶିକ୍ଷା ମଣ୍ଡଳ ଅଧୀନ ରାଉତ ସାହିସ୍ଥିତ ପଣ୍ଡିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ଥିଲେ ମଧ୍ୟ ସେ ଆସି ପାରି ନ ଥିଲେ। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିଲେ ବି ଆସି ନ ଥିଲେ। ଫଳରେ ଏହାକୁ ନେଇ ରଜତ ଜୟନ୍ତୀ ସମାରୋହର କର୍ମକର୍ତ୍ତା, ଶିକ୍ଷାବିତ, ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶେଷ କରି ଉମେଶଙ୍କ ନିଜ ପଞ୍ଚାୟତରେ କାର୍ଯ୍ୟକ୍ରମ ହେଉଥିବାବେଳେ ସେ ଅନୁପସ୍ଥିତ ରହିବାକୁ ବହୁ ଲୋକ ନାପସନ୍ଦ କରିଥିଲେ। ପରେ ସ୍ଥାନୀୟ ଅତିଥିଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଇଥିଲା। ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷାବିତ୍ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଏନେଇ ମନ୍ତ୍ରୀ ସ୍ୱାଇଁ ଓ ବିଧାୟକ ପ୍ରାର୍ଥୀ ଜେନାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟନୀ ଅବସରରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ।

## ସଂକ୍ଷେପରେ

### ରାଜନଗର ଆସନ ମନ୍ଦିରର ବାର୍ଷିକ ଉତ୍ସବ

**ରାଜନଗର,୭।୬(ଭାସ୍କର ରାଉତରାୟ)**

ରାଜନଗରସ୍ଥିତ ଶ୍ରୀ ଶ୍ରୀଠାକୁର ନିଗମାନନ୍ଦ ପରମହଂସଦେବଙ୍କ ଆସନ ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳାଚଳ ସାରସ୍ୱତ ସଂଘର ସଭାପତି ଗଗନେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା, ମଙ୍ଗଳ ଆଳତି, ଗୁରୁବନ୍ଦନା, ବୈଦିକ ପ୍ରାର୍ଥନା, ସମ୍ମିଳନୀ ସମୂହ ପ୍ରାର୍ଥନା ସହିତ ଠାକୁରଙ୍କ ଅଲୌକିକ ଲୀଳା ଉପରେ ଆଲୋଚନା କରାଯାଇଥିଲା। ଠାକୁରଙ୍କ ଆଶ୍ରିତ ବିଭୁଦତ୍ତ ଲେଙ୍କା, ଅଭିରାମ ପଣ୍ଡା, ନିଗମାନନ୍ଦ ନାୟକ, ନିରଞ୍ଜନ ଶତପଥୀ, ତୁଷାରକାନ୍ତ ନାୟକ, ତ୍ରୈଲୋଚନ ରାଉତ, ଗିରିଧାରୀ ନାୟକ, ଗୌରାଙ୍ଗ ସାହୁ, ଅଭିମନ୍ୟୁ ବରାଳ, ଗୌରୀ ପଣ୍ଡା, ଶୀତାଂଶୁ ରାୟ ପ୍ରମୁଖ ଠାକୁରଙ୍କ ଦିବ୍ୟବାଣୀ ଉପରେ ଆଲୋଚନା କରିଥିଲେ। ଉତ୍ସବକୁ ଆଞ୍ଚଳିକ ସଂଘର ସଭାପତି ବିଜୟ କୁମାର ଜେନା, ସମ୍ପାଦକ ଅନିଲ କୁମାର ବଳ, ଅଜୟ ନାୟକ, ନଳିନୀକାନ୍ତ ବିଶ୍ୱାଳ, ତ୍ରିଲୋଚନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ସାହିତ୍ୟ ଭୂମି ପତ୍ରିକା ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ, ୭।୬ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇରୁ କଥାକାର ପ୍ରଦୀପ ନାୟକଙ୍କ ସମ୍ପାଦନାରେ ପ୍ରକାଶିତ ସର୍ଜନାର ଉର୍ମୀ 'ସାହିତ୍ୟ ଭୂମି' ପତ୍ରିକାର ଷଷ୍ଠ ବର୍ଷସଂଖ୍ୟା ସ୍ଥାନୀୟ ଟାଉନ କ୍ଲବ ପରିସରରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ସାହିତ୍ୟ ଭୂମି ଲେଖକ ସଂସଦର ସଭାପତି ଶିକ୍ଷାବିତ୍ ସଚ୍ଚିଦାନନ୍ଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ଅନିରୁଦ୍ଧ ରାଉଳ ମୁଖ୍ୟ ଅତିଥି, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁଃଶାସନ ପରିଡ଼ା ମୁଖ୍ୟବକ୍ତା, ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଇ ଅବସରରେ କବି ପ୍ରାଧ୍ୟାପକ ରଞ୍ଜିତ ସେନାପତିଙ୍କୁ ସାହିତ୍ୟଭୂମି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। କବି ପୁଣ୍ୟଶ୍ଳୋକ ଅଶୋକ ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଗ୍ରନ୍ଥକାର ବ୍ରଜବନ୍ଧୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ଶିକ୍ଷାବିତ୍ କସ୍ତୁରି ଚରଣ ସ୍ୱାଇଁ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ମନୋଜ ପରିଡ଼ା, ଚତୁର୍ଭୁଜ ରାଉଳ, ବ୍ରଜ କିଶୋର ପଣ୍ଡା, କବି ସୁଚିତ୍ରା ଗୁପ୍ତା, କବି ଦେବାଶିଷ ପ୍ରଧାନ, ଶିକ୍ଷକ ନେତା ବିଜୟ କୁମାର ସାହୁ, ନାଟ୍ୟକାର ହରେକୃଷ୍ଣ ଦାଶ, ଟାଉନ କ୍ଲବର ସଭାପତି ଅଖିଳ ଦାସ, ସମ୍ପାଦକ ରମେଶ ଦେ ପ୍ରମୁଖ ଯୋଗଦେଇଥିଲେ। ବେଲେଶ୍ୱର ସାହିତ୍ୟ ସଂସଦର ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ୮୫୯ ବାତ୍ୟା ଆଶ୍ରୟସ୍ଥଳରୁ ୩୧୨ ଅସୁରକ୍ଷିତ

■ ଜେନେରେଟର, ଲାଇଫ୍ ଜ୍ୟାକେଟ ସୁବିଧା ନାହିଁ
■ ଆଶ୍ରୟସ୍ଥଳରେ ରହିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ବିପନ୍ନ

**କେନ୍ଦ୍ରାପଡ଼ା,୭।୬(ଜଗନ୍ନାଥ ଧଳ)**



ମହାକାଳପଡ଼ା ବ୍ଲକ୍ ଜଗତଜୋରି ବାତ୍ୟା ଆଶ୍ରୟସ୍ଥଳ।

ରାଜ୍ୟକୁ ମୌସୁମୀ ଛୁଇଁଛି। ଆସନ୍ତା ୧୨ ତାରିଖଠାରୁ ସକ୍ରିୟ ହେବ ବୋଲି ପାଣିପାଗ ବିଶେଷଜ୍ଞ ସତର୍କ କରିଛନ୍ତି। ସାମୁଦ୍ରିକ ଝଡ଼ର ଆଶଙ୍କା ସର୍ବଦା ରହୁଥିବା ବେଳେ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ ଆଗାମୀ ମୌସୁମୀ ବର୍ଷା ସମସ୍ୟା ସୃଷ୍ଟି କରିବ। ବର୍ଷା ଅଧିକ ହେଲେ ଜିଲାରେ ପ୍ରବାହିତ ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା, ବ୍ରାହ୍ମଣୀ, ଗୋବରୀ ଆଦି ନଦୀର ଜଳସ୍ତର ବୃଦ୍ଧି ପାଇବ। ଫଳରେ ଜିଲାର ଅଧିକାଂଶ ଅଞ୍ଚଳରେ ଦୁର୍ବଳ ନଦୀବନ୍ଧ ଓ ଶେଷ ମୁଣ୍ଡରେ ବନ୍ଧବାଡ଼ ନ ଥିବାରୁ ବନ୍ୟା ଜଳ ପ୍ରାୟ ୪୫୦ ଗ୍ରାମକୁ ପ୍ରଭାବିତ କରିବ। ଏସବୁ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳର ଆବଶ୍ୟକତା ଅଛି। ତେବେ ଦୀର୍ଘବର୍ଷ ଧରି ବ୍ୟବହାର ହେଉଥିବା ୮୫୯ ଆଶ୍ରୟସ୍ଥଳ ମଧ୍ୟରୁ ୬ ବର୍ଷ ହେବ ୩୧୨ଟିକୁ ଜିଲା ପ୍ରଶାସନ ଅସୁରକ୍ଷିତ ଘୋଷଣା କରିଛନ୍ତି। ସେହିପରି କେତେକ ସ୍ଥାନରେ ଜେନେରେଟର, ଲାଇଫ୍ ଜ୍ୟାକେଟ ପରି ଅତ୍ୟାବଶ୍ୟକ ସୁବିଧା ନାହିଁ। ବର୍ଷା ପୂର୍ବରୁ ଏସବୁର ମରାମତି ସହ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନ ସଜାଗ ରହିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ସହରର ବିଜୟ କୁମାର ମଣ୍ଡଳ କହିଛନ୍ତି, ଜିଲାରେ ଶେଷ ଥର ପାଇଁ ୨୦୨୧ ମସିହାରେ ବଡ଼ ଧରଣର ବନ୍ୟା ହୋଇଥିଲା। ଏଥିରେ ୧୪୧ ପଞ୍ଚାୟତ ସହ ପଟ୍ଟାମୁଣ୍ଡାଇର ୧୧ ୱାର୍ଡ ପ୍ରଭାବିତ ହୋଇଥିଲା। ଏହି ସମୟରେ ଅସୁରକ୍ଷିତ ଆଶ୍ରୟସ୍ଥଳରେ ରହିବାକୁ ଲୋକମାନେ ଅନିଚ୍ଛା ପ୍ରକାଶ କରିଥିଲେ। ଆଶ୍ରୟସ୍ଥଳରେ ପାନୀୟ ଜଳର ଅଭାବ ଦେଖାଦେଇଥିଲା। ସେହିପରି ଗ୍ରାମାଞ୍ଚଳରେ ଥିବା ଫଟା କାନ୍ଥ, ଦୋହଲୁଥିବା ଘର ଜୀବନହାନିର ଆଶଙ୍କା ସୃଷ୍ଟି କରିଛି। ଉପାନ୍ତ ଅଞ୍ଚଳରେ ଏହା ଅଧିକ ବିପଜ୍ଜନକ। ଡେରାବିଶ ବ୍ଲକର ଧୀରେନ୍ଦ୍ର କୁମାର ଜେନା କହିଛନ୍ତି, କରାଣ୍ଡିଆ ନଦୀ ଆମ ପାଇଁ ସର୍ବଦା ବିପଦ ସାଜିଛି। ନଦୀରେ ବନ୍ୟା ଆସିଲେ ଆଶ୍ରୟସ୍ଥଳ ଖୋଜାପଡେ। ତେବେ ଏଠାରେ ଥିବା ଆଶ୍ରୟସ୍ଥଳର କାନ୍ଥ ଫାଟିଯିବା ସହ ଛାତରୁ ଖଣ୍ଡ ଖଣ୍ଡ କଂକ୍ରିଟ ପଲସ୍ତରା ଖସୁଛି। ରାଜନଗର ପାରିନଗରର ସୁମନ୍ତ ଭୂୟାଁ କହିଛନ୍ତି, ଆଶ୍ରୟସ୍ଥଳକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏନ୍‌ସିଆରଏମ୍‌ପି ପ୍ରକଳ୍ପରେ ନୂତନ ଆଶ୍ରୟସ୍ଥଳ ପାଇଁ ମଞ୍ଜୁରୀ ମିଳିଛି। ତେବେ ଗୃହ ନିର୍ମାଣରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଳମ୍ବ କରୁଛି। ଡେରାବିଶର ସାମାଜିକ କର୍ମୀ ନୀହାର ରଞ୍ଜନ ପ୍ରଧାନ କହିଛନ୍ତି, ଜିଲା ପ୍ରଶାସନ ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳ ସମ୍ପର୍କରେ ଅବଗତ ଅଛନ୍ତି। ତେବେ ଏହାର ନିରାକରଣ କରାଯାଉନାହିଁ। ଜିଲା ଜଳ ସମ୍ପଦ ବିଭାଗ ଅଧୀକ୍ଷକ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଜିଲାରେ ଥିବା ନଦୀବନ୍ଧ ମରାମତି ଚାଲିଛି। ଖୁବ୍‌ଶୀଘ୍ର ଆଉ ଥରେ ଦୁର୍ବଳ ନଦୀବନ୍ଧର ତର୍ଜମା କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ। ଏଡିଏମ୍ ରବୀନ୍ଦ୍ର କୁମାର ମଲିକ କହିଛନ୍ତି, ବାତ୍ୟା ଆଶ୍ରୟସ୍ଥଳୀ ଅପେକ୍ଷାକୃତ ଭଲ ଅଛି। ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପଦ ସମୟରେ ସୁରକ୍ଷା ପ୍ରଦାନ କରୁଛି। କେତେକ ସ୍ଥାନରେ ମରାମତି ଓ ଉପକରଣର ଆବଶ୍ୟକତା ଅଛି। ଏ ସମ୍ପର୍କରେ ତନଖି କରାଯାଇ ପ୍ରତିକାର ବ୍ୟବସ୍ଥା ଖୁବ୍‌ଶୀଘ୍ର ନିଆଯିବ।

## ପଲସୁଧାରେ ଶତାଧିକ ଗୋରୁ ଉଦ୍ଧାର


ଉଦ୍ଧାର ହୋଇଥିବା ଗୋରୁ।

**ପାଟକୁରା,୭।୬ (ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ କୁଦାନଗରୀ ଥାନା ଅନ୍ତର୍ଗତ ପଲସୁଧା ପଞ୍ଚାୟତରୁ ଶତାଧିକ ଗୋରୁ ଶନିବାର ଉଦ୍ଧାର ହୋଇଛନ୍ତି। ପାଇକା ନଦୀ ପଠାରେ ଗାଈ ଓ ଷଣ୍ଢଙ୍କୁ ଅତି ନିର୍ଦ୍ଦୟ ଭାବେ ବନ୍ଧା ଯାଇଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ମାନସ ରଞ୍ଜନ ଦାସ, ରୁଦ୍ର କଲ୍ୟାଣ ତ୍ରିପାଠୀ, ରଞ୍ଜିତ ଆଚାର୍ଯ୍ୟ, ରଶ୍ମି ରଞ୍ଜନ ମହାନ୍ତି, ପ୍ରଭୁ କଲ୍ୟାଣ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ଦାସ କାର୍ଯ୍ୟକର୍ତ୍ତାମାନେ ପହଞ୍ଚି ଗୋରୁଙ୍କୁ ନିଜ ଅକ୍ତିଆରକୁ ନେବା ସହିତ ସ୍ଥାନୀୟ କୁଦାନଗରୀ ଥାନାକୁ ସୂଚନା ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର ହୋଇଥିବା ଗାଈଗୁଡ଼ିକ ଏକ ଗୋଶାଳାକୁ ପଠାଇବାକୁ ଉଦ୍ୟମ ହେଉଛି। ତେବେ ରିପୋର୍ଟ ଲେଖା ପର୍ଯ୍ୟନ୍ତ ଗୋରୁ ସବୁ ପଲସୁଧାରେ ବନ୍ଧା ହୋଇଛନ୍ତି। ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ରଙ୍କନିଧି ଦାସ, ବିଶ୍ୱଜିତ ମହାନ୍ତି, କୃଷ୍ଣା ସିଂହ, ସୁଜିତ ସିଂହ, ନୃସିଂହ ଚରଣ ସ୍ୱାଇଁ, ସଞ୍ଜୟ ରାଉତ, କୀର୍ତ୍ତି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ

**ନାଉଗାଁ,୭।୬(ସୁଧା ବେହୁରା)**


ଦୁର୍ବୃତ୍ତମାନେ ଫଳକ ଭାଙ୍ଗି ଦେଇଛନ୍ତି।

ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତ ଅନ୍ତର୍ଗତ ଅରଖକୁଦ ଗ୍ରାମରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଫଳକରେ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ବିଧାୟକ ଅମରେନ୍ଦ୍ର ଦାସଙ୍କ ନାମ ରହିଛି। ବିଭାଗ ପକ୍ଷରୁ ଏନେଇ ଜୁନ୍ ୮ ଧାର୍ଯ୍ୟ କରାଯାଇଥିଲା। ହେଲେ ଭିତ୍ତିପ୍ରସ୍ତର ସ୍ଥାପନର ଗୋଟିଏ ଦିନ ପୂର୍ବରୁ କୌଣସି ଦୁର୍ବୃତ୍ତ ଉକ୍ତ ଫଳକକୁ ଭାଙ୍ଗି ଦେଇଛନ୍ତି। ଏନେଇ ବିଭାଗ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ, କିଏ ଭାଙ୍ଗିଛନ୍ତି ଆମେ ଦେଖିନାହୁଁ, ରବିବାର ପୁନର୍ବାର ଫଳକ ସ୍ତମ୍ଭରେ ଲଗାଯାଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି କହିଛନ୍ତି।

## ଭଡ଼ାଘରୁ ଯୁବତୀ, ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନିଶ୍ଚିନ୍ତକୋଇଲି/ସାଲେପୁର, ୭।୬ (ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)**


ଚିନ୍ମୟୀ ଭୋଇ


ଦେବେନ୍ଦ୍ର ମୁଣ୍ଡା

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଖନ୍ଦୋଳ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ଭଡ଼ାଘରୁ ପୋଲିସ ଯୁବତୀ, ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେମାନେ ହେଲେ ସାଲେପୁର ଥାନା ବାଲିସାହି ପଞ୍ଚାୟତ ଅନ୍ତର୍ଗତ ମାଛୁଆତି ଗ୍ରାମର ଚିନ୍ମୟୀ ଭୋଇ (୨୫) ଓ ସାଲେପୁର ଥାନା ବାଲିସୀମଳା ଗ୍ରାମର ଦେବେନ୍ଦ୍ର ମୁଣ୍ଡା (୨୮)।

ଚିନ୍ମୟୀ ସ୍ଥାନୀୟ ମିର୍ଜାପୁର ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଦୀର୍ଘଦିନ ହେବ ଦେବେନ୍ଦ୍ରଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଉଭୟ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ପରିବାର ଲୋକେ ସେମାନଙ୍କ ବିବାହରେ ପ୍ରତିବନ୍ଧକ ସାଜିଥିଲେ। ଦୁହେଁ ୪ ଦିନ ହେବ ଖନ୍ଦୋଳ ଗ୍ରାମର କ୍ଷୀରୋଦ ଲେଙ୍କାଙ୍କ ଘରେ ଭଡ଼ାସୂତ୍ରରେ ରହି ଆସୁଥିଲେ। ଶୁକ୍ରବାରଠାରୁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ସେମାନେ ରହୁଥିବା ଭଡାଘର କବାଟ ବନ୍ଦ ରହିଥିଲା। ବନ୍ଦ ଘରୁ ଦୁର୍ଗନ୍ଧ ଆସିବାରୁ ପରେ ଘର ମାଲିକ ସନ୍ଦେହ ପ୍ରକଟ କରି ମାହାଙ୍ଗା ଥାନାରେ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଖୋଲିବା ପରେ ଚିନ୍ମୟୀ ଓ ଦେବେନ୍ଦ୍ରଙ୍କୁ ଗୋଟିଏ ଓଢ଼ଣିରେ ଝୁଲୁଥିବା ଦେଖିଥିଲେ। ଏହାପରେ ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ମାହାଙ୍ଗା ଥାନାରେ ଏକ ଅପମୃତ ମାମଲା ରୁଜୁ ହୋଇଛି। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ମାର୍ଶାଘାଇ,୭।୬ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍‌ସନଭୋଗୀ) ମାର୍ଶାଘାଇ ବ୍ଲକ ଶାଖା ପକ୍ଷରୁ ବୁଧବାର ଗୋଜବାୟାଣୀ ପୀଠ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ଶାଖା ସଭାପତି ଚିତ୍ତରଞ୍ଜନ ରାଉଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ଅଲ୍ ଓଷ୍ଟା ଶିକ୍ଷକ ସଂଘ ସମ୍ପାଦକ ପ୍ରଦୀପ୍ତ କୁମାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଜିଲା ସଂଘ ସଭାପତି ଅନନ୍ତ ଚରଣ ପରିଡ଼ା ଯୋଗଦେଇ ସଂଘର ଲକ୍ଷ୍ୟ ଏବଂ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ମହାକାଳପଡ଼ା ବ୍ଲକ ସଂଘ ସଭାପତି ଶିଶିର କୁମାର ବେହେରା, ସମ୍ପାଦକ ଅମିୟ ଚୌଧୁରୀ ଯୋଗଦେଇ ମାର୍ଶାଘାଇ ବ୍ଲକ ସଂଘର ଉଦ୍ୟମକୁ ପ୍ରଶଂସା କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ଏକ କୋର କମିଟି ଗଠନ କରାଯାଇଛି। ଏଥିରେ ସବୁବର୍ଗର ଶିକ୍ଷୟିତ୍ରୀଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯିବ। ଅଲ୍ ଓଷ୍ଟା ଶିକ୍ଷକ ସମ୍ପାଦକ ପ୍ରଦୀପ୍ତ କୁମାର ଲେଙ୍କା, ସଭାପତି ରମେଶ ଚନ୍ଦ୍ର ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରକାଶ ଷଡ଼ଙ୍ଗୀ, ସମ୍ପାଦକ ପାର୍ଥ ସାରଥି ସାହୁ, ଲକ୍ଷ୍ମୀଧର ଲେଙ୍କା, ଏନ୍‌ପିସି ଶିକ୍ଷକ ଶିକ୍ଷକ ସଭାପତି ଚିତ୍ତରଞ୍ଜନ ରାଉଳ, ସମ୍ପାଦକ ଦୀପ୍ତିବାଳା ସ୍ୱାଇଁ, ବରିଷ୍ଠ ଶିକ୍ଷକ କିଶୋର ସେନାପତି, ଦୀପକ ବେହେରା, ଦେବେନ୍ଦ୍ର ଦାସ, ସଞ୍ଜୟ କୁମାର ଦାସ ପ୍ରମୁଖ ଏହି କମିଟିକୁ ଚୟନ ହୋଇଛନ୍ତି। ଏହି ଅବସରରେ ବରିଷ୍ଠ ଶିକ୍ଷକ ସୁଦାମ ବେହେରା ଏବଂ ପ୍ରମୋଦ ଲେଙ୍କାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସ୍ମରଣିକା ଊନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର ଉନ୍ମୋଚିତ

**ରାଜନଗର, ୭।୬ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ୍ ଜରିମୂଳସ୍ଥିତ ମା' ମାଟିଆ ମଙ୍ଗଳାଙ୍କ ପୀଠରେ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଗୁରୁବାର ସ୍ମରଣିକା ଊନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବିଧାୟକ ଅଂଶୁମାନ୍ ମହାନ୍ତି ଆନୁଷ୍ଠାନିକ ଭାବେ ସଭାକୁ ଉଦ୍‌ଘାଟନ କରିଥିଲେ। ଏଥିସହ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପାଇଁ ଏ ମାଟି ଗର୍ବିତ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସୁଧାଂଶୁ ଶେଖର ରାଉତ କହିଥିଲେ, ଦେହତ୍ୟାଗ କରିବାର ୫୦ବର୍ଷ ପରେ କୃଷ୍ଣଚନ୍ଦ୍ରଙ୍କ ପାଇଁ ସ୍ମରଣିକା ପ୍ରକାଶ କରିବା ସମାଜକୁ ସୁସଂସ୍କୃତ କରିବା ସହ ପରବର୍ତ୍ତୀ ପିଢ଼ି ପାଇଁ ଅନେକ ଶିକ୍ଷା ପ୍ରଦାନ କରେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ କୃଷ୍ଣଚନ୍ଦ୍ରଙ୍କ ମହତପଣିଆ ବଖାଣିବାକୁ ଯାଇ ମା' ମାଟିଆ ମଙ୍ଗଳା ନାଟ୍ୟ ନିକେତନ ନାମରେ ଯାତ୍ରା ପାର୍ଟି ଗଠନ କରି ୧୭ ବର୍ଷ ପରିଚାଳନା କରିଥିଲେ ମଧ୍ୟ ସେ ନିଜକୁ ଚାଷୀ ଓ ଚଷାକୁଳର ଚମକପ୍ରଦ ଚାଷୀଟିଏ ବୋଲି ଭାବୁଥିଲେ। ବରେଣ୍ୟ ଅତିଥି ଭାବେ ସୀତାକାନ୍ତ ରାଉଳ ଗରିବ ଅସହାୟର ସାଥୀ ଭାବେ କୃଷ୍ଣଚନ୍ଦ୍ରଙ୍କୁ ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଶାଲତା ରାଉତ କୃଷ୍ଣଚନ୍ଦ୍ରଙ୍କ ସମଗ୍ର ଜୀବନୀକୁ ଉଦ୍‌ଥାପନ କରିବା ସହିତ ତାଙ୍କ ନାତୁଣୀବୋହୂ ଭାବେ ନିଜକୁ ଗର୍ବ ଅନୁଭବ କରିଥିଲେ। ପଣ୍ଡିତ ମହାପାତ୍ର ଊନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର ଏକ ସାଧାରଣ ପତ୍ରିକା ନୁହେଁ, ଏହା ଏକ ଐତିହାସିକ ଦଲିଲ୍ ବୋଲି କହିଥିଲେ। ସଂସଦର ପ୍ରତିଷ୍ଠାତା ସମ୍ପାଦକ ସୁଶ୍ରୀକାନ୍ତ ପରିଡ଼ା ଅତିଥି ପରିଚୟ ଓ ଧନ୍ୟବାଦ୍ ଦେଇଥିଲେ।

## ବିଦ୍ୟାଳୟରେ ବୃକ୍ଷରୋପଣ, ସମ୍ବର୍ଦ୍ଧନା

**ରାଜକନିକା,୭।୬(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ସହ ବିଇଓ ନଳିନୀ ରଞ୍ଜନ ରାଉତରାୟ, ବିଇଓଙ୍କ କାର୍ଯ୍ୟାଳୟର ମୁଖ୍ୟ ଲିପିକ ବନମାଳୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଜିଲା ଓଷ୍ଟା ସଭାପତି ସଞ୍ଜୟ କୁମାର ସାମଲ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ବିଆର୍‌ସିସି କୈଳାସ ଚନ୍ଦ୍ର ସାହୁ, ଏବିଇଓ ସୁରୁଚିପ୍ରଭା ଦାଶ, ନୋଡାଲ ପ୍ରଧାନ ଶିକ୍ଷକ (ମାଧ୍ୟମିକ) ଧର୍ମଜ୍ୟୋତି ରାଉତ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ଦାସ ଓ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଲିଗାଲ ରିଟେନର ବିଶ୍ୱଜିତ ରାଉତ ପ୍ରମୁଖ ଯୋଗଦେଇଥିଲେ। ବୃକ୍ଷରୋପଣ ପରେ ଅବସର ପ୍ରତିଭା ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆରସିସି ଖଗେଶ୍ୱର ପଢ଼ିହାରୀ, ସିଆରସିସି ମହେନ୍ଦ୍ର କୁମାର ମାହୁନ୍ତ, ଶୁଭଶ୍ରୀ ସେଠୀ, ମନୀଷା ମାଝି ଉପସ୍ଥିତ ଥିଲେ। ସିଆରସିସି ନିବାସ ରାଉତ, ସିଆରସିସି ସବ୍ୟସାଚୀ ଶତପଥୀ, ସଞ୍ଜୟ କୁମାର ବଳ, ବୀରେନ୍ଦ୍ର କୁମାର ରାଉତ, ପ୍ରଧାନ ଶିକ୍ଷକ ନାରାୟଣ ବେହେରା, ହରେକୃଷ୍ଣ ସାହୁ ପ୍ରମୁଖ ଅଭିଭାଷଣ ରଖିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦ୍ୱିତୀୟ ଦିନରେ ରାଜନଗର ଥାନା ସମ୍ମୁଖରେ ଅନଶନ

**ରାଜନଗର , ୭।୬ (ଭାସ୍କର ରାଉତରାୟ)**



ଅନଶନକାରୀ ଅସୁସ୍ଥ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ରାଜନଗରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନଗର ଥାନାକୁ ଦଲାଲଙ୍କ ଚରାଭୂଇଁ କରାଯାଇଥିବା ପ୍ରତିବାଦରେ ବିଜେଡି ପକ୍ଷରୁ ଥାନା ଆଗରେ ଚାଲିଥିବା ଅନଶନ ଦ୍ୱିତୀୟ ଦିନ ଶନିବାରରେ ଜାରି ରହିଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ବିଜେଡିର କର୍ମକର୍ତ୍ତା ଥାନା ଆଗରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅନଶନରେ ବସି ରହିଛନ୍ତି।

ଶୁକ୍ରବାର ବର୍ଷା, ପବନ ସାଙ୍ଗକୁ ପ୍ରଚଣ୍ଡ ରୌଦ୍ର ତାପ ଓ ଗୁଳୁଗୁଳି ସତ୍ତ୍ୱେ ଥାନା ଆଗରେ ଶତାଧିକ କର୍ମୀ ଅନଶନରେ ବସିଛନ୍ତି। ଦାବି ପୂରଣ ହେବ ଓ ରାଜନଗରରେ ଆଇନ୍‌ଶୃଙ୍ଖଳା ଫେରିବା ଯାଏ ଶାନ୍ତିପୂର୍ଣ୍ଣ ଭାବେ ଅନଶନରେ ବସି ରହିବାକୁ ନେତା ଓ କର୍ମୀଙ୍କ ଜିଦ ପୋଲିସର ନିଦ ହଜାଇ ଦେଇଛି। ବୁଧବାର ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ଯୋଗୁ ଅନଶନରେ ବସିଥିବା ୫ ଜଣ ଅସୁସ୍ଥ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଗୁପ୍ତି ସମିତି ସଭ୍ୟା ମିନତି ସାହୁ, ସମବାୟବିତ୍ ଦିଲୀପ ପାତ୍ର, ବନ୍ଧପଡ଼ା ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ପାତ୍ର, ବ୍ରାହ୍ମଣସାହି ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଅନଶନସ୍ଥଳରେ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଅନଶନ ଜାରି ରଖି ଉଠି ନ ଥିଲେ। ସନ୍ଧ୍ୟାରେ ଅତିରିକ୍ତ ଏସ୍‌ପି ଦେବାଶିଷ ଧଳ ଥାନାରେ ପହଞ୍ଚି ଅନଶନକାରୀଙ୍କ ପ୍ରତିନିଧି ଦଳ ସହ ଆଲୋଚନା କରୁଛନ୍ତି। ଶାସକ ଦଳ କର୍ମୀ ରାଜନଗର ଥାନାକୁ ନିଜ କବ୍‌ଜାକୁ ନେବା ସହିତ ଥାନା ଭିତରେ ଓ ବାହାରେ ଅଭିଯୋଗକାରୀଙ୍କୁ ଗାଳିଗୁଲଜ, ଧମକ ଓ ଶୋଷଣ କରୁଛନ୍ତି। ଥାନାର କିଛି ନିର୍ଦ୍ଦିଷ୍ଟ ଅଫିସର ଶାସକ ଦଳର କର୍ମୀଙ୍କ ମାଧ୍ୟମରେ ଦଲାଲି କରିବା ସହ ଥାନାକୁ ଆସୁଥିବା ଲୋକପ୍ରତିନିଧିମାନଙ୍କୁ ଅସମ୍ମାନ କରିବାକୁ ପଛାଉ ନାହାନ୍ତି। ଏପରିକି ଶାସକ ଦଳର କର୍ମୀଙ୍କ ନିର୍ଦ୍ଦେଶରେ ଅଭିଯୋଗକାରୀଙ୍କୁ ମାଡ ମରାଯାଉଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଆଇଆଇସିଙ୍କ ଉପସ୍ଥିତିରେ ବ୍ୟବହାର ଓ ଧମକ ଦେଇଥିବା ଅସମାଜିକ ବ୍ୟକ୍ତିଙ୍କୁ ସିସିଟିଭି ଫୁଟେଜ ଆଧାରରେ ଗିରଫ , ହତିନା ପଞ୍ଚାୟତ ପେଣ୍ଠ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରୁ ଚୋରି କରିଥିବା ଅଭିଯୁକ୍ତମାନଙ୍କୁ ଗିରଫ ଓ ବାତ୍ୟା ଆଶ୍ରୟସ୍ଥଳୀସମ୍ପାଦକଙ୍କ ଏତଲାକୁ ପଞ୍ଜୀକୃତ କରିବା , ଥାନା ଭିତରେ ଦଲାଲି କରୁଥିବା ଓ ଅଭିଯୋଗକାରୀଙ୍କୁ ଗାଳିଗୁଲଜ ଓ ଧମକ ଦେଉଥିବା ଅସମାଜିକ ଯୁବକ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଅଭିଯୋଗକାରୀଙ୍କୁ ଗାଳିଗୁଲଜ ଓ ମାଡ ମାରୁଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପଞ୍ଚାୟତ ସମିତିର ମହିଳା ଅଧ୍ୟକ୍ଷ୍ୟାଙ୍କୁ ଗାଳିଗୁଲଜ ଓ ହଇରାଣ ହରକତ କରୁଥିବା ଅସମାଜିକ ବ୍ୟକ୍ତିଙ୍କୁ ବ୍ଲକ ପରିସରକୁ ବାରଣ , ଥାନାକୁ ଲୋକଙ୍କ ସମସ୍ୟା ନେଇ ଆସୁଥିବା ଜନପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ଦାବିରେ ଗତକାଲିଠାରୁ ଅନଶନ ଜାରି ରହିଛି ରାଜନଗର ବ୍ଲକ ଅଧ୍ୟା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ , ବ୍ଲକ ବିଜେଡି ସଭାପତି ତଥା ସରପଞ୍ଚ ନିରଞ୍ଜନ ରାଉତ , ସରପଞ୍ଚ ସଂଘର ସଭାପତି ତଥା ମହିଁଷାସୁର ସରପଞ୍ଚ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଅନଶନ ଜାରି ରହିଛି।

## ଡେରାବିଶ, ପଟ୍ଟାମୁଣ୍ଡାଇରେ ଇଦ୍-ଉଜ୍-ଜୁହା

**ଡେରାବିଶ/ ପଟ୍ଟାମୁଣ୍ଡାଇ, ୭।୬ (ବେବର୍ତ୍ତା ଅଜୟ ଦାସ/ କଳ୍ପତରୁ ନାୟକ)**


ଡେରାବିଶରେ ଇଦ୍-ଉଜ୍-ଜୁହା ପାଳନ କରାଯାଉଛି।


ପଟ୍ଟାମୁଣ୍ଡାଇରେ ସମୂହ ନମାଜ ପାଠ କରାଯାଉଛି।

ସମର୍ପଣ, ତ୍ୟାଗ ଓ ଭାଇଚାରାର ସନ୍ଦେଶ ବହନ କରି ଆସୁଥିବା ପବିତ୍ର ଇଦ୍-ଉଜ-ଜୁହା ପର୍ବ ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ମୁସଲମାନ ସାହିରେ ଶନିବାର ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାଠାରୁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ମସଜିଦ୍ ଓ ଇଦ୍‌ଗାହାକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜା ଯାଇଥିଲା। ଏହି ଉପଲକ୍ଷେ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସାହିରେ ଶନିବାର ସକାଳୁ ମୁସଲମାନ ଭାଇଭଉଣୀମାନେ ନୂତନ ବସ୍ତ୍ର ପରିଧାନ କରିବା ସହ ସମସ୍ତଙ୍କ ଘରେ ସ୍ୱାଦିଷ୍ଟ ଭୋଜନମାନ ରନ୍ଧା ଯାଇଥିଲା। ସେହିପରି ପରିବାରର ସ୍ତ୍ରୀ ଲୋକମାନେ ନିଜର ନିକଟସ୍ଥ ବନ୍ଧୁ ପରିଜନ ଓ ସାହି ପଡୋଶୀ ଘରକୁ ଯାଇ ମିଷ୍ଟାନ୍ନ ବଣ୍ଟନ କରିବା ସହ ପରସ୍ପରକୁ ଇଦ୍-ଉଜ-ଜୁହା ପର୍ବର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ମୁସଲମାନ ସାହିରେ ଥିବା ମସଜିଦ୍ ଓ ଇଦଗାହାରେ ସକାଳ ୭ଟାରୁ ୯ଟା ମଧ୍ୟରେ ସମୂହ ନମାଜ ପାଠ କରାଯିବା ସହ ବିଶ୍ୱଶାନ୍ତି ଓ ପ୍ରଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଉପଲକ୍ଷେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତସ୍ଥିତ ଦେଓବନ୍ଦି ଜୁମା ମସଜିଦ୍, ସୁନ୍ନି ବରେଲି ମସଜିଦ୍, ଲକ୍ଷ୍ମୀନରାୟଣପୁର ପଞ୍ଚାୟତସ୍ଥିତ ଛଞ୍ଚଣା ମସଜିଦ୍, ବାଲିଆ ପଞ୍ଚାୟତର ବାଲିଆ ମସଜିଦ. ଚାଟରାଚକଡ଼ା ପଞ୍ଚାୟତର ଓଲଢି ସୁନି ତଏତୁଲ ମସଜିଦ୍, କାଉପଡ଼ା ପଞ୍ଚାୟତସ୍ଥିତ ଓଲଢି ମସଜିଦ ଓ ଓଲଢି ମିର୍ଜାନଗର ମସଜିଦ୍, କୁରୁଜଙ୍ଗା ପଞ୍ଚାୟତ ଅଧୀନ ମନ୍ତ୍ରୀପଡ଼ା ମସଜିଦ୍, କୁଶିଆପାଳ ପଞ୍ଚାୟତ ହଳଦିଆ ସୁନ୍ନି ମସଜିଦ୍ ଓ ଜାମା ମସଜିଦରେ ସମୂହ ନମାଜ ପାଠ ହୋଇଥିଲା। ଏତଦବ୍ୟତିତ ଗୁଆଳସିଂ ପଞ୍ଚାୟତ ଅଧୀନ ମିର୍ଜାପାଟଣା ମସଜିଦ୍, ନିୟାମତପୁର ମସଜିଦ ଓ ମଦିନାବାଗ ମସଜିଦ୍ ଏବଂ ବେଣୀପୁର ପଞ୍ଚାୟତ ଅଧୀନ ସଦାନନ୍ଦପୁର ମସଜିଦରେ ମୁସଲମାନ ଭାଇମାନେ ପବିତ୍ର ଇଦ୍-ଉଜ୍-ଜୁହା ପର୍ବର ସମୂହ ନମାଜ ପାଠ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ମସଜିଦ ଓ ଇଦ୍‌ଗାହା ସମ୍ମୁଖରେ କେନ୍ଦ୍ରାପଡ଼ା ସଦର ଓ ଡେରାବିଶ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।

ସେହିପରି ପଟ୍ଟାମୁଣ୍ଡାଇ ସଂଖ୍ୟାଲଘୁ ମୁସଲମାନ ବସ୍ତିରେ ଶନିବାର ପବିତ୍ର ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ଏଥିପାଇଁ ପଟ୍ଟାମୁଣ୍ଡାଇ ବସ୍ତିରେ ଥିବା ବିଭିନ୍ନ ସାହି ଓ ମସଜିଦଗୁଡ଼ିକରେ ରଙ୍ଗିନ ଆଲୋକମାଳାରେ ସଜାଯାଇଛି। ଏଥିପାଇଁ ସକାଳୁ ମୁସଲମାନ ଭାଇମାନେ ନୂଆ ବସ୍ତ୍ର ପିନ୍ଧି ମସଜିଦରେ ପହଞ୍ଚି ଥିଲେ। ଇଦ୍‌ଘାଠାରେ ସକାଳ ସାଢ଼େ ୮ରେ ମୌଲାନା ଇସ୍ରାଫିଲ ଆମଜାଦୀ, ମୌଲାନା ସଲାଉଦ୍ଦିନ ଖାଁଙ୍କ ଅଧ୍ୟକ୍ଷତାରେ ସାମୂହିକ ନମାଜ ପାଠ ହୋଇଥିଲା। କାର୍ଯ୍ୟକ୍ରମରେ ଏହି ପର୍ବର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ମୁସଲମାନ ସମ୍ପ୍ରଦାୟକୁ ଅବଗତ କରାଯିବା ସହ ମିଳିତ ଭାବେ ଆମ ଦେଶ ଭାରତ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଥିଲେ। ଏହି ସମୂହ ନମାଜ ପାଠ କାର୍ଯ୍ୟକ୍ରମରେ ୧୫୦୦ରୁ ଊର୍ଦ୍ଧ୍ୱ ମୁସଲମାନ ମହିଳାପୁରୁଷ ଭାଗ ନେଇଥିଲେ। ଏହି ପର୍ବକୁ ଶେଖ ମୋଇଉଦ୍ଦିନ, ଶେଖ ଅବଦୁଲ ବାରି, ଇସ୍ମାଇଲ ଅଲ୍ଲୀ, ଶେଖ ଆମରୁଲ, ମୁସ୍ତର ଅଲ୍ଲୀ, ଶେଖ ଜାକିର ହୁସେନ, ମିର୍ଜ ଇବ୍ରାର ବେଗ, ତାରିକ ମହମ୍ମଦ, ମହମ୍ମଦ ଫିର୍ଦୋଷ, ଶେଖ ବାଦଶାହ, ଶେଖ ଜୁମା ପ୍ରମୁଖ ପରିଚାଳନା କରିଥିଲେ।

## ଜୁଆଆଡ୍ଡା ଉପରେ ଚଢ଼ାଉ, ଜଣେ ଗିରଫ

ବେଲଗୁଣ୍ଠା,( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ପୋଲିସ ଶନିବାର ଏକ ଜୁଆଆଡ୍ଡା ଉପରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଗହଙ୍ଗୁ ଗ୍ରାମର କୁଶନାଥ ବିଶ୍ୱାଳ। ଏସଆଇ ଅଭୟ ପ୍ରଧାନ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଗ୍ରାମ ଠାକୁରାଣୀ ମନ୍ଦିର ନିକଟରେ ଜୁଆଖେଳ ଚାଲିଥିବା ସୂଚନା ପାଇ ଟିମ ସହ ସେଠାରେ ଚଢ଼ାଉ କରିଥିଲେ। କେତେ ଜଣ ଦୌଡ଼ି ପଳାଇଥିବା ବେଳେ କୁଶନାଥଙ୍କୁ ପୋଲିସ ଧରିଥିଲା। ତାଙ୍କ ନିକଟରୁ ୧୨ ହଜାର ୪୦୦ ଟଙ୍କା ଜବତ କରିବା ସହ ତାସ ଏବଂ ୩ଟି ବାଇକ୍ ଜବତ ହୋଇଛି। ନଂ. ୨୮୬/୨୫ରେ ଏକ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### କର୍କଟ ଆକ୍ରାନ୍ତ ଯୁବକଙ୍କୁ ସହାୟତା

ଚିକିଟି,୭।୬(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲ୍ଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ୭ ନଂ. ୱାର୍ଡ଼ ଗଣେଶ ନଗରର ଟୁନା ସାହୁ (୪୫)ଙ୍କୁ ସେବା ସଂସ୍ଥାନ ତରଫରୁ ଶୁକ୍ରବାର ୭ ହଜାର ଟଙ୍କା ଏବଂ ଏକ ବସ୍ତା ଚାଉଳ ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଆଜକୁ ଦୀର୍ଘ ୨ ବର୍ଷ ହେଲା ମୁଖ କର୍କଟ ରୋଗରେ ପୀଡିତ ହୋଇଛନ୍ତି। ବିଭିନ୍ନ ମେଡ଼ିକାଲ୍‌ରେ ଚିକିତ୍ସା କରି ପରିବାର ସର୍ବସ୍ୱାନ୍ତ ହୋଇ ପଡିଛନ୍ତି। ସରକାରଙ୍କ ତରଫରୁ ପାଇଥିବା ସ୍ୱାସ୍ଥ୍ୟ କାର୍ଡରୁ ମଧ ଚିକିତ୍ସା ଖର୍ଚ୍ଚରେ ସରି ଯାଇଛି। ଅର୍ଥ ଅଭାବରୁ ଚିକିତ୍ସା ନ ହୋଇ ଟୁନା ଏକ ମାସ ହେଲା ଘରେ ପଡ଼ି ରହିଛନ୍ତି। ଏହି ଖବର ଶୁଣି ସେବା ସଂସ୍ଥାନ ସାଙ୍ଗେ ସାଙ୍ଗେ ତାଙ୍କ ନିକଟକୁ ଯାଇ ସେହି ପରିବାରଙ୍କୁ ଭେଟି ୭ହଜାର ଓ ଗୋଟିଏ ଚାଉଳ ପ୍ୟାକେଟ ପ୍ରଦାନ କରି ସହଯୋଗ କରିଥିଲେ ଏବଂ ତାଙ୍କୁ ସାନ୍ତ୍ୱନା ମଧ ଦେଇଥିଲେ। ଏହି ସହଯୋଗ ଓ ସାନ୍ତ୍ୱନା ପାଇ ପରିବାର ବର୍ଗ ସେବା ସଂସ୍ଥାନକୁ ପ୍ରଶଂସା କରିଥିଲେ।

### ଟ୍ରଲି ଧକ୍କାରେ ୨ ବାଇକ୍ ଆରୋହୀ ଆହତ

ବୁଗୁଡ଼ା,୭।୬(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଂ ଗାଁ ଗୁଡ଼ିସାହି ରାସ୍ତାରେ ମଟର ଚାଳିତ ଟ୍ରଲି ରିକ୍ସାର ଧକ୍କାରେ ୨ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ପାଙ୍ଗିଡି ଗ୍ରାମର ଶଙ୍କର ସ୍ୱାଇଁ (୩୫) ଓ ଗୋଲାବଞ୍ଜର ଗାଁର ଶଙ୍କର ପାତ୍ର (୪୨)। ପ୍ରକାଶ ଯେ, ଶନିବାର ଅପରାହ୍ନରେ ୨ ସଙ୍ଗାତ ବାଇକରେ ଗୋଲାବନ୍ଧ ଗ୍ରାମକୁ କୌଣସି କାମରେ ଯାଉଥିଲେ। ସାମନା ପଟୁ କେଶବ ସାହୁ ଦୃତଗତିରେ ଟ୍ରଲି ରିକ୍ସା ଚଲାଇ ଏକ ହାଇୱାକୁ ଓଭରଟେକ୍ କରି ଆସୁଥିବା ବେଳେ ପ୍ରଥମେ ବିଦ୍ୟୁତ୍ ବିଭାଗର ଗାଡି (ନଂ. -ଓଡି ୦୭ ଏଏ ୯୭୦୧) ସହ ଧକ୍କା ହୋଇ ବାଇକକୁ ଧକ୍କା ଦେଇଥିଲା। ନିଶାସକ୍ତ ଟ୍ରଲି ରିକ୍ସା ଚାଳକ ଜଣକ କୌଶଳରେ ଡିଆଁ ମାରିଥିବା ବେଳେ ବାଇକ ଆରୋହୀ ରାସ୍ତାକଡସ୍ଥ ଲଟାବୁଦାରେ ପଡ଼ିଯାଇଥିଲା। ଦୁର୍ଘଟଣାରେ ଶଙ୍କର ପାତ୍ରଙ୍କ ଡାହାଣ ଗୋଡ ଏବଂ ଶଙ୍କର ସ୍ୱାଇଁଙ୍କ ଡାହାଣ ପାଦକୁ ଆଘାତ ଲାଗିଥିଲା। ଉଭୟଙ୍କୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ବିଦ୍ୟୁତ ବିଭାଗ ଗାଡ଼ିର ଫଛପଟ ଇଣ୍ଡିକେଟର ଲାଇଟ୍ ଭାଙ୍ଗି ଯାଇଥିବା ବେଳେ ବାଇକଟି ମଧ କ୍ଷତିଗ୍ରସ୍ତ ହୋଇଛି।

### ଆଲିଆବାଦରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ଗଞ୍ଜାମ,୭।୬(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ କରପଡା ପଞ୍ଚାୟତ ଆଲିଆବାଦ ଗ୍ରାମରେ ବ୍ଲକ୍ କୃଷି କାର୍ଯ୍ୟାଳୟ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ୍ କୃଷି ଅଧିକାରୀ ରଶ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଅଜୟ ନାୟକ, କୃଷି ବିଶେଷଜ୍ଞ ଡ଼.ସନ୍ଦୀପ ମହାନ୍ତି, ଡ଼.ଆଶିଷ ମଇତି, ବିଏଓ ରଶ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଭିତ୍ତିକ ଯୋଜନାର ପ୍ରଚାର ପ୍ରସାର ସହ ପ୍ରାୟ ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକ୍ ସହକାରୀ କୃଷି ଅଧିକାରୀ ପ୍ରତିଭା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ସମସ୍ତ ଲାଇନ ଡିପାର୍ଟମେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ପ୍ରସ୍ତାବ ଉପରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁରର ବିକାଶ ହେବ

ଛତ୍ରପୁର,୭।୬(ସନ୍ତୋଷ ପାଢ଼ୀ ):

ଗଞ୍ଜାମ ଜିଲାର ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁରକୁ ନେଇ ଗ୍ରେଟର ବ୍ରହ୍ମପୁରର ପରିକଳ୍ପନା ହୋଇଥିଲା। ତେବେ ଯେଉଁଭଳି ଏହି ଗ୍ରେଟର ବ୍ରହ୍ମପୁରର ବିକାଶ ହେବା କଥା ତାହା ହୋଇନି। ଏବେ ଏହି ୩ ସହରର ବିକାଶ ସକାଶେ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବିକାଶ ଲାଗି ୧୦ଟି ପ୍ରସ୍ତାବ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ସଚିବ ଡ. ଯାଜୁଲୁ ଭିଜୟଙ୍କ ତରଫରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଏବଂ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ସମ୍ବନ୍ଧୀୟ ଚିଠି ହୋଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁରର ବିକାଶ ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିବା ସହ ଚିଠି ମାଧ୍ୟମରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବ୍ରହ୍ମପୁର ଏମ୍‌ପି ଦାବି ଜଣାଇଥିଲେ। ଏହାପରେ ଉକ୍ତ ପଦକ୍ଷେପ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଜନସାଧାରଣ ତଥା ବିଭିନ୍ନ ସାମାଜିକ ସଙ୍ଗଠନର ଏହିସବୁ ଦୀର୍ଘଦିନର ଦାବି ଉପରେ ଅନୁଧ୍ୟାନ କରିବାକୁ ଆଦେଶ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ବ୍ରହ୍ମପୁର ଏମ୍‌ପି ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁର ମହାନଗର ନିଗମ ଗଠନ ହେବାର ଦୀର୍ଘବର୍ଷ ବିତିଯାଇଥିଲେ ମଧ ନିକଟସ୍ଥ ପଞ୍ଚାୟତଗୁଡିକ ମହାନଗର ନିଗମଞ୍ଚରେ ମିଶ୍ରଣ ହୋଇପାରିନି। ଉକ୍ତ ପଞ୍ଚାୟତଗୁଡ଼ିକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇନି। ସେହିପରି ଜିଲା ହେଡକ୍ୱାର୍ଟର ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ଘୋଷଣାର ଦେଢ଼ ବର୍ଷ ବିତିଯାଇଥିଲେ ତାହା କେବଳ ଘୋଷଣାରେ ସୀମିତ ରହିଛି। ପୂର୍ବସରକାର ମ୍ୟୁନିସିପାଲଟି ଘୋଷଣା କରିଥିଲେ। ହେଲେ ଗେଜେଟ ନୋଟିଫିକେଶନ କରି ନ ଥିଲେ। ବର୍ତ୍ତମାନର ଭାଜପା ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ମନ୍ତ୍ରୀ ଖୁବନ୍‌ଶୀଘ୍ର ଛତ୍ରପୁର ମ୍ୟୁନିସିପାଲିଟି ଘୋଷଣା ହେବ ବୋଲି ବିଧାନସଭାରେ କହିଥିଲେ। ତାହା ଏ ଯାଏ ହୋଇପାରିନି। ୨୦୧୩ ଫାଇଲିନ ବାତ୍ୟାରେ ସମୁଦ୍ର ଉପକୂଳବର୍ତ୍ତୀ ଛତ୍ରପୁର, ଗୋପାଳପୁର ଓ ବ୍ରହ୍ମପୁର ସହରରେ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଉକ୍ତ ୩ ସହରରେ ସମସ୍ତ ନୂତନ ବିଦ୍ୟୁତ ପୋଲ ଓ ତାର ବଦଳାଇବାକୁ ପଡିଥିଲା। ଏଥିପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ ହୋଇଥିଲା। ବାରମ୍ବାର ଏଠାରେ ପ୍ରାକୃତିକ ବିପର୍ଯ୍ୟୟ ତଥା ବାତ୍ୟା ଆସୁଥିବାରୁ ପୂର୍ବର ବିଜେଡି ସରକାର ଛତ୍ରପୁର, ଗୋପାଳପୁର ଓ ବ୍ରହ୍ମପୁର ସହରରେ ଭୂତଳ କେବୁଲିଂ କରାଯିବ ବୋଲି ଘୋଷଣା କରିଥିଲେ। ସର୍ଭେ ପରେ ଏ ନେଇ ଏକ ଏଷ୍ଟିମେଟ ଓ ମାଷ୍ଟରପ୍ଲାନ ସେତେବେଳେ ସରକାରଙ୍କୁ ପଠାଯାଇଥିଲା। ଭୂତଳ କେବୁଲିଂ ନେଇ ଘୋଷଣା କରିଥିବା ବିଜେଡ଼ି ସରକାର ଦୀର୍ଘ ୧୦ ବର୍ଷ କ୍ଷମତାରେ ଥିଲେ ମଧ ତାହା କାର୍ଯ୍ୟକାରୀ କରି ନ ଥିଲେ। ସେହିପରି ଏବେବି ଛତ୍ରପୁରରୁ ଗୋପାଳପୁରକୁ ବସ ସୁବିଧା ନାହିଁ। ଛତ୍ରପୁରରୁ ବ୍ରହ୍ମପୁରକୁ ଶୀତତାପ ନିୟନ୍ତ୍ରିତ ସିଟି ବସ କିମ୍ବା ଆମ ବସର ବ୍ୟବସ୍ଥା ନାହିଁ। ବର୍ତ୍ତମାନ ୩ ସହରର ବିକାଶ ପାଇଁ ପ୍ରସ୍ତାବଗୁଡିକ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମରେ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତଗୁଡ଼ିକର ମିଶ୍ରଣ, ଜଳବାୟୁ ଅନୁକୂଳ ଭିତ୍ତିଭୂମି ଏବଂ ଜଳ ସମ୍ପଦ ପରିଚାଳନା, ଭୂତଳ କେବୁଲିଂ ଏବଂ ଆଧୁନିକ ପରିବହନ ବ୍ୟବସ୍ଥାର ବିକାଶ, ସିଟି ସେଣ୍ଟର୍ ଏବଂ ଆଞ୍ଚଳିକ ବାଣିଜ୍ୟ କେନ୍ଦ୍ରର ବିକାଶ, ଦୀର୍ଘ ସ୍ଥାୟୀ ପର୍ଯ୍ୟଟନ ଏବଂ ସାଂସ୍କୃତିକ ସଂରକ୍ଷଣ, ସ୍ମାର୍ଟ ସିଟି ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ସହରାଞ୍ଚଳ ଶାସନ, ବିପର୍ଯ୍ୟୟ ପ୍ରଶମନ ଏବଂ ପ୍ରସ୍ତୁତି, ସହରାଞ୍ଚଳ ଜଙ୍ଗଲ ସୃଷ୍ଟି ଏବଂ ସବୁଜ ଆଚ୍ଛାଦନ ବୃଦ୍ଧି, ସହରାଞ୍ଚଳ ଜଳାଶୟର ପୁନରୁଦ୍ଧାର ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ପର୍ଯ୍ୟଟନ ସ୍ଥଳର ବିକାଶ ରହିଛି।

## ସମବାୟ ସମିତି ରାଷ୍ଟ୍ରୀୟ କୋଅପରେଟିଭ ଅର୍ଗାନିକ ଲିମିଟେଡ୍ ସହ ଅନୁବନ୍ଧିତ

# ଦାରିଙ୍ଗବାଡ଼ିକୁ ମିଳିଛି ରାଷ୍ଟ୍ରୀୟସ୍ତରରେ ସଦସ୍ୟତା



ଦାରିଙ୍ଗବାଡ଼ି, ୭।୬ (ଅରୁଣ ସାହୁ)

ଦାରିଙ୍ଗବାଡ଼ିଠାରେ ରହିଥିବା ବୃହଦାକାର ବହୁମୁଖୀ ସମବାୟ ସମିତିକୁ ବଡ଼ ସଫଳତା ମିଳିଛି। ଏବେ କେବଳ ରାଜ୍ୟ ନୁହଁ, ରାଜ୍ୟ ବାହାରେ ତଥା ରାଷ୍ଟ୍ରୀୟ କୋପରେଟିଭ ଅର୍ଗାନିକ ଲିମିଟେଡ୍ ସହ ଅନୁବନ୍ଧିତ ହୋଇପାରିଛି। ଏଥିପାଇଁ ଭୁବନେଶ୍ୱର ରାଜଭବନରେ ଆୟୋଜିତ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ସ୍ୱତନ୍ତ୍ର ସମବାୟ ସମାରୋହ ପାଳିତ ହୋଇଛି। ଏହି ଅବସରରେ ଦାରିଙ୍ଗବାଡ଼ି ବୃହଦାକାର ବହୁମୁଖୀ ସମବାୟ ସମିତି ସହ ରାଷ୍ଟ୍ରୀୟ କୋପରେଟିଭ ଅର୍ଗାନିକ ଲିମିଟେଡ୍‌ର ଏକ ଚୁକ୍ତିନାମା ହେବା ସହ ଦାରିଙ୍ଗବାଡ଼ିକୁ ରାଷ୍ଟ୍ରୀୟସ୍ତରରେ ସଦସ୍ୟତା ମିଳିଛି। ଏହାଦ୍ୱାରା ବିଭିନ୍ନ ପ୍ରକାର ଖାଦ୍ୟ ବିଶେଷ କରି ଦୁଗ୍ଧ ଜାତୀୟ ଓ ଶୁଖିଲା ଖାଦ୍ୟ ଦାରିଙ୍ଗବାଡ଼ି ସମିତିକୁ ସୁବିଧା ଦରରେ ମିଳିବ। ଏଥିସହ କୃଷକ ଖାଉଟିଙ୍କୁ ଫାଇଦା ମିଳିବ ବୋଲି ଦାରିଙ୍ଗବାଡ଼ି ସମିତିର ପରିଚାଳକ ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ପ୍ରଧାନ କହିଛନ୍ତି। ରାଜ୍ୟର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ହାତରୁ ଦାରିଙ୍ଗବାଡ଼ି ସମିତିର ପରିଚାଳକ ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ସଦସ୍ୟ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ତାଙ୍କ ସହ ସମିତିର ଉପସଭାପତି ଧର୍ମେନ୍ଦ୍ର ପ୍ରଧାନ ମଧ ଉପସ୍ଥିତ ଥିଲେ।

# ବ୍ଲକ ରୋଡ୍‌ରେ ଟ୍ରାଫିକ ସମସ୍ୟା, କାର୍ଯ୍ୟାନୁଷ୍ଠାନ ଶୂନ

## ରାସ୍ତା ସମ୍ପ୍ରସାରଣ, ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ବିଳମ୍ବ

ଦାରିଙ୍ଗବାଡ଼ି, ୭।୬ (ଅରୁଣ ସାହୁ)

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ିର ସମସ୍ତ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ବଜାର ମଧ୍ୟରେ ଉଠାଦୋକାନୀଙ୍କ ଭିଡ଼ ଏବଂ ଆଉ କିଛି ସ୍ଥାନରେ ଦୋକାନଗୁଡ଼ିକ ପାଇଁ ଗାଡ଼ିମୋଟରର ଭିଡ଼ ଲାଗି ରହୁଛି। ଦାରିଙ୍ଗବାଡିର ପ୍ରମୁଖ ଗହଳିସ୍ଥାନ ହେଉଛି ଚାରିଛକ ଅଞ୍ଚଳ। ସେଠାରୁ ବସଷ୍ଟାଣ୍ଡ, ବ୍ଲକ, ବଜାର ଆଦି ଯିବାକୁ ୪ଟି ରାସ୍ତା ରହିଛି। ତେବେ ଚାରିଛକରୁ ବଜାର ଓ ବ୍ଲକ୍ ଯିବା ରାସ୍ତାରେ ଗାଡ଼ିମୋଟର ଭିଡ଼ ଯୋଗୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି। ଚାରିଛକରୁ ବ୍ଲକ୍, ପର୍ତ୍ତମାହା ପଞ୍ଚାୟତ ଦେଇ କୋଟଗଡ଼ ବ୍ଲକ୍ ପକାରୀ ପଞ୍ଚାୟତକୁ ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପ୍ରସାରଣ କରାଯାଉଛି। ମୋଟ ୨୪.୬୭୩କିମି ରାସ୍ତା ସମ୍ପ୍ରସାରଣ ପାଇଁ ୩୧.୭୩ କୋଟି ଟଙ୍କା ବିନିମୟରେ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାର ଓସାର ୩.୭୫ ମିଟର କରାଯାଉଛି। କେବଳ ଚାରି ଛକରୁ ବ୍ଲକ୍ ରୋଡ୍‌ର ଗୋଟିଏ କି.ମି. ରାସ୍ତା ୫.୫୦ ମିଟର ଓସାର କରାଯିବାକୁ ରହିଛି। କିନ୍ତୁ ବ୍ଲକ୍ ରୋଡ୍‌ରେ ଡିମାରକେସନ କରାଯିବା ପରେ ଜବରଦଖଲ ଉଚ୍ଛେଦ କରାଯାଇ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯିବ ବୋଲି ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କେଶରୀ ସ୍ୱାଇଁ କହିଛନ୍ତି। କେବଳ ବ୍ଲକ ରୋଡ୍ ଏବଂ ପର୍ତ୍ତମାହା ଗ୍ରାମରେ ଏହି ରାସ୍ତା ସମ୍ପ୍ରସାରଣ ହେବାକୁ ରହିଥିବା ବେଳେ ଏହି ୨ସ୍ଥାନରେ ଡିମାରକେସନ ଓ ଉଚ୍ଛେଦ କରାଇବାରେ ବିଳମ୍ବ ହେଉଥିବା ବେଳେ ପର୍ତ୍ତମାହାର ଡିମାରକେସନ ସରିଛି। ଆସନ୍ତା ସପ୍ତାହରେ ବ୍ଲକ୍ ରୋଡ୍‌କୁ ଡିମାରକେସନ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି। ବ୍ଲକ ରୋଡ୍‌ର ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦେଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।





ବ୍ଲକ ରାସ୍ତାରେ ଗାଡିମୋଟର ଜାମ୍ ହୋଇଛି।

# ନାବାଳିକା ଅପହୃତ, ମାମଲା ରୁଜୁ

ଦିଗପହଣ୍ଡି,୭।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଅଧିନ ଏକ ଗାଁର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ସେହି ଗାଁର ସନିଆ ନାୟକ ଅପହରଣ କରି କେଉଁଆଡ଼େ ନେଇଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପା ଏନେଇ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ ପାତ୍ର କେଶ୍ ନଂ.୧୯୮/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ଏସଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତକାରୀ ଅଧିକାରୀ ସଦଳବଳେ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ ନାବାଳିକାଙ୍କ ପତ୍ତା ମିଳିପାରିନାହିଁ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଦିଗପହଣ୍ଡି,୭।୬(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ରାଜପୁର ଗାଁର ସୁଶାନ୍ତ ବିଷୋୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୂର୍ବ ଶତ୍ରୁତାରୁ ସୁଶାନ୍ତଙ୍କୁ ତାଙ୍କ ପଡ଼ୋଶୀ ବାହାନ ସ୍ୱାଇଁ ଏବଂ ତୋଫାନ ସ୍ୱାଇଁ ଦୁଇଭାଇ ଶୁକ୍ରବାର ସନ୍ଧ୍ୟାରେ ଗାଁ ସ୍କୁଲ ନିକଟରେ ଅଟକାଇ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଏତଲା ପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ନଂ.୧୯୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ସୁଶାନ୍ତ ସନ୍ଧ୍ୟାରେ ବାଇକ୍ ଧରି ଗାଁ ପୋଖରୀକୁ ଗାଧୋଇ ଯାଉଥିବା ବେଳେ ଦୁଇଭାଇ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଗାଧୋଇ ସାରିବା ପରେ ସୁଶାନ୍ତ ଅନ୍ୟ ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ଦୁଇଭାଇ ତାଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ସୁଶାନ୍ତ ଦୌଡ଼ି ଯାଇ ନିକଟସ୍ଥ ବାବୁଲା ବିଷୋୟୀଙ୍କ ଘରେ ପଶି କବାଟ ପକାଇଦେବାରୁ ସେ ଦୁହେଁ ସେଠାରୁ ପଳାଇଥିଲେ। ପୂର୍ବରୁ ଦୁଇଭାଇ ସୁଶାନ୍ତଙ୍କ ସ୍ତ୍ରୀ ସୁଲତାଙ୍କୁ ଘରେ ପଶି ଅସଦାଚରଣ କରିଥିଲେ। ଏପରି କି ତାଙ୍କ ଶିଶୁକନ୍ୟାଙ୍କୁ ଅପହରଣ ପାଇଁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

# ଚାରାରୋପଣ କରି ସବୁଜ ବଳୟ ସୃଷ୍ଟି ଉପରେ ଗୁରୁତ୍ୱ

ଆର.ଉଦୟଗିରି, ୭।୬(ମନୋଜ କୁମାର ପାଢ଼ୀ)

ଗଜପତି ଜିଲା ଆର. ଉଦୟଗିର ବନାଞ୍ଚଳ ପରିସରରେ ବନାଞ୍ଚଳ ଅଧିକାରୀ ଉମାଶଙ୍କର ବିଶୋୟୀଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନ ସୁରକ୍ଷା ସମ୍ମିତି ସଭ୍ୟାସଭ୍ୟ, ସମାଜିକ କର୍ମୀ ଓ ଗ୍ରାମବାସୀ ସାମିଲ ହୋଇ ବିଶ୍ୱ ପରିବେଶ ଦିବସର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ପରିବେଶ ତଥା ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ସ୍ଥାନୀୟ ହାଟପଦାଠାରେ ପ୍ଲାଷ୍ଟିକ, ପଲିଥିନ ଓ ଅଳିଆ ଅବର୍ଜନା ସଫେଇ କରାଯାଇଥିଲା। ପରେ ବନାଞ୍ଚଳ ବୈଠକ ଗୃହରେ ଏକ ସଭା ହୋଇଥିଲା। ଅତିଥି ରୂପେ ଉପସ୍ଥିତ ବନାଞ୍ଚଳ ଅଧୀକାରୀ ବିଶୋୟୀ କହିଲେ, ପରିବେଶ ଅସନ୍ତୁଳିତ ହେବାରୁ ତାପମାତ୍ରା ବୃଦ୍ଧି ପାଉଛି। ଜଳବାୟୁରେ ପରିବର୍ତ୍ତନ ଘଟି ଅନାବୃଷ୍ଟି, ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ମଣିଷ ପାଇଁ ବିପଦ ଆଣୁଛି। ଏଥିରେ ସୁଧାର ଆଣିବାକୁ ହେଲେ ଚାରାରୋପଣ କରି ସବୁଜ ବଳୟ ସୃଷ୍ଟି କରିବା ଅପରିହାର୍ଯ୍ୟ। ତେବେ ଯାଇ ପଶୁପକ୍ଷୀ, ଜୀବଜନ୍ତୁ ଓ ମଣିଷ ପାଇଁ ଶାନ୍ତିପୂର୍ଣ୍ଣ ସହବାସ୍ଥାନ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ବନପାଳ ବିଜୟ ମହାରଣା, ପିଟର ଶବର, ପ୍ରଦୀପ ଚୌଧରୀ ଓ ଅଭିରାମ କାର୍ଜି ଯୋଗଦେଇ ପରିବେଶ ସୁରକ୍ଷା ଓ ସଚେତନତା ଉପରେ ମତ ରଖି ଆମେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ଓ ପଲିଥିନକୁ ଯଥା ସମ୍ଭବ ପରିତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ। ପାରା ଫରେଷ୍ଟ ଷ୍ଟାଫ, ପ୍ଲାଣ୍ଟେସନ ଓ ନର୍ସରୀ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ହାଟପଦାଠାରେ ପ୍ଲାଷ୍ଟିକ, ପଲିଥିନ ଓ ଅଳିଆ ଆବର୍ଜନା ସଫେଇ କରାଯାଉଛି।

# ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ବୁଗୁଡ଼ା,୭।୬(କାଳିଚରଣ ଦାଶ)

ବୁଗୁଡ଼ା ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ବଳଦେବଜୀଉ ମହିଳା ମହାବିଦ୍ୟାଳୟ ପରିସରରେ ବନାଞ୍ଚଳ ଅଧିକାରୀ ପ୍ରଦୀପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସିଏଫ ରଜତ ମିଶ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ ଓ ସମ୍ମାନିତ ଅତିଥି ଭାବେ ଅଧାପକ ବିଭୂତି ଭୂଷଣ ମିଶ୍ର, ମିଡିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକ, ଓକିଲ ସଂଘ ସଭାପତି ଅମର ପଟ୍ଟନାୟକ, ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧକ୍ଷ ଗଙ୍ଗାଧର ବିଷୋୟୀ, ମହିଳା କଲେଜ ଅଧକ୍ଷ ମନୋଜ ସ୍ୱାଇଁ, ବୈଜ୍ଞାନିକ ଡ. ଉଦୟ ଦାଶ ଯୋଗଦେଇ ପରିବେଶ ସୁରକ୍ଷା ନେଇ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବୁଦ୍ଧଖୋଲ ଉନ୍ନୟନ କମିଟି ସମ୍ପାଦକ ସୁରେଶ ଚନ୍ଦ୍ର, ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଗୋପାଳ ପାତ୍ର ପରିବେଶ ସୁରକ୍ଷା ନେଇ ନିଜ ମତ ରଖିଥିଲେ। ସଚେତନତା ଶୋଭାଯାତ୍ରାରେ ବଳଦେବ ଜୀଉ ମହିଳା ମହାବିଦ୍ୟାଳୟ ଛାତ୍ରୀ, ନିଯୁ ଏରା ପବ୍ଲିକ ସ୍କୁଲର ସ୍କାଉଟ ଗ୍ରୁପ, ବିଭିନ୍ନ ଭିଏସ୍‌ଏସ୍‌ର କର୍ମକର୍ତ୍ତା ଓ ବନ କର୍ମଚାରୀମାନେ ସାମିଲ ଥିଲେ। ସୁରେଶ ପ୍ରସାଦ ଶରାଫଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ବନପାଳ କ୍ଷୀରୋଦ ଗୌଡ ସହଯୋଗ କରିଥିଲେ। ବନପାଳ ପଲ୍ଲବୀ ନନ୍ଦ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

# ଗୋଷାଣି-ଲିଙ୍ଗିପୁର-ଉପଲଡା ରାସ୍ତା ନିମ୍ନମାନର

ପାରଳାଖେମୁଣ୍ଡି,୭।୬(ଗିରିଧାରୀ ପରିଚ୍ଛା):

ଗୋଷାଣି ବ୍ଲକ ଅନ୍ତର୍ଗତ ଗୋଷାଣି ଗ୍ରାମ ଛକଠାରୁ ଗୁରାଣ୍ଡି-ଲିଙ୍ଗିପୁର- ଉପଲଡା ଗ୍ରାମ ଛକ ପୂର୍ତ୍ତବିଭାଗର ମୁଖ୍ୟରାସ୍ତା ବହୁଦିନ ହେଲା ବିପର୍ଯ୍ୟସ୍ତ ହୋଇପଡିଛି। ଲୋକଙ୍କ ବହୁ ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ ଭାବେ ରାସ୍ତା ନିର୍ମାଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ପ୍ରକାରେ ଗୋଷାଣିଠାରୁ ଉପଲଡା ପର୍ଯ୍ୟନ୍ତ ମୋଟ ୮ କି.ମି. ପାଇଁ ୮କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। କିନ୍ତୁ ଗୋସାଣି ଠାରୁ ଗୁରାଣ୍ଡି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରି ଠିକାଦାର ଚୁପ ବସିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଯେତିକି ରାସ୍ତା ହୋଇଛି ତାହା ମଧ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ପୂର୍ବରୁ ମଧ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିଲା। କାମ ଶେଷ ହେବାର ମାତ୍ର ୧ ବର୍ଷ ମଧ୍ୟରେ ଖାଲଖମା ସୃଷ୍ଟି ହୋଇଥିଲା। ରାସ୍ତା ନିର୍ମାଣର ୫ ବର୍ଷ ମଧ୍ୟରେ ୫ ଥର ରକ୍ଷଣାବେକ୍ଷଣ ନାମରେ ମରାମତି ମଧ ହୋଇଥିଲା। ବର୍ତ୍ତମାନ ନୂତନ ଭାବେ କାର୍ଯ୍ୟ ଗୁରାଣ୍ଡିଠାରୁ ଗୋଷାଣି ଛକ ପର୍ଯ୍ୟନ୍ତ ୧.୪ କିମି ରାସ୍ତା କାର୍ଯ୍ୟ ସରିଥିବା ବେଳେ ବିଭିନ୍ନ ସ୍ଥାନରେ ପୁଣି ପିଚୁ ଉଠିଯାଉଥିବା ଅଭିଯୋଗ ହେଉଛି। ସେହିପରି ଗୁରାଣ୍ଡି ଗ୍ରାମ ଛକ ଠାରୁ ଆଙ୍କୁଡ଼ୁ, ଲିଙ୍ଗିପୁର ଓ ଉପଲଡା ଛକ ପର୍ଯ୍ୟନ୍ତ ରାସ୍ତା ଖୋଳି ଛାଡ଼ିଦେଇଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଠିକାଦାର ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ଗୋଷାଣି-ଗୁରାଣ୍ଡି-ଲିଙ୍ଗିପୁର-ଉପଲଡା ପୂର୍ତ୍ତ ବିଭାଗ ରାସ୍ତାଟି ଉପଲଡା ଗ୍ରାମ ଛକ ଦେଇ ଯାଇଥିବା ଜାତୀୟ ରାଜପଥ ୩୨୬-ଏ ଏବଂ ଗୋଷାଣି ଛକ ଦେଇ ଯାଇଥିବା ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ପାରଳାଖେମୁଣ୍ଡି ତଥା ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇହୁଏ। ତେଣୁ ଏହି ରାସ୍ତାରେ ଦୈନନ୍ଦିନ ଶତାଧିକ ଯାନବାହାନ ଚଳାଚଳ କରିଥାଏ। ପାରଳାଖେମୁଣ୍ଡି, ପାତିକୋଟା, ସାତମାଇଲ, ଉପଲଡା ଆଦି ବହୁ ଗ୍ରାମାଞ୍ଚଳର ଲୋକେ ବ୍ଲକ ସଦର ମହକୁମା ଏବଂ ଜିଲା ସଦର ମହାକୁମାକୁ ଯାତାୟତ କରିଥାନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଏବେ ଶୋଚନୀୟ ହୋଇପଡୁଛି। ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ ବିଭାଗ ନିରବଦ୍ରଷ୍ଟା ସାଜିଛି ବୋଲି ପ୍ରଶାନ୍ତ ରାଉତ, ବିକାଶ ସାହୁ, ଗଣେଶ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଶୁଭଶ୍ରୀ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତ, ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ବର୍ଷା ଯୋଗୁ କାମ ଅଟକିଛି। ଏହି ରାସ୍ତା ପାଇଁ ବ୍ୟୟ ଅଟକଳ ୮କୋଟି ରହିଥିବା ବେଳେ ଠିକାଦାର ୧୪.୯୯% କମ ରେଟରେ ଟେଣ୍ଡର ପକାଇଛନ୍ତି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରିବ ବୋଲି ଯନ୍ତ୍ରୀ କହିଛନ୍ତି।



ରାସ୍ତାରେ ଖାଲ ସୃଷ୍ଟି ହୋଇ ପାଣି ଜମିଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା

ଆର,ଉଦୟଗିରି,୭।୬ (ମନୋଜ କୁମାର ପାଢ଼ୀ):

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଆର୍, ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ଆନୁକୁଲ୍ୟରେ ଗଜପତି ଜିଲାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ୬ଷ୍ଠ ଦିନରେ ଆର୍.ଉଦୟଗିରି, ମୋହନା, ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଯାଇଛି । ଏଥିରେ ଆଇସିଏର୍ (ସିଫା)ର ପ୍ରମୁଖ ବୈଜ୍ଞାନିକମାନେ ଯୋଗ ଦେଇ ମସ୍ୟ ସମ୍ପଦ ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷି ବିଭାଗର ସମସ୍ତ ଅଧିକାରୀ ବିଭିନ୍ନ ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପିଏମ କିଷାନ, ସିଏମ କିଷାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୃତ୍ତିକା ପରିଚାଳନା ତଥା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ସମ୍ବନ୍ଧରେ ସୂଚନା ପ୍ରଦାନ କରି ଏହାଦ୍ୱରା ଚାଷୀମାନେ କିପରି ଅଧିକ ଲାଭବାନ ହେଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। କୃଷି ରଥ ମାଧ୍ୟମରେ ଏହି ସମସ୍ତ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର କରି ଚାଷୀ ମାନଙ୍କ ମଧ୍ୟରେ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ ।



ଚାଷୀଙ୍କୁ ସଚେତନ କରାଯାଇଛି।

# ଆଜି ନିଜ ମନ୍ଦିରକୁ ବାହୁଡ଼ିବେ ମା' ପଞ୍ଚ ଠାକୁରାଣୀ

ପୁରୁଷୋତ୍ତମପୁର,୭।୬ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର ପ୍ରସିଦ୍ଧ ପଞ୍ଚ ଠାକୁରାଣୀଙ୍କ ଯାତ୍ରା ରବିବାର ଶେଷ ହେଉଛି। ଲୋକେ ମା' ପଞ୍ଚଠାକୁରାଣୀ କନକା, କାଳୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀଙ୍କୁ ବଡ଼ବଜାରସ୍ଥିତ ଅସ୍ଥାୟୀ ମନ୍ଦିରରେ ଶ୍ରଦ୍ଧାଳୁ ଦର୍ଶନ କରିବା ସହ ଯାତ୍ରାପଡ଼ିଆରେ ବୁଲି ମଜା ନେଉଛନ୍ତି। ରବିବାର ମା'ମାନେ ନିଜନିଜ ମନ୍ଦିରକୁ ବାହୁଡ଼ିବେ। ଯାତ୍ରା ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ଓ ବଜାର କମିଟି ପକ୍ଷରୁ ଖାଦ୍ୟ ସାମଗ୍ରୀମାନ ବଣ୍ଟନ କରାଯାଉଛି। ମାନସିକଧାରୀମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ବୁଲୁଥିବା ଦେଖିବାକୁ ମିଳୁଛି।





# ମେଗା ପାନୀୟ ଜଳ ପ୍ରକଳ୍ପ ଶୀଘ୍ର ସାରଃ ମନ୍ତ୍ରୀ ସୂର୍ଯ୍ୟବଂଶୀ

ଯାଜପୁର,୭।୬(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ୮ଟି ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ପାଇଁ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ଏବଂ ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ (ଆର୍‌ଆଇଡିଏଫ୍) ଅର୍ଥ ମଞ୍ଜୁର ହୋଇଛି। ହେଲେ ଏଯାଏ ଗୋଟିଏ ବି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାମରେ ଲାଗିପାରିନାହିଁ। ଫଳରେ ଖରାଦିନେ ଜିଲାର ଗ୍ରାମାଞ୍ଚଳବାସୀ ଶୁଦ୍ଧ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ସୂଚନା ପାଇ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶନିବାର ଯାଜପୁର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ପ୍ରକଳ୍ପ ସମାପ୍ତ କରି ଲୋକମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ସେ ଗରିବ କଲ୍ୟାଣ ଯୋଜନା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖେ ପହଞ୍ଚାଇବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟୋବନ୍ଦନ ଯୋଜନାରେ ହିତାଧିକାରୀଙ୍କ କାର୍ଡଗୁଡ଼ିକୁ ଯଥାଶୀଘ୍ର ବଣ୍ଟନ କରିବା ସହ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚସଖା ଶିକ୍ଷାସେତୁ ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଜିଲାର ୯୭ ଟି ସ୍କୁଲକୁ ଅନ୍ତର୍ଭୁକ୍ତ କରାଯାଇ ଗୁଣାତ୍ମକ ଶିକ୍ଷା ସହ ମଡେଲ ସ୍କୁଲରେ ପରିଣତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ପିଏମ୍‌ଶ୍ରୀ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ମଧୁବାବୁ ପେନ୍‌ସନ ଯୋଜନା, ଗ୍ରାମାଞ୍ଚଳ ବିଦ୍ୟୁତୀକରଣ, ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ, କ୍ରୀଡ଼ା ଭିତ୍ତିଭୂମି, ଦକ୍ଷତା ବିକାଶ ଏବଂ ଡିଜିଟାଲ ସଶକ୍ତୀକରଣ ସମ୍ପର୍କରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ, କିଚେନ, ଟଏଲେଟ ବିଦ୍ୟୁତୀକରଣ ଇତ୍ୟାଦି ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଛି। ପରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଆୟୋଜନ ହେବାକୁ ଥିବା ବିକାଶ ମେଳା-୨୦୨୫ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିକାଶ ମେଳା ପ୍ରଶାସନିକ ଭବନ ପଡ଼ିଆଠାରେ ଜୁନ ୧୨ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମେଳାରେ ୫ ହଜାର ଜନସମାଗମ ହେବ। ସ୍କିମ୍ ଅନୁଯାୟୀ ହିତାଧିକାରୀମାନଙ୍କୁ ସୁବିଧା ପ୍ରଦାନ, ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା, ସଫଳ କାହାଣୀ ବୁକ୍‌ଲେଟ୍, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପେଣ୍ଟିଂ, ରଙ୍ଗୋଲି ପ୍ରତିଯୋଗିତା, ରଜଦୋଳି, ଚାରା ଗଛ ବଣ୍ଟନ, ନିଶା ନିବାରଣ ସଚେତନତା ଅଭିଯାନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଶାସନିକ ଭବନ ପଡ଼ିଆରେ ଓର୍‌ମାସ ପକ୍ଷରୁ ୧୦୦ ଷ୍ଟଲ୍ ବିଶିଷ୍ଟ ପ୍ରଦର୍ଶନୀ ସହ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମୀଣ ଉତ୍ପାଦ ବିକ୍ରୟ କରାଯିବ। ଏତଦ୍‌ବ୍ୟତୀତ ୨୫ଟି ପାରମ୍ପରିକ ଖାଦ୍ୟ ଷ୍ଟଲ୍‌ର ଆୟୋଜନ କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ଏସ୍‌ପି ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।

# 'ନନ୍ଦକିଶୋରଙ୍କ ସାହିତ୍ୟରେ ରହିଛି ମାନବବାଦର କଥା'

କଟକ,୭।୬(କାର୍ତ୍ତିକ ସାହୁ)

ଯାଜପୁର ବାଲିଚନ୍ଦ୍ରପୁରସ୍ଥିତ କବି ନନ୍ଦକିଶୋର ସାମଲ ସ୍ମୃତି ସଂସଦ ପକ୍ଷରୁ କବି ନନ୍ଦକିଶୋର ସାମଲଙ୍କ ୨୨ତମ ଶ୍ରାଦ୍ଧୋତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ପାଳିତ ହୋଇଯାଇଛି। ସଂସଦ ଅଧ୍ୟକ୍ଷ ଗଣେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇଏଏସ୍ ଅଧିକାରୀ ରତ୍ନାକର ରାଉତ ଯୋଗଦେଇ କହିଲେ, କବି ନନ୍ଦକିଶୋର ସାମଲ ଓଡ଼ିଆ ଅସ୍ମିତାର କଥାଗୁଡ଼ିକୁ ତାଙ୍କ ସୃଷ୍ଟିରେ ପ୍ରତିଫଳିତ କରିଯାଇଛନ୍ତି। ମୁଖ୍ୟବକ୍ତା ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ରବି ନାରାୟଣ ପଣ୍ଡା କହିଲେ, କବି ନନ୍ଦକିଶୋରଙ୍କ ସାହିତ୍ୟରେ ମାନବବାଦର କଥା ବେଶ ଗ୍ରହଣୀୟ ହୋଇଛି। ସମ୍ମାନିତ ବକ୍ତା ଡ. ନୃସିଂହ ଚରଣ ବେହେରା କହିଲେ, କବି ଲେଖିଥିବା ଆମ ଘର କବିତାର ପ୍ରାସଙ୍ଗିକତା ଆଜି ବାରି ହୋଇଯାଉଛି। ସଭାପତି ସ୍ୱାଇଁ କହିଲେ, ନନ୍ଦକିଶୋର ସାମଲଙ୍କ ସାହିତ୍ୟକୃତି ଠିକଣା ଢଙ୍ଗରେ ଚର୍ଚ୍ଚିତ ହେବାର ଆବଶ୍ୟକତା ରହିଛି। ଏହି ଅବସରରେ ଅନ୍ତରାଷ୍ଟ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ପୃଷ୍ଟି, ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ ସାମଲ, ଛବିରାମ ସେଠୀ, ପଲ୍ଲବୀ ଦାସ, ଲଳିତ ମୋହନ ରଥ ଓ ଡା. ରବିନାରାୟଣ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ବ୍ରହ୍ମାନନ୍ଦ ପଣ୍ଡା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ରାଜୀବ ଷଡ଼ଙ୍ଗୀ ଅତିଥି ପରିଚୟ ଓ କ୍ଷୀରୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଡ. ଅଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ ପଣ୍ଡା, ସୁଶୀଲ କୁମାର ରାଉତ, ନିରୁପମା ମିଶ୍ର ଓ ସୁଶ୍ରୀ ପ୍ରଜ୍ଞାଲୀନ ସାହୁ ସଂଯୋଜନା କରିଥିଲେ।



କବି ନନ୍ଦକିଶୋର ସାମଲଙ୍କ ଶ୍ରାଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥି।

# ଚାରିନଙ୍ଗଳ ଇଦ୍‌ଗାହ ପଡ଼ିଆରେ ଇଦ୍-ଉଜ୍-ଜୁହା ପାଳିତ


ଚାରିନଙ୍ଗଳ ଇଦ୍‌ଗାହ ପଡ଼ିଆଠାରେ ଏକାଠି ହୋଇଥିବା ମୁସଲମାନ ଭାଇମାନେ।

ଚଣ୍ଡିଖୋଲ,୭।୬(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଇଦଗାହ ପଡ଼ିଆଠାରେ ମୁସଲମାନ ସମ୍ପ୍ରଦାୟର ଇଦ୍-ଉଜ୍-ଜୁହା ପର୍ବ ଶନିବାର ପାଳିତ ହୋଇଯାଇଅଛି। ପ୍ରାୟ ଦୁଇ ହଜାରରୁ ଲୋକଙ୍କୁ ଇଦ୍ କମିଟିର ସଭାପତି ଇମାମ ହଜରତ ମୌଲାନା ଫକିର ଉଦ୍ଦିନ ହାସିମ ସାହେବ ସମୂହ ନମାଜ ପାଠ କରାଇଥିଲେ। ସମ୍ପାଦକ ସେକ୍ ମୋଇନ ଅହମ୍ମଦ, ସେକ୍ ରିୟାସତ ଅଲ୍ଲି, ସେକ୍ ହିଫଜୁର ରହମାନ, ରସିକୁଦ୍ଦିନ ଖାଁ, ଅବଦୁଲ ଗନି, ଅବଦୁଲ ମଜିଦ, ସେକ୍ ଇକବାଲ ହୁସେନ, ନୀୟାଜଉଦ୍ଦିନ ଖାଁ, ଶାହନୱାଜ ଆଲମ, କୋଷାଧ୍ୟକ୍ଷ କୋତୋବୁଦ୍ଦିନ ଖାଁ ପ୍ରମୁଖ ପର୍ବ ପରିଚାଳନାରେ ସହଯୋଗ କରିଥିଲେ। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଯୁବନେତା ବିଶ୍ୱପ୍ରକାଶ ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।


## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

### ଇ-ଟେଣ୍ଡର

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫**

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍‌ନବ୍ ୨୨ ଏଚ୍‌ଏସ୍ (ଏମ୍‌ଓଡି-I) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ୍ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ୍ ଆସେମ୍ବ୍ଲି (ମେଶିନ୍‌ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ' ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍‌ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ' ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୬୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍‌ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ – ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି। | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆର୍‌ଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି-୮୧୦୧୦-ଏସ୍-୦୩ ଅନୁଯାୟୀ ସେଣ୍ଟର ବଫର୍ କପ୍‌ଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ୍ ଏସ୍‌ଏମ୍‌ଆର୍ ମଡ୍ୟୁଲ୍ ବେସ୍‌ଡ ଏସ୍‌ଏମ୍‌ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍‌ନବ୍ ୨୨ଏଚ୍‌ଏସ୍, ୨୨ଏଚ୍‌ଏସ୍ (ଏମ୍‌ଓଡି-୧) ଏବଂ ଆଇଆର୍‌ଏଫ୍-୧୦୮ଏଚ୍‌ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍‌ର କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/PR/92 — ପି ସି ଏମ୍ ଏମ୍, ଏସ୍‌ଇସିଆର୍, ବିଳାସପୁରଙ୍କ ପାଇଁ

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail



## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

**INVITATION FOR BIDS (e-Procurement)**

**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www.tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.

OIPR- Sd./- Managing Director


# ଗାଡ଼ି ଧକ୍କାରେ ଆଦିବାସୀ ମହିଳାଙ୍କ ମୃତ୍ୟୁ

**ପାଣିକୋଇଲି, ୭।୬(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଖରସ୍ରୋତା ବ୍ରିଜ ଉପରେ ଶନିବାର ସକାଳେ ଅଜଣା ଗାଡି ଧକ୍କାରେ ଜଣେ ଆଦିବାସୀ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଆଖିଆ ଥାନା ଅନ୍ତର୍ଗତ ରାହାମ୍ଭା ପଞ୍ଚାୟତ ମିର୍ଜାପୁର ଗ୍ରାମର ଲକ୍ଷ୍ମୀ ମୁଣ୍ଡା। ଦୁର୍ଘଟଣାସ୍ଥଳରେ ମହିଳା ଜଣକ ଗୁରୁତର ହୋଇଥିଲେ। ରାଜପଥ ପାଟ୍ରୋଲିଂ ଗାଡ଼ି ତାଙ୍କୁ ଉଦ୍ଧାର କରି ମଧୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଯାଜପୁର ଯଯାତି କେଶରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଗାଈକୁ ଧକ୍କା ଦେଲା ଆମ୍ବୁଲାନ୍ସ

**ପାଣିକୋଇଲି,୭।୬(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନକିଟରେ ଶନିବାର ଅପରାହ୍ନରେ ଆମ୍ବୁଲାନ୍ସ ଏକ ଗାଈକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଗାଈର ମୃତ୍ୟୁ ହୋଇଛି। ଭଦ୍ରକରୁ ରୋଗୀ ନେଇ କଟକ ଅଭିମୁଖେ ଆମ୍ବୁଲାନ୍ସ(ଓଡି୦୨ବିଜେ ୧୪୭୦) ଯାଉଥିଲା। ପେଟ୍ରୋଲ ପମ୍ପ ନିକଟରେ ହଠାତ୍ ଗାଈ ଆଗକୁ ଆସିଯିବାରୁ ଆମ୍ବୁଲାନ୍ସ ତାକୁ ଧକ୍କା ଦେଇଥିଲା। ମୃତ ଗାଈଟି ଅଳତିରି ଗ୍ରାମର ଚୈତନ୍ୟ ମଲ୍ଲିକଙ୍କର ବୋଲି ଜଣାପଡ଼ିଛି। ଅନ୍ୟ ଏକ ଆମ୍ବୁଲାନ୍ସରେ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।


## ଭାରତୀୟ ରିଜର୍ଭ ବ୍ୟାଙ୍କ୍

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଡ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ନ 02:00 ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**



## OFFICE OF THE DHENKANAL MUNICIPAL COUNCIL, DHENKANAL

No. C-466

**E-Procurement Notice**

**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha.gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https://tenderorissa.gov.in**.

OIPR- **Sd./- Executive Officer**
**Dhenkanal Municipality**



## TENDER DOCUMENT
## FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-
1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

**Sd./- Divisional Forest Officer,**
**Bonai Forest Division**

OIPR-08040/11/0015/2526




# ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ

ଜଗତ୍‌ସିଂହପୁର, ୭।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ତହସିଲ ଅନ୍ତର୍ଗତ ଖଇରଙ୍ଗ ମୌଜାରେ ଥିବା ଗୋଚର ଜମିକୁ ଏହା ପାର୍ଶ୍ୱ ଆଶ୍ରମପାଟଣାସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଓ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଜବରଦଖଲ କରାଯାଇ ସେଥିରେ ନିର୍ମାଣ କାମ ଆରମ୍ଭ ହୋଇଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ବିବାଦ ମୁଣ୍ଡ ଟେକିଛି। ଏ ସମ୍ପର୍କରେ ଅଭିଯୋଗ ହେଲା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଜିଲାପାଳ ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଜୁନ୍ ୨୦ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ଉଭୟ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତାରିଖ ମଧ୍ୟରେ ବେଆଇନ ନିର୍ମାଣ ସଂକ୍ରାନ୍ତରେ ପ୍ରତିପକ୍ଷ ସଦସ୍ୟମାନେ କାରଣ ଦର୍ଶାଇବେ। ସ୍ଥାନୀୟ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଜଗତ୍‌ସିଂହପୁର ଆଇଆଇସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ ଜଗତ୍‌ସିଂହପୁର ତହସିଲଦାରଙ୍କୁ ତଦନ୍ତ କରି ୭ ଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆଶ୍ରମପାଟଣା ଓଡ଼ିଶାଗଡ଼ ଗ୍ରାମର ଲିଙ୍ଗରାଜ ଖଣ୍ଡାୟତ (୬୬), କୁତାମ କିଶୋର ସର୍ଜନସିଂହ (୫୧), ବୈରାଗୀ କାଣ୍ଡି (୬୨), ସୁନିଲ କୁମାର ରାଉତରାୟ (୬୦), ଖଇରଙ୍ଗ ଗ୍ରାମର ବସନ୍ତ କୁମାର ପାଢ଼ୀ (୬୫), ସଞ୍ଜୟ ରଞ୍ଜନ ଦାଶ (୩୯) ଜଗତ୍‌ସିଂହପୁର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ କ୍ରିମିନାଲ ମିସ୍ କେସ (ନଂ. ୧୫/୨୦୧୫) ରୁଜୁ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲା ବାଂଶ କୁରୁକି ଗ୍ରାମର ଠିକାଦାର ଜ୍ୟୋତି ରଞ୍ଜନ ସ୍ୱାଇଁ, ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଅଧ୍ୟକ୍ଷ ଓ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପ୍ରତିପକ୍ଷ ଭାବେ ଅଭିହିତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଖଇରଙ୍ଗ ମୌଜା ଖାତା ନଂ. ୬୧୯ର ପ୍ଲଟ୍ ନମ୍ବର ୬୮୩, ୬୮୪ ଓ ୬୮୫ ଓ ୬୮୬ ଗୋଚର ଜମି ରହିଛି। ଏହି ସରକାରୀ ଜମିରେ ଆଶ୍ରମପାଟଣା ଗ୍ରାମର ଲୋକେ ସେମାନଙ୍କ ଗୃହପାଳିତ ପ୍ରାଣୀଙ୍କ ଘାସ ଆଦି ଚାରଣ ପାଇଁ ବ୍ୟବହାର କରିଆସୁଛନ୍ତି। କିନ୍ତୁ ପ୍ରତିପକ୍ଷ


ଗୋଚର ଜମିରେ ନିର୍ମାଣାଧୀନ କୋଠା।

## ଗୋଚର ଜମିରେ ମହାବିଦ୍ୟାଳୟ ନିର୍ମାଣକୁ ନେଇ ବିବାଦ

ବିନା କାର୍ଯ୍ୟାଦେଶରେ ବେଆଇନ ଭାବେ ସେଠାରେ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏପରି ନ କରିବା ପାଇଁ ଅଭିଯୋଗକାରୀମାନେ ପ୍ରତିପକ୍ଷ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା କୌଣସି ଫଳ ମିଳୁନାହିଁ ବରଂ ପ୍ରତିପକ୍ଷ ସେମାନଙ୍କ ବ୍ୟକ୍ତିଗତ ଫାଇଦା ପାଇଁ ବାହୁବଳ, ଅଫିସିଆଲ ଓ ରାଜନୈତିକ କ୍ଷମତା ଦେଖାଉଛନ୍ତି। ଏହି ବେଆଇନ କାର୍ଯ୍ୟ ଯୋଗୁ ଶାନ୍ତି ଭଙ୍ଗ ହେଉଛି। ପ୍ରତିପକ୍ଷଙ୍କୁ ଏହି ସରକାରୀ ଜମି ପ୍ରବେଶ ଉପରେ କଟକଣା ଲଗା ନ ଗଲେ ଅପୂରଣୀୟ କ୍ଷତି ହେବ। ଉପରୋକ୍ତ ଖାତାରେ ଥିବା ପ୍ଲଟଗୁଡ଼ିକ ଗୋଚର କିସମର ହୋଇଥିବାରୁ ଏହା ଉପରୁ ସଂରକ୍ଷଣ ଉଚ୍ଛେଦ ନ ହେବା ପର୍ଯ୍ୟନ୍ତ ପ୍ରାଣୀ ଓ ଗୋଚାରଣ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଅନୁଧ୍ୟାନ କରି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ସମ୍ପର୍କରେ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଦୀପ୍ତ ଦାଶ ଓ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଲୋଚନ କୁମାର ପତିଙ୍କୁ ପଚାରିବାରୁ କୋର୍ଟଙ୍କ ନିର୍ଦ୍ଦେଶନାମା ସେମାନଙ୍କ ପାଖରେ ପହଞ୍ଚିଛି। ଶିକ୍ଷାନୁଷ୍ଠାନ କୌଣସି ସରକାରୀ ଜମି ଜବରଦଖଲ କରିନାହିଁ ବୋଲି ପ୍ରମାଣ ଅଛି। ଏନେଇ ଜନ୍ ୨୦ରେ ସେମାନେ କୋର୍ଟରେ ପକ୍ଷ ରଖିବେ ବୋଲି କହିଛନ୍ତି।

# ସମୁଦ୍ରକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

ପାରାଦୀପ,୭।୬(ଶରତ ରାଉତ)

ପାରାଦୀପର ସବୁଠାରୁ ଆକର୍ଷଣ ସ୍ଥାନ ବତିଘର ପାଖ ବେଳାଭୂମିରେ ଶନିବାର ଅପରାହ୍ନରେ ଅଘଟଣ ଘଟିଛି। ମୁସ୍‌ଲିମ ସମ୍ପ୍ରଦାୟର ୭ ଜଣ ଯୁବକ ସମୁଦ୍ରରେ ଗାଧୋଉଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ କେନ୍ଦ୍ରାପଡା ଜିଲା ଫକିରାବାଦ ଅଞ୍ଚଳର ଶେକ ତହସିମଙ୍କ ପୁତ୍ର ଶେକ୍ ଅମନ (୨୨)। ଶନିବାର ଇଦ୍- ଉଜ୍-ଜୁହା (ବକ୍ରି ଇଦ୍ ) ଥିବାରୁ ୭ ଜଣ ସାଙ୍ଗ କେନ୍ଦ୍ରାପଡ଼ାରୁ ପାରାଦୀପ ବୁଲିବାକୁ ଆସିଥିଲେ। ଖରାବେଳେ ସମସ୍ତେ ସମୁଦ୍ର ପାଣିରେ ଗାଧୋଉଥିଲେ। ଏହି ସମୟରେ ଅସାବଧାନତାବଶତଃ ଅମନ ପାଣିରେ ବୁଡ଼ିଯାଇଥିଲେ ବୋଲି ସାଙ୍ଗ ସାହିବୁଦ୍ଦିନ କୁହନ୍ତି। ଏନେଇ ସାଥୀମାନେ ଜଟାଧାର ମୁହାଁଣ ସାମୁଦ୍ରିକ ପୋଲିସ, ଅଗ୍ନିଶମ ବିଭାଗ, କୁଜଙ୍ଗ ଏବଂ ଓଡ୍ରାଫ ଟିମ୍‌କୁ ଖବର ଦେଇଥିଲେ। ଖବରପାଇ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅମନଙ୍କ ପତ୍ତା ମିଳି ନ ଥିଲା। ପାରାଦୀପ ବତିଘର ପାଖ ସମୁଦ୍ର ସବୁବେଳେ ଅଶାନ୍ତ ଥାଏ। ପ୍ରତିବର୍ଷ ଏମିତି ଅନେକ ଘଟଣା ଘଟେ। ପ୍ରଶାସନ ପକ୍ଷରୁ ସମୁଦ୍ରରେ ନ ଗାଧୋଇବା ପାଇଁ ସତର୍କତା ବୋର୍ଡ ଲଗାଯାଇଛି। ଏହାସତ୍ତ୍ୱେ ଲୋକମାନେ ଅବାଧରେ ଗାଧୋଇବା ଯୋଗୁ ଏପରି ଘଟଣା ଘଟୁଥିବା କୁହାଯାଇଛି। ପୂର୍ବରୁ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା ହେଉଥିବା ବେଳେ ଗତ ବର୍ଷେ ହେଲା ଏଠାରେ ତାହା ଆଉ ହେଉ ନ ଥିବା ଜଣାପଡ଼ିଛି।


ଶେକ୍ ଅମନ

## ସ୍ଥିତିବାନ୍ ଜମିରେ ଗୃହ ନିର୍ମାଣକୁ ନେଇ ବିବାଦ

## ଛାତ ପଡ଼ିବା ପୂର୍ବରୁ ସେଟ୍ରିଂ ଭାଙ୍ଗିଦେଲେ

କୁଜଙ୍ଗ, ୭।୬(ମନୋଜ ପ୍ରଧାନ)

ଅଭୟଚାନ୍ଦପୁର ଥାନା ତଥା ଏରସମା ତହସିଲ ଅନ୍ତର୍ଗତ ନୂଆଗାଁ(ମଠସାହି)ରେ ସ୍ଥିତିବାନ୍‌ସମ୍ପତ୍ତି ଉପରେ ନିର୍ମାଣାଧୀନ ଗୃହର ଛାତପକାକୁ କେନ୍ଦ୍ର କରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କେତେଜଣ ମୁଷ୍ଟିମେୟ ଲୋକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଯଥାରେ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ସହ ତିର୍ତ୍ତୋଲ ଏସ୍‌ଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

ଘଟଣାରୁ ପ୍ରକାଶ ଯେ, ନୂଆଗାଁ ଗ୍ରାମର ଅରକ୍ଷିତ ସ୍ୱାଇଁ ନିଜର ପ୍ଲଟ୍ ନଂ–୨୧୭୬, ଖାତା ନଂ–୧୪୯ରେ ଥିବା ସ୍ଥିତିବାନ ୧୪ ଡିସିମିଲ ଘରବାଡ଼ି ଜମିରେ ଗୃହ ନିର୍ମାଣ କରୁଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜାଗା କୁବୁଚି ମଠର ଦର୍ଶାଇ ଗୃହ ନିର୍ମାଣରେ ବାଧା ସୃଷ୍ଟି କରିଆସୁଛନ୍ତି। ଏନେଇ ସ୍ୱାଇଁଙ୍କ ପକ୍ଷରୁ ସ୍ଥାନୀୟ ଅଦାଲତରେ ମାମଲା ରୁଜୁ ହୋଇଥିବାବେଳେ ମାମଲା ତାଙ୍କ ସପକ୍ଷରେ ଯାଇଛି। ମାତ୍ର ଗୃହ ନିର୍ମାଣ ସମୟରେ ବାଦ ବିବାଦ ଉପୁଜିବାରୁ ସ୍ଥାନୀୟ ଥାନା ଓ ତହସିଲର ସହାୟତା ନେଇଥିଲେ। ପୋଲିସ ଓ ପ୍ରଶାସନ ହସ୍ତକ୍ଷେପ କରିବା ପରେ ସରକାରୀ ଅମିନ ଓ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ମାପଚୁପ କରିଥିଲେ। ମାପ ଅନୁଯାୟୀ ସ୍ୱାଇଁ ତାଙ୍କ ସ୍ଥିତିବାନ ସମ୍ପତ୍ତି ଉପରେ ଗୃହ ନିର୍ମାଣ କରୁଥିବା ସ୍ପଷ୍ଟ ହୋଇଥିଲା। ଏବେ ଘରର ସେଟ୍ରିଂ ଭିଡା ଯାଇଥିବା ବେଳେ ରବିବାର ଛାତ ପଡ଼ିବ ବୋଲି ଜଣାପଡିଛି। ମାତ୍ର କେତେଜଣ ଲୋକ ଶନିବାର ମହିଳାଙ୍କ ସହାୟତାରେ ଉକ୍ତ ଶଟରକୁ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ କହିଛନ୍ତି ସେ ଅଭିଯୋଗ ପାଇଛନ୍ତି। ସେ ଥାନା ଅଧିକାରୀଙ୍କ ସହ ଆଲୋଚନା କରି ଆଇନଗତ ପଦକ୍ଷେପ ନେବେ।

# ଦୁର୍ଘଟଣାଜନିତ ବ୍ୟକ୍ତିଙ୍କୁ ଜରୁରିକାଳୀନ ସେବା ଦିଅ


ଏନ୍‌ସିସି କ୍ୟାଡେଟ୍ ଶିବିରରେ ପ୍ରଶିକ୍ଷଣ ନେଇଥିବା ଜୁନିୟର ରକ୍ଷକ, ପ୍ରଶିକ୍ଷକ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୭।୬ (ପ୍ରମୋଦ କୁମାର ନାୟକ)

ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଏନ୍‌ସିସି କ୍ୟାଡେଟ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୁନିଅର ରକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ସଡ଼କ ସୁରକ୍ଷା ସହ ଦୁର୍ଘଟଣାଜନିତ ବ୍ୟକ୍ତିଙ୍କୁ ଜରୁରିକାଳୀନ ସେବା ପ୍ରଦାନ କରିବା ପାଇଁ ସଚେତନତା କରିବାକୁ ଏଥିରେ କୁହାଯାଇଥିଲା। ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ଉଦ୍ୟମରେ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ୬୦୦ ଏନ୍‌ସିସି କ୍ୟାଡେଟଙ୍କୁ ଏନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ମହାନ୍ତି ସମସ୍ତ ପ୍ରଶିକ୍ଷକଙ୍କୁ ସଡ଼କ ସୁରକ୍ଷା ସଚେତନତା ଉପରେ ଶପଥ ପାଠ କରାଇଥିଲେ। ଏଥିସହ ସାହାଯ୍ୟକାରୀଙ୍କୁ ସରକାର ଗୁଡ୍ ସମରଣ୍ଟିଆନ ଭାବେ ୨ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ବିରିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତଥା ମାଷ୍ଟର ଟ୍ରେନର ଡ. ଲୋକନାଥ ସାହୁ ଦୁର୍ଘଟଣାଜନିତ ବ୍ୟକ୍ତିଙ୍କୁ ଜରୁରିକାଳୀନ ପ୍ରାଥମିକ ସେବା ଯୋଗାଇବା ଉପରେ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟତମ ମାଷ୍ଟର ଟ୍ରେନର ଭାବେ ଜୁନିଅର ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ସାରଦା ଅଧିକାରୀ ଏବଂ ଚନ୍ଦନ ବେହେରା ଯୋଗଦେଇଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଲ୍ୟୁଟନାଣ୍ଟ କଲୋନେଲ (କ୍ୟାମ୍ପ କମାଣ୍ଡାଣ୍ଟ) ବୁଲ୍‌ବୁଲ୍ ଭୁୟାଁ, ଲ୍ୟୁଟ୍‌ନାଣ୍ଟ କଲୋନେଲ (ଡେପୁଟି କ୍ୟାମ୍ପ କମାଣ୍ଡର) ଏସ୍. ପାତ୍ର ଶିବିରରେ ସହଯୋଗ କରିଥିଲେ। ସିନିୟର୍ ଜିସିଆଇ ସିପ୍ରା ପାଣିଗ୍ରାହୀ, ସୁବେଦାର ମେଜର ଜମ୍ନେଶ୍ୱର ସାମଲ, ଲ୍ୟୁଟ୍‌ନାଣ୍ଟ ଏନ୍‌ସିସି ନୀହାର ରଞ୍ଜନ ସ୍ୱାଇଁ, ବରିଷ୍ଠ କିରାଣି ଗିରିଜା ଶଙ୍କର ଚୌଧୁରୀ ଏବଂ ଆଞ୍ଚଳିକ ପରିବହନ କର୍ମଚାରୀମାନେ ଉକ୍ତ ଶିବିରକୁ ପରିଚାଳନା କରିଥିଲେ।

## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

### ଇ-ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍‌ନବ୍ ୨୨ ଏଚ୍‌ଏସ୍ (ଏମ୍‌ଓଡି-୧) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍‌ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ ଆସେମ୍ବ୍ଲି (ମେଶିନ୍‌ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ' ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍‌ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ' ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୬୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍‌ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ – ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି । | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆରଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି–୮୧୦୧୦–ଏସ୍–୦୩ ଅନୁଯାୟୀ ସେଣ୍ଟର ବଫର୍ କପଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ ଏସ୍‌ଏମ୍‌ଆର୍ ମଡ୍ୟୁଲ୍ ବେସ୍‌ଡ ଏସ୍‌ଏମ୍‌ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍‌ନବ୍ ୨୨ଏଚ୍‌ଏସ୍, ୨୨ଏଚ୍‌ଏସ୍ (ଏମ୍‌ଓଡି–୧) ଏବଂ ଆଇଆର୍‌ଏଫ୍–୧୦୮ଏଚ୍‌ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍‌ର କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/PR/92

ପି ସି ଏମ୍ ଏମ୍, ଏସ୍‌ଇସିଆର୍, ବିଳାସପୁରଙ୍କ ପାଇଁ

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

### INVITATION FOR BIDS (e-Procurement)

**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www.tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.

OIPR- **Sd./- Managing Director**

## OFFICE OF THE DHENKANAL MUNICIPAL COUNCIL, DHENKANAL

No. C-466

### E-Procurement Notice

**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha.gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https://tenderorissa.gov.in**.

**Sd./- Executive Officer**
**Dhenkanal Municipality**
OIPR-

# ଗୋ ହତ୍ୟା ବିରୋଧରେ ରାସ୍ତା ଅବରୋଧ

ତିର୍ତ୍ତୋଲ, ୭।୬ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ଥାନା ଅଧୀନ ଇବ୍ରିସିଂ ପଞ୍ଚାୟତ ବଡ଼ମଠ ନିକଟରେ ଥିବା ମୁସ୍‌ଲିମ ସାହିରେ ଗୋମାଂସ କଟା ହେଉଥିବା ଘଟଣାକୁ କେନ୍ଦ୍ରକରି ଶନିବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ ପ୍ରତିବାଦରେ ରାସ୍ତାରୋକୋ କରିଥିଲେ। ଏନେଇ ହିନ୍ଦୁ ଓ ସଂଖ୍ୟାଲଘୁଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଥାନା ତରଫରୁ ପୋଲିସ ମୁତୟନ କରାଯାଇଛି। ଘଟଣାସ୍ଥଳରେ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ପହଞ୍ଚି ଗୋମାଂସ ଜବତ କରି ମାମଲା ରୁଜୁ କରିଛନ୍ତି। ପୋଲିସ ଏହି ଘଟଣାରେ ୪ ଜଣଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ସ୍ଥାନ ପାଖରେ ଜଗନ୍ନାଥ ମନ୍ଦିର ଥିବାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

## ଗୋମାଂସ ଜବତ କଲା ପୋଲିସ


ଜବତ ଗୋମାଂସକୁ ମାଟିରେ ପୋତାଯାଉଛି।

## ଭାରତୀୟ ରିଜର୍ଭ ବ୍ୟାଙ୍କ୍

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଢ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ଣ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

## TENDER DOCUMENT
## FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-
1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

**Sd./- Divisional Forest Officer,**
**Bonai Forest Division**

**OIPR-08040/11/0015/2526**

Government of India
Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL
CBC 46101/13/0012/2526



ଅନେକ ଦଶନ୍ଧିର ଅପେକ୍ଷା ହେଲା ଶେଷ
ସ୍ୱପ୍ନକୁ ମିଳିଲା ନୂଆ ଉଡ଼ାଣ
ଝିଅଙ୍କ ପାଇଁ ଖୋଲିଛି **ସୈନିକ ସ୍କୁଲ** ଏବଂ
ଜାତୀୟ ପ୍ରତିରକ୍ଷା ଏକାଡେମୀର ଦ୍ୱାର
ପ୍ରଥମ ଥର ସେନାବାହିନୀରେ ମହିଳାଙ୍କୁ ମିଳିଲା **ସ୍ଥାୟୀ କମିଶନ**



# ଜାତୀୟ ମାନବାଧିକାର ଆୟୋଗରେ ମାମଲା

## ଗର୍ଭସ୍ଥ ଶିଶୁ ସହ ମହିଳା ମୃତ୍ୟୁ ଘଟଣା

- ମୃତାଙ୍କ ପରିବାରକୁ ୧୫ ଲକ୍ଷ କ୍ଷତିପୂରଣ ଦେବାକୁ ପ୍ରାର୍ଥନା
- ଡାକ୍ତର, ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନୟାଗଡ଼,୭।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ଚିକିତ୍ସାଳୟରେ ଗର୍ଭସ୍ଥ ଶିଶୁ ଓ ମହିଳା ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ସ୍ତ୍ରୀ ଓ ପ୍ରସୂତି ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ନିଲମ୍ବନ କରିଛନ୍ତି । ହେଲେ ଏହି ଦୁଃଖଦ ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ ନୂଆଦିଲ୍ଲୀରେ ଏକ ମାମଲା (ନଂ. ୧୨୭୦୬/୨୦୨୫) ରୁଜୁ ହୋଇଛି। କେନ୍ଦୁଝର ଜିଲା ସୋଲପଟା ଗାଁର ଆଇନଜୀବୀ ହିମାଂଶୁ ଶେଖର ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ଏହି ମାମଲା ଦାଏର ହୋଇଛି । ଚିକିତ୍ସାରେ ଅବହେଳାରୁ ଗର୍ଭସ୍ଥ ଶିଶୁ ସହ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାରୁ ଜାତୀୟ ମାନବାଧିକାର ଆୟୋଗ ହସ୍ତକ୍ଷେପ କରି ମୃତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମୁଖ୍ୟ ଶାସନ ସଚିବ ୩ ସପ୍ତାହ ଭିତରେ ଦେବା ପାଇଁ ବ୍ୟବସ୍ଥା କରାଇବାକୁ ପ୍ରାର୍ଥନା କରାଯାଇଛି । ସେହିଭଳି ଡାକ୍ତର, ନର୍ସ ଓ ଅନ୍ୟମାନଙ୍କ ବିରୋଧ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେବାକୁ ଅନୁରୂପ ପ୍ରାର୍ଥନା କରାଯାଇଛି।

ସୂଚନାଯୋଗ୍ୟ, ଗତ ୩୧ ତାରିଖରେ ନୟାଗଡ଼ ବ୍ଲକ୍ ବାଲୁଗାଁର ମମତା ସ୍ୱାଇଁ(୩୫) ଓ ତାଙ୍କ ଗର୍ଭସ୍ଥ ଶିଶୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇବା ପରେ ସରକାର ଦାୟିତ୍ୱରେ ଥିବା ଡାକ୍ତର ସାହୁଙ୍କୁ ଗତ ୩ଦିନ ତଳେ ନିଲମ୍ବନ କରିଥିଲେ।

# କଣ୍ଟିଲୋ ରାମଲୀଳା ଆରମ୍ଭ

## ତାଡ଼କା ବଧ, ଅହଲ୍ୟା ଉଦ୍ଧାର ଓ ମିଥିଳା ପ୍ରବେଶ

ଖଣ୍ଡପଡ଼ା,୭।୬ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ଶ୍ରୀ ଶ୍ରୀ ରଘୁନାଥ ଜୀଉ ନାଟ୍ୟ ସମିତି କଂସାରୀସାହି ପାଟଣା(ବାପୁଜୀ ନଗଗର) ପକ୍ଷରୁ ଶୁକ୍ରବାର ରାମଲୀଳାର ପ୍ରଥମ ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ବିଶ୍ୱାମିତ୍ରଙ୍କ ଜାଗ ରକ୍ଷା, ତାଡ଼କା ବଧ, ଅହଲ୍ୟା ଉଦ୍ଧାର ସହ ମିଥିଲ୍ୟା ପ୍ରବେଶକୁ ନେଇ ରାମଲୀଳା ପରିବେଷଣ କରାଯାଇଥିଲା। ତ୍ରେତୟା ଯୁଗରେ ମୁନିଋଷିମାନଙ୍କ ଯଜ୍ଞରେ ରାକ୍ଷସମାନେ ବାଧା ସୃଷ୍ଟି କରିବା ସହ ନାନା ଅତ୍ୟାଚାର କରୁଥିଲେ। ରାକ୍ଷସମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଭଗବାନ ରାମଚନ୍ଦ୍ର ହିଁ ଏକମାତ୍ର ଭରସା ବୋଲି ବିଶ୍ୱାମିତ୍ର ଋଷି ଧ୍ୟାନ ବଳରେ ଜାଣିବା ପରେ ସେ ରାଜା ଦଶରଥଙ୍କ ଦ୍ୱାରସ୍ଥ ହୋଇଥିଲେ। ଅସୁରଙ୍କ ଅତ୍ୟାଚାର ଓ ଦମନଲୀଳାରେ ଅତିଷ୍ଠ ହୋଇ ବିଶ୍ୱାମିତ୍ରଙ୍କ ଅନୁରୋଧ ଓ କୂଳଗୁରୁ ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷିମାନଙ୍କ ସୁରକ୍ଷା ପାଇଁ ରାଜା ଦଶରଥ ୨ପୁତ୍ର ରାମ ଓ ଅନୁଜ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ରଙ୍କ ସାଥିରେ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ବିଶ୍ୱାମିତ୍ର ଋଷିଙ୍କ ସଙ୍ଗେ ୨ ଭାଇ ଅଗମ୍ୟ ଜଙ୍ଗଲ ମଧ୍ୟରେ ଯିବା ବାଟରେ ମାୟାବିନୀ ତାଡ଼କା ଅସୁରୁଣୀ ସେମାନଙ୍କ ପଥ ଅବରୋଧ କରିଥିଲା। ଫଳରେ ରାମଚନ୍ଦ୍ର ତାକୁ ବଧ କରିଥିଲେ। ତାଡ଼କା ବଧ ପରେ ସେମାନେ ଆଗକୁ ଯିବା ବାଟରେ ଗୌତମ ଋଷିଙ୍କ ଅଭିଶାପରେ ପାଷାଣୀ ପାଲଟିଥିବା ଅହଲ୍ୟା ରାମଚନ୍ଦ୍ରଙ୍କ ପାଦସ୍ପର୍ଶରେ ଶାପମୁକ୍ତ ହୋଇଥିଲେ। ଏହି ନାଟକ ଦେଖିବାକୁ ବିଳମ୍ବିତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶକମାନେ ଉପସ୍ଥିତ ଥିଲେ। ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ ଶୁଭମ୍ ସାହୁ, ସାନୁ ଓ ଅଂଶୁ ଅଭିନୟ କରିଥିବା ବେଳେ ବିଶ୍ୱାମିତ୍ର, ଦଶରଥ, ତାଡକା ଭୂମିକାରେ ଯଥାକ୍ରମେ ବିଭୁତି ଭୂଷଣ ସାହୁ, ଅରୁଣ ସାହୁ(ଟୁଲିଆ) ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଅଭିନୟ କରିଥିଲେ ବୋଲି ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ସାହୁ କହିଛନ୍ତି।



ତାଡ଼କା ବଧ ନାଟକର ଏକ ଦୃଶ୍ୟ।

# ପୋଖରୀରେ ବୁଡ଼ି ନାବାଳକ ମୃତ

ରଣପୁର,୭।୬(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ମର୍ଦକୋଟ ଗ୍ରାମ ମୁଣ୍ଡରେ ଥିବା ପୋଖରୀରେ ଶୌଚ ହେବାକୁ ଯାଇଥିବା ଜଣେ ନାବାଳକ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରକୁ ଖସିପଡିଥିବା ଅନୁମାନ କରାଯାଇଛି। ମୃତ ନାବାଳକ ହେଲେ ସେହି ଗ୍ରାମର ବୁଲୁ ନାହାକଙ୍କ ପୁଅ ଅଭୟ(୮)। ସେ ଘରେ କାହାକୁ କିଛି ନ କହି ଶୁକ୍ରବାର ସକାଳୁ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ବହୁ ସମୟ ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶନିବାର ସକାଳେ ଗାଁ ଲୋକେ ପୋଖରୀରେ ବୁଲୁଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ରଣପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫) ରୁଜୁ କରାଯାଇଛି। ଏହି ଘଟଣାକୁ ନେଇ ମର୍ଦକୋଟ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗନେଇଥିବା ମହିଳାମାନେ।

ଖଣ୍ଡପଡ଼ା,୭।୬ (ଅଜୟ କୁମାର ମହାରଣା)

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ମାଧ୍ୟମରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଖଣ୍ଡପଡ଼ା ଏନ୍ଏସି କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଖଣ୍ଡପଡ଼ା ବ୍ଲକ୍ ଏମ୍ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଜିଲା ପରିଷଦ ସଦସ୍ୟା ଉଜ୍ଜ୍ୱଳ ମହାରଣା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଏବିଡିଓ ଝାଡେଶ୍ୱର ଦାସ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କେ. କେଟେଶ୍ୱରୀ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୭ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ମିଠା, ପିଠା ଓ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରିଥିଲେ । ମହିଳା ଗୋଷ୍ଠୀମାନଙ୍କ ମଧ୍ୟରୁ ୨ ଗୋଷ୍ଠୀ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଖଣ୍ଡପଡ଼ା ସହରର ମା'ତାରିଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବଡ଼ବାଣପୁର ଗ୍ରାମର ବିଶ୍ୱ ଶ୍ରୀରାମ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଶ୍ରେଷ୍ଠ ବିବେଚିତ ଏହି ୨ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ଜିଲାସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

# ପ୍ରକାଶ ପାଇଲା ସଂଶୋଧିତ ଆସନ ସଂରକ୍ଷଣ ତାଲିକା

ଓଡ଼ଗାଁ,୭।୬ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଓଡ଼ଗାଁ ୨୦୨୫ ସାଧାରଣ ନିର୍ବାଚନ ପାଇଁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ପୂର୍ବ ପ୍ରକାଶିତ ବିଜ୍ଞପ୍ତି ନଂ. ୮୦୧ ତାରିଖ ୧୯।୫।୨୦୨୫ରେ ପ୍ରକାଶିତ ଆସନ ସରଂକ୍ଷଣ ତାଲିକାରେ ପଛୁଆ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ଆସନ ଉଲ୍ଲେଖ ଥିଲା। କିନ୍ତୁ ପରବର୍ତ୍ତୀ ଓଡ଼ିଶା ପୌର (ସଂଶୋଧନ)ଆଇନ ୨୦୨୨ରେ ପଛୁଆ ବର୍ଗଙ୍କୁ ସଂରକ୍ଷଣରୁ ବାଦ ଦିଆଯାଇଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ତ୍ରୁଟି ସଂଶୋଧନ ସହିତ ସଂରକ୍ଷଣ ଆସନ ତାଲିକା ୫।୬।୨୦୨୫ରିଖରେ ୯୦୨ନଂ.ବିଜ୍ଞପ୍ତି ଅନୁସାରେ ପ୍ରକାଶ ପାଇଛି। ଏଥିରେ ୱାର୍ଡ ସୀମା ନିର୍ଦ୍ଧାରଣ ପୂର୍ବବତ ରହିଥିବା ବେଳେ ପ୍ରତି ୧୫ ୱାର୍ଡର ପୁନଃ ସଂଶୋଧିତ ସଂରକ୍ଷିତ ଆସନ ତାଲିକା ପ୍ରକାଶ ପାଇଛି। ୧ନଂ.ୱାର୍ଡ ବିଲମାନପୁର ଓ ୨ ନମ୍ବର ୱାର୍ଡ ଛାମୁସାହି ୨ଟି ଆସନ ଅଣ ସଂରକ୍ଷିତଙ୍କ ପାଇଁ ରହିଥିବା ବେଳେ ୩ ନମ୍ବର ୱାର୍ଡ ପାଇକ ସାହି ଆସନ ଓ ୪ ନମ୍ବର ୱାର୍ଡ ଅଧିକାରୀ ସାହି ଓ ଖାଡି ତେଲିସାହି ମହିଳା, ୫ ନମ୍ବର ୱାର୍ଡ ପାଟଣା ସାହି ଏବଂ ୬ ନମ୍ବର ୱାର୍ଡ ଓଡ଼ିଆ ସାହି ଓ ବଜାର ସାହି ଆସନ ଅଣସଂରକ୍ଷିତ ଅଛି। ୭ ନମ୍ବର ୱାର୍ଡ ହରିଜନ ସାହି ଓ ଲଜସାହି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ପାଇଁ ସଂରକ୍ଷିତ ରହିଥିବା ବେଳେ ୮ନମ୍ବର ୱାର୍ଡ ବ୍ଲକ୍‌ସାହି ଓ ବିଜୟ ମଣ୍ଡପ ସାହି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୯ ନମ୍ବର ୱାର୍ଡ ମଠଖଜୁରିଆ ଓ କୁମ୍ଭିଆପଲ୍ଲୀ ଆସନ ଅନୁସୂଚିତ ଜନଜାତି ମହିଳା ପାଇଁ ସଂରକ୍ଷିତ ରହିଥିବା ବେଳେ ୧୦ ନମ୍ବର ୱାର୍ଡ ଖେଳପଡିଆ ସାହି ଓ ଶିଳ୍ପୀ ନଗର ସାହି ଆସନ ଅଣସଂରକ୍ଷିତ ରହିଛି।୧୧ ନମ୍ବର ୱାର୍ଡ ହେମାମାଳି ସାହି ଓ ଗାନ୍ଧୀ ନଗର ସାହି ଆସନ , ୧୨ ନମ୍ବର ୱାର୍ଡ ନିତ୍ୟାନନ୍ଦ ସାହି ଓ ଗୁପ୍ତମଠ ସାହି ଆସନ ଏବଂ ୧୩ ନମ୍ବର ୱାର୍ଡ ଦଳକ, ଗୁଡ଼ିଆସାହି ଓ କଲେଜ ରୋଡ ଆସନ ସବୁ ମହିଳାଙ୍କ ପାଇଁ ରହିଛି। ଏତଦ୍‌ବ୍ୟତୀତ ୧୪ ନମ୍ବର ୱାର୍ଡ କଦଳୀ ବନ୍ଧ ଓ ଆଖୁପଦର ରାଜସ୍ୱ ଗ୍ରାମ ଆସନ ଏବଂ ୧୫ ନମ୍ବର ୱାର୍ଡ ଜାଗିଙ୍ଗିଆସନ ଅଣସଂରକ୍ଷିତ ରହିଛି।

# ଗୋକୁଳାନନ୍ଦ ମନ୍ଦିର ପାର୍ଶ୍ୱ ଦେବତାଙ୍କ ପ୍ରତିଷ୍ଠା ଉତ୍ସବ

ଖଣ୍ଡପଡ଼ା,୭।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମ ମଧୁକର୍ଣ୍ଣିକା ପାହାଡ଼ ମଧ ଭାଗରେ ଅବସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିର। ଏହି ମନ୍ଦିରର ପାର୍ଶ୍ୱ ଦେବତା ଭାବେ ଜୟ ବିଜୟ, ଗଣେଶ, କାର୍ତ୍ତିକ,ନାରାୟଣୀ, ନୃସିଂହ,ବରାହ, ବାମନ, ନବଗ୍ରହ ଓ ଦଶାବତାର ଆଦି ବିଗ୍ରହମାନଙ୍କ ପ୍ରତିଷ୍ଠା ଉତ୍ସବ ଓ ଧାନାଭିଷେକ କାର୍ଯ୍ୟକ୍ରମ ପାରମ୍ପରିକ ରୀତିରେ ଶୁକ୍ରବାର ଶେଷ ହୋଇଛି। ଏହି ଧାନ୍ୟାଭିଷେକ କାର୍ଯ୍ୟକ୍ରମରେ ପଣ୍ଡିତ ବନମାଳୀ ମିଶ୍ରଶର୍ମା, ପଣ୍ଡିତ ଉଦ୍ୟନାଥ ମିଶ୍ରଶର୍ମା ଓ ବିରୁପାକ୍ଷ ମିଶ୍ରଶର୍ମା ପ୍ରମୁଖ ଉପସ୍ଥିତ ରହି ବେଦମନ୍ତ୍ର ପାଠ କରିଥିଲେ ।

# ଡ୍ରେନ୍ ସମସ୍ୟାକୁ ନେଇ ୱାର୍ଡ ବାସିନ୍ଦା ଚିନ୍ତାରେ

ଖଣ୍ଡପଡ଼ା,୭।୬ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଡ୍ରେନେଜ ବ୍ୟବସ୍ଥାକୁ ନେଇ ସହରାଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ଏନଏସି କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ଆଗକୁ ବର୍ଷାଋତୁ ଆସୁଥିବା ବେଳେ ସହରର ୧୨ ନଂ. ୱାର୍ଡରେ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ବିଭିନ୍ନ ସ୍ଥାନରେ ଡ୍ରେନ ଭାଙ୍ଗି ମାଟିରେ ମିଶିବାକୁ ଲାଗିଲାଣି। ଫଳରେ ନର୍ଦ୍ଦମା ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଉକ୍ତ ୱାର୍ଡରେ ନୂତନ ଡ୍ରେନ ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଛନ୍ତି । ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ଓ ଅଧ୍ୟକ୍ଷା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା ନିର୍ମାଣରେ ଜବରଦଖଲ ବାଧକ

ଖଣ୍ଡପଡ଼ା,୭।୬ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ପଞ୍ଚାୟତର ରତନପୁର ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣରେ ସ୍ଥାନୀୟ ଅଞ୍ଚଳର କେତେଜଣ ଜବରଦଖଲକାରୀ ବାଧକ ସାଜିଛନ୍ତି। ସରକାରୀ ଜାଗାରୁ ଜବରଦଖଲକାରୀମାନଙ୍କୁ ହଟାଇବାରେ ପ୍ରଶାସନ ବିଫଳ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ନିର୍ମାଣ ନେଇ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇ ଥିଲେ ହେଁ ଅଦ୍ୟାବଧି ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକ ଜାଗା ଚିହ୍ନଟ କରାଯାଇ ନାହିଁ । ଏପରିକି ଖଣ୍ଡପଡ଼ା ତହସିଲଦାର, ଅତିରିକ୍ତ ତହସିଲଦାର, କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ପ୍ରମୁଖ ରତନପୁର ଗାଁକୁ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ହେଁ ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକ ପଡୁଥିବା ଜାଗାକୁ ଜବରଦଖଲମୁକ୍ତ କରିପାରି ନାହାନ୍ତି । ଫଳରେ ଗ୍ରାମକୁ ରାସ୍ତା ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି । ସୂଚନାଯୋଗ୍ୟ, ଗ୍ରାମକୁ ଭଲ ରାସ୍ତା ଟିଏ ନ ଥିବାରୁ ରତନପୁର ଗ୍ରାମର ବାସିନ୍ଦା ଯାତାୟତରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଥିପ୍ରତି ନୟାଗଡ ଜିଲାପାଳ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ରତନପୁର ଗ୍ରାମବାସୀ ଦାବି କରିଛନ୍ତି। ରାସ୍ତା ନିର୍ମାଣ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ପ୍ରଦାନ କରାଯାଇଛି ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍ନବ୍ ୨୨ ଏଚ୍ଏସ୍ (ଏମ୍ଓଡି–I) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ ଆସେମ୍ବ୍ଲି (ମେଶିନ୍ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍ଏଚ୍ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ' ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ' ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୬୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ – ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲଡେବଲ୍ ସିଏମ୍ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି । | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆର୍ଡିଏସ୍ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି–୮୧୦୧୦–ଏସ୍–୦୩ ଅନୁଯାୟୀ ସେଣ୍ଟର ବଫର୍ କପ୍ଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ ଏସ୍ଏମ୍ଆର୍ ମଡ୍ୟୁଲ୍ ବେସ୍ଡ ଏସ୍ଏମ୍ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍ନବ୍ ୨୨ଏଚ୍ଏସ୍, ୨୨ଏଚ୍ଏସ୍ (ଏମ୍ଓଡି–୧) ଏବଂ ଆଇଆର୍ଏଫ୍–୧୦୮ଏଚ୍ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍ଏଚ୍ଏଲ୍ର କନ୍ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/PR/92 — ପି ସି ଏମ୍ ଏମ୍, ଏସ୍ଇସିଆର୍, ବିଳାସପୁରଙ୍କ ପାଇଁ

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

**INVITATION FOR BIDS (e-Procurement)**
**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www. tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.

OIPR- Sd./- Managing Director

**OFFICE OF THE DHENKANAL MUNICIPAL COUNCIL, DHENKANAL** No. C-466

**E-Procurement Notice**

**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha. gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https:// tenderorissa.gov.in**.

OIPR- **Sd./- Executive Officer Dhenkanal Municipality**

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଡ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ ଭୁବନେଶ୍ୱର**

**TENDER DOCUMENT FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26**

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-
1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

**Sd./- Divisional Forest Officer, Bonai Forest Division**
**OIPR-08040/11/0015/2526**

# ଏପଟେ ବୃକ୍ଷରୋପଣ, ସେପଟେ ଗଛ କଟା

- ବିକାଶ ନାମରେ ବିନାଶ
- ବୃକ୍ଷକଟା ନିରୋଧ ଆଇନ ଆବଶ୍ୟକ
- ବନୀକରଣର ହିସାବ ନାହିଁ

**ପଟ୍ଟାମୁଣ୍ଡାଇ, ୭।୬ (କଳ୍ପତରୁ ନାୟକ)**



ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ ପରିସରରୁ ପରିବେଶ ଦିବସରେ ଗଛ କଟାଯାଉଛି ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରୀକରଣର କଂକ୍ରିଟ୍ ଜଙ୍ଗଲ ଭିତରେ ହଜିଯାଉଛି ସବୁଜିମା । ବ୍ୟକ୍ତିଗତ ହେଉ ଅଥବା ସରକାରୀ ଜାଗାରେ ପ୍ରତିଦିନ କିଛିନା କିଛି ଗଛ ବଳିପଡୁଛି । ପ୍ରକଳ୍ପ ପାଇଁ କେଉଁଠି ୬୦ ବର୍ଷର ଗଛ ଟଳିପଡୁଛି ତ ଆଉ କେଉଁଠି ୪ରୁ ୫ ବର୍ଷର ଜଙ୍ଗଲ କଟାଯାଉଛି । ରୋକିବାକୁ ଯେମିତି କେହି ନାହାନ୍ତି । ନା ଅଛି ଆଇନ ନା ଦଣ୍ଡବିଧାନ । ବନ ବିଭାଗ ସତେ ଯେମିତି କୋମାରେ ରହିଥିବାବେଳେ ତହସିଲ ଓ ପୌର ପ୍ରଶାସନ କଥା ନ କହିବା ଭଲ । ଗୁରୁବାର ପରିବେଶ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇ ସରକାରଙ୍କ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଥିଲା । ମାତ୍ର ପରିବେଶ ଦିବସରେ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ ପରସର ଭିତରୁ ଏକ ବିରାଟକାୟ ଗଛ କାଟି ଦିଆଗଲା । ଯାହାର ଖବର ପୌର ପ୍ରଶାସନ ପାଖରେ ନ ଥିବାବେଳେ ବନ ବିଭାଗ ନିଜର ମୂଳ ଦାୟିତ୍ୱ ଭୁଲି ପରିବେଶ ଦିବସରେ ଉକ୍ତ ଗଛ କାଟିବାକୁ ଅନୁମତି ଦେଲେ ତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ମହାକାଳପଡ଼ା ରେଞ୍ଜର ଶାନ୍ତନୁ ଦଳାଇଙ୍କୁ ପଚାରିବାରେ ଆଗରୁ ସେମାନେ ଅନୁମତି ନେଇଛନ୍ତି ବୋଲି ସେ କହିଛନ୍ତି ।

ସାମାଜିକ କର୍ମ ପ୍ରବୀର ନାୟକ କହିଛନ୍ତି, ନୂତନ ଜଙ୍ଗଲ ସୃଷ୍ଟି ତଥା ବନୀକରଣ ମାଧ୍ୟମରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଗୋଟିଏ ଗଛର ୩ ବର୍ଷିଆ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୭୦୦ଟଙ୍କା ଖର୍ଚ୍ଚ ହେଉଛି । ଏ ନେଇ ପଟ୍ଟାମୁଣ୍ଡାଇ ବ୍ଲକ, ପୌରାଞ୍ଚଳ ଓ ରାଜନଗର ବନଖଣ୍ଡରେ ବୃକ୍ଷରୋପଣ କରାଇବା ସହିତ ଜଙ୍ଗଲ ସୃଷ୍ଟିର ଦାୟିତ୍ୱ ନ୍ୟସ୍ତ ରହିଛି । ମାତ୍ର ୫ ବର୍ଷର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ଏହି ବିଭାଗ ସେତେଟା ସଫଳ ହୋଇପାରିନାହିଁ । ବରଂ ବହୁ ହଜାର ଗଛ ବଳି ପକାଯାଇ କଂକ୍ରିଟ ଜଙ୍ଗଲ ସୃଷ୍ଟି କରାଯାଇଛି । ପରିବେଶବିତ୍ ବିଭୂତି ମହାପାତ୍ର କହିଛନ୍ତି, ଏକ ଦଶନ୍ଧିର ପଟ୍ଟାମୁଣ୍ଡାଇର ଚିତ୍ରପଟକୁ ଦେଖିଲେ କେତେ ହଜାର ବୃକ୍ଷ କଟା ହୋଇଛି ତାହା ଆକଳନ କରିବା କଷ୍ଟକର । କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ, କଟକ-ଚାନ୍ଦବାଲି ରାସ୍ତା ବିଜୁ ପଟ୍ଟନାୟକ ଛକରୁ ରାଜନଗର ଉଭୟ ରାସ୍ତା, ଅଳଭା ଗଣ୍ଡାକିଆ ରାସ୍ତା ସହ ଗ୍ରାମାଞ୍ଚଳର ଅନେକ ରାସ୍ତାର ସମ୍ପ୍ରସାରଣ ଲାଗି ବହୁ ହଜାର ଗଛ ବଳିପଡ଼ିଛି । ସେହିପରି ନୀଳକଣ୍ଠପୁର ବ୍ରାହ୍ମଣୀ ପଠା ଜଙ୍ଗଲ ମଧ୍ୟ ଏଥିରୁ ବାଦ୍ ପଡିନି । ଆମ୍ବ, ବର ପରି ଅମ୍ଳଜାନ ଯୋଗାଉଥିବା ଗଛକୁ କଟାଯାଇଛି । ବିକାଶ ନାଁରେ ପ୍ରତିବର୍ଷ ବିନାଶ କରାଯାଉଛି । ଗାଁ ଗହଳିରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଗଛ କାଟିଲେ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କ ନିକଟରେ ଦରଖାସ୍ତ ଦେବାକୁ ପଡ଼ିଥାଏ । ତହସିଲଦାରଙ୍କ ଅନୁମତି ପରେ ଗଛ କଟାଯିବା କଥା । ଅବମାନନା କଲେ ଆଇନ ଅନୁଯାୟୀ ଜରିମାନ କରାଯାଏ । ଆଇନଜୀବୀ ସୌମ୍ୟରଞ୍ଜନ ଧଳ କହିଛନ୍ତି, ପଟ୍ଟାମୁଣ୍ଡାଇରେ ବିଭିନ୍ନ ପ୍ରକଳ୍ପ ଲାଗି ୩ ବର୍ଷ ମଧ୍ୟରେ ବହୁ ହଜାର ଗଛ କଟାଯାଇଛି । ସେ ରାସ୍ତା ସମ୍ପ୍ରସାରଣ ହେଉ କି ସରକାରୀ ବେସରକାରୀ ଘର ନିର୍ମାଣ ପାଇଁ ଅବାଧ ଗଛକଟା ଚାଲିଛି । ୨୦୨୨ରେ ତହସିଲଦାରଙ୍କ କ୍ୱାର୍ଟର୍ସ ନିକଟରୁ ୫ରୁ ଅଧିକ ମୂଲ୍ୟବାନ ଶିଶୁଗଛ କାଟି ନେଲେ । ଯାହାର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ । ବାଲିପାଟଣା ପଞ୍ଚାୟତ ଖଡ଼ିପାଳ ରାସ୍ତାକଡ଼ରେ ପ୍ରାୟ ୫୦୦ରୁ ଅଧିକ ତାଳଗଛ ରାସ୍ତା ନିର୍ମାଣ ପାଇଁ କାଟି ଦିଆଗଲା । ୨୦୨୩ ମାର୍ଚ୍ଚ ବାଇପାସ୍‌ରୁ ବିଶାଳ ଚାକୁଣ୍ଡା ଗଛ, ଜୁନ୍‌ରେ ଆର୍‌ଡି କାର୍ଯ୍ୟାଳୟ ଆଗରୁ ୪ଟି ବିଶାଳକାୟ ଦେବଦାରୁ ଗଛ କାଟି ଦିଆଗଲା । ୨୦୨୪ରେ ବାଇପାସ ରାସ୍ତା ନିର୍ମାଣ ପାଇଁ ଶତାଧିକ ଗଛ କଟାଯାଇଥିବା ବେଳେ ୨୦୨୫ରେ ଅଳଭା-ଗଣ୍ଡାକିଆ ରାସ୍ତା ନିର୍ମାଣ ବେଳେ ବହୁ ମୂଲ୍ୟବାନ୍ ଗଛ କାଟି ଦିଆଯାଇଛି । ଏଭଳି ଅବାଧ ଗଛକଟା ନିଷିଦ୍ଧ କରିବାକୁ ହେଲେ ଶକ୍ତିଶାଳୀ ଟ୍ରି ଆକ୍ଟର ପ୍ରଣୟନ ଜରୁରୀ ହୋଇପଡ଼ିଛି । ଦିଲ୍ଲୀ ସମେତ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, କେରଳ, ଚଣ୍ଡିଗଡ଼ ଆଦି ରାଜ୍ୟଗୁଡ଼ିକରେ ବୃକ୍ଷକଟା ନିରୋଧ ଆଇନ ପ୍ରଚଳିତ ହେଉଛି । ସରକାରୀ ଜାଗାରୁ ଗଛ କାଟିଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ମାତ୍ର ଆମ ରାଜ୍ୟରେ ସେପରି କୌଣସି ବ୍ୟବସ୍ଥା ନ ଥିବାରୁ ବେଧଡ଼କ ଭାବେ ଗଛ କଟା ଚାଲୁଛି ଏବଂ ବନ ବିଭାଗ, ତହସିଲ ମଧ୍ୟ ହାତ ଟେକି ଦେଇଛନ୍ତି ।

# ମୂର୍ତ୍ତି ନିର୍ମାଣରେ ପାରଙ୍ଗମ ପଦ୍ମିନୀ

- ଗଢୁଛନ୍ତି ବିଭିନ୍ନ ଦେବଦେବୀଙ୍କ ମାଟିର ମୂର୍ତ୍ତି
- ସରକାର ସହାୟତା ଦେଲେ ଆଗକୁ ବଢ଼ିବେ

**ଧର୍ମଶାଳା,୭।୬(ବଟକୃଷ୍ଣ ପରିଡ଼ା):**


ମୂର୍ତ୍ତି ନିର୍ମାଣରେ ନିମ୍ନ ପଦ୍ମିନୀ ରଣା ।

ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳି ଗ୍ରାମର ସୋମନାଥ ରଣାଙ୍କ ସ୍ତ୍ରୀ ପଦ୍ମିନୀ ରଣା(୩୧) ମୂର୍ତ୍ତି ନିର୍ମାଣରେ ପାରଙ୍ଗମ । ସେ ପିଲାଦିନରୁ ମୂର୍ତ୍ତି କଳା ପ୍ରତି ଆକର୍ଷିତ ହୋଇଛନ୍ତି । ତାଙ୍କ ବାପା ଇନ ରଣା ଓ ୨ ଭାଇ ଗୋପାଳ ରଣା ଏବଂ ଅନନ୍ତ ରଣା ମୂର୍ତ୍ତି କାରିଗର ହୋଇଥିବାରୁ ପଦ୍ମିନୀ ପିଲାବେଳୁ ମୂର୍ତ୍ତି ଗଢ଼ାଯାଉଥିବା ଦେଖିଦେଖି ଏହି କଳା ହାସଲ କରିଛନ୍ତି । ସେହି ଦିନଠାରୁ ସେ ଛୋଟ ଛୋଟ ମୂର୍ତ୍ତି ଗଢୁଛନ୍ତି । ୨୦୦୯ରେ ମାଟ୍ରିକ ପାସ ପରେ ବାପାଭାଇଙ୍କୁ ମୂର୍ତ୍ତି ଗଢ଼ାରେ ସହଯୋଗ କରୁଥିଲେ । ତାଙ୍କ ବାପଘର ରସୁଲପୁର ବ୍ଲକ ଅଧୀନ ସାମନ୍ତରାୟପୁର ପଞ୍ଚାୟତର ବାଲିପାଟଣାର କୁଲୁଙ୍ଗା ଗ୍ରାମରେ । ପଦ୍ମିନୀ ୨୦୧୫ ଏପ୍ରିଲ ୨୪ରେ ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇ ଗ୍ରାମରେ ସୋମନାଥଙ୍କୁ ବିବାହ କରିଥିଲେ । ଘରର କୌଣସି ସମସ୍ୟା ହେତୁ ସେ ଏବେ ଦେଉଳି ଗ୍ରାମରେ ଭଡ଼ା ଘରେ ରହି ମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ବର୍ତ୍ତମାନ ପରିବାର କହିଲେ ୩ଜଣ । ସ୍ୱାମୀ ସୋମନାଥ, ଝିଅ ଶୁଭଲକ୍ଷ୍ମୀ ଓ ସେ ନିଜେ । ବରାଦ ଅନୁଯାୟୀ ଅଧିକ ମୂର୍ତ୍ତି ଗଢୁଥିବା କହିଛନ୍ତି ପଦ୍ମିନୀ ।

ସେ ଖୁଦୁରୁକୁଣୀ(ଭାଲୁକୁଣୀ), ଗଣେଶ, ଦୁର୍ଗା, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ସରସ୍ୱତୀ, ଲକ୍ଷ୍ମୀ ଓ କାଳୀ ମୂର୍ତ୍ତି ଗଢନ୍ତି । ଏବେ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବଢ଼ି ଯାଇଥିବାରୁ ମୂର୍ତ୍ତି ଅନୁଯାୟୀ ପାରିଶ୍ରମିକ ଠିକ ଭାବରେ ମିଳୁନାହିଁ ବୋଲି ପଦ୍ମିନୀ କହିଛନ୍ତି । ଏହି ସବୁ ମୂର୍ତ୍ତି ଗଢ଼ିବା ପାଇଁ ମାଟି, ବାଉଁଶ ବତା, ସୁତୁଲି, କଣ୍ଟା, କାଠ ପଟା, ଝୋଟ ଓ ରଙ୍ଗ ଆଦି ସାମଗ୍ରୀ କିଣିବାକୁ ପଡୁଛି । ଧର୍ମଶାଳା ଓ ଜାରକା ସମେତ ଯାଜପୁର, କେନ୍ଦୁଝର, ଆନନ୍ଦପୁର, ଭଣ୍ଡାରୀପୋଖରୀ, ପାଣିକୋଇଲି, ଯାଜପୁର ରୋଡ୍ ଓ ଚଣ୍ଡିଖୋଲ ଆଦି ଅଞ୍ଚଳରେ ପଦ୍ମିନୀଙ୍କ ମୂର୍ତ୍ତିଗୁଡ଼ିକ ବିକ୍ରି କରାଯାଏ । ଏଠାକୁ ଦୂରଦୂରାନ୍ତରୁ ଲୋକେ ଆସି ବିଭିନ୍ନ କିସମର ମୂର୍ତ୍ତି କିଣି ନେଇଥାନ୍ତି । ଅନେକ ସମୟରେ ନିଜ ପାଖରେ ଟଙ୍କା ନ ଥିଲେ ସୁଧରେ ଆଣି ପଦ୍ମିନୀ ମୂର୍ତ୍ତି ଗଢ଼ନ୍ତି । ଯଦି ଅନୁକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି ହେଇଯାଏ । ପ୍ରତିକୂଳ ପାଗ ହେଲେ ମୂର୍ତ୍ତି ବିକ୍ରି କରିବାରେ ବାଧା ଉପୁଜେ ବୋଲି ସେ କହିଛନ୍ତି । ସରକାର ସହାୟତା ଯୋଗାଇ ଦେଲେ ସେ ଆଗକୁ ବଢ଼ିପାରନ୍ତେ ବୋଲି ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଅନେକ ମୂର୍ତ୍ତି କାରିଗର ଅଛନ୍ତି । ସେମାନଙ୍କ ଆର୍ଥିକ ସମ୍ବଳ ନ ଥିବାରୁ ବାଧ୍ୟ ହୋଇ ସେମାନେ ଦାଦନ ଖଟୁଛନ୍ତି । ଯଦି ସରକାର ମାଟି ମୂର୍ତ୍ତି କାରିଗରଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ ସେମାନେ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ମାଟି ମୂର୍ତ୍ତି କାରିଗର ସଂଘ ପକ୍ଷରୁ ଆଶାପୋଷଣ କରାଯାଇଛି । ଏଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ଦାବି ହୋଇଛି ।

## ମହିଳାଙ୍କ ମୃତଦେହ ସଂସ୍କାରକୁ ନେଇ ବାପଘର-ଶାଶୁଘର ମୁହାଁମୁହିଁ

**ଆଳି,୭।୬(ବନମାଳୀ ସେନାପତି)**

ମହିଳାଙ୍କ ମୃତ୍ୟୁ ପରେ ମୃତଦେହ ସଂସ୍କାରକୁ କେନ୍ଦ୍ରକରି ଶାଶୁଘର ଓ ବାପଘର ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି । ବାପଘର ଲୋକ ମହିଳାଙ୍କ ମୃତଦେହ ସଂସ୍କାର କରିଥିବାବେଳେ ଶାଶୁଘର ଲୋକ ମୃତଦେହ କାହିଁକି ବାପଘର ଲୋକ ସଂସ୍କାର କଲେ ବୋଲି ଆଳି ଥାନାରେ ପାଳିତ କନ୍ୟା ଅଭିଯୋଗ କରିଥିବା ଜଣାପଡିଛି । ସୂଚନା ମୁତାବକ, ଆଳି ଥାନା ଗିରିବନ୍ଧ ଗ୍ରାମର ବାସନ୍ତୀ ଶୁକ୍ଳା (୬୫) ଜଗତ୍‌ସିଂହପୁର ଜିଲାର ଜଇପୁର ଗ୍ରାମରେ ବିବାହ କରିଥିଲେ । ତାଙ୍କ ସ୍ୱାମୀଙ୍କ ପରଲୋକ ହୋଇଥିବାବେଳେ ତାଙ୍କର କୌଣସି ସନ୍ତାନ ନାହାନ୍ତି । କିଛିଦିନ ହେବ ସେ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ । ଅଳ୍ପଦିନ ହେବ ସେ ବାପଘର ଗାଁ ଗିରିବନ୍ଧରେ ରହୁଥିଲେ । ଶୁକ୍ରବାର ରାତିରେ ତାଙ୍କର ପରଲୋକ ଘଟିଥିଲା । ଏ ବିଷୟରେ ମୃତା ମହିଳାଙ୍କ ବାପଘର ପକ୍ଷରୁ ଶାଶୁଘରକୁ ଖବର ଦିଆଯିବା ସହ ତାଙ୍କ ପାଳିତ କନ୍ୟାଙ୍କୁ ଜଣାଇଥିଲେ । ଶାଶୁଘର ଲୋକ ପହଞ୍ଚିବାରେ ବିଳମ୍ବ ହେବାରୁ ବାପଘର ଲୋକ ମୃତଦେହ ସଂସ୍କାର କରିବା ନିମନ୍ତେ ପ୍ରସ୍ତୁତ ହେଉଥିବା ବେଳେ ପାଳିତା କନ୍ୟାଙ୍କ ସମ୍ପର୍କୀୟ ଗିରିବନ୍ଧ ଗାଁରେ ପହଞ୍ଚି ଥିଲେ । କିନ୍ତୁ ବାପଘର ଲୋକ ମହିଳାଙ୍କ ମୃତଦେହ ସଂସ୍କାର ନିଜ ଗ୍ରାମରେ କରି ଦେଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ । ପୋଲିସ ଅନୁସନ୍ଧାନ ଜାରି ରହିଛି ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମିତୁ


@ ସିପୁନ


@ ଉମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ଏସ୍‌ଏଚ୍‌ଜି ମହିଳାଙ୍କୁ ଟଙ୍କା ଲୋଭ ଦେଖାଇ ଅର୍ଦ୍ଧନଗ୍ନ ଭିଡିଓ ଉତ୍ତୋଳନ

**ରାଜକନିକା, ୭।୬(ସଞ୍ଜୟ କୁମାର ଦାଶ)**

**ରାଜକନିକାରେ ଲଜ୍ଜା**

ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନଙ୍କୁ ଟ୍ରେନିଂ ଦେବା ନାଁରେ ସେମାନଙ୍କ ଛାତି, ପେଟ, ଜଙ୍ଘ ଆଦିର ଅର୍ଦ୍ଧନଗ୍ନ ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଇଛି । ଦେହର ସମ୍ବେଦନଶୀଳ ସ୍ଥାନରେ ଯେତୋଟି ରେଖା ଓ ଚିହ୍ନ ଥିବ, ସେହି ଅନୁଯାୟୀ ଚିହ୍ନ ପିଛା ୧ ହଜାର ଟଙ୍କା ମିଳିବ ବୋଲି ଉକ୍ତ ମହିଳାମାନଙ୍କୁ ଲୋଭ ଦେଖାଯାଇଥିଲା । ଟ୍ରେନିଂ ଦେଉଥିବା ବ୍ୟକ୍ତି ଜଣକ ଭିସି ମାଧ୍ୟମରେ ଏହି କାରନାମା କରିଛନ୍ତି । ଏଭଳି ଲଜ୍ଜାଜନକ ଘଟଣା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳ ଏକ ଗାଁରୁ ଅଭିଯୋଗ ଆସିଛି । ଏ ନେଇ ଏକ ଏସ୍‌ଏଚ୍‌ଜିର ମହିଳାମାନଙ୍କ ସମେତ ସଭାନେତ୍ରୀ ରାଜକନିକା ଥାନାରେ ଗତ ୪ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିବା ସହ ମାଷ୍ଟର ବୁକ୍ କିପର (ଏମ୍‌ବିକେ)ଙ୍କୁ ଥାନାକୁ ଡାକି ପଚରାଉଚରା ପରେ ଛାଡ଼ି ଦେଇଛି ।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଅଭିଯୁକ୍ତ ଏମ୍‌ବିକେ କହିଥିଲେ, ଟ୍ରେନିଂ ପାଇଁ କେନ୍ଦ୍ରାପଡ଼ାରୁ ଦେବୀ କଲ୍ୟାଣ ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କ ମୋବାଇଲ୍ ନମ୍ବରରୁ ଭିଡିଓ କଲ୍ ଆସିବ । ମହିଳାମାନେ ଟ୍ରେନିଂ ପାଇଁ ସମ୍ପୃକ୍ତ ଏମ୍‌ବିକେଙ୍କ କଥାରେ ରାଜି ହୋଇଥିଲେ । ହେଲେ ଏମ୍‌ବିକେ ଓ ଭିଡିଓ କଲ୍ କରିଥିବା ବ୍ୟକ୍ତି ମିଶ୍ରଙ୍କ ପ୍ରକୃତ ଉଦ୍ଦେଶ୍ୟ ମହିଳାମାନଙ୍କୁ ଜଣା ନ ଥିଲା । ଏସ୍‌ଏଚ୍‌ଜି ସଭାନେତ୍ରୀଙ୍କୁ ମେ ୩୦ ତାରିଖ ମଧ୍ୟାହ୍ନ ୧୨ଟାରେ ଏମ୍‌ବିକେ ଦେଇଥିବା ମିଶ୍ରଙ୍କ ମୋବାଇଲ୍ ନମ୍ବରରୁ ଫୋନ୍ କଲ୍ ଆସିଥିଲା । ଟ୍ରେନିଂ ପାଇଁ ସମ୍ପାଦିକା ଓ ସଭ୍ୟାମାନଙ୍କୁ ଏକାଠି କରିବାକୁ ତାଙ୍କୁ ମିଶ୍ର କହିଥିଲେ । ଏପରିକି ଟ୍ରେନିଂ ସମୟରେ ଆପଣଙ୍କ ପିଲାମାନଙ୍କୁ ପାଖରେ ରଖିବେ ନାହିଁ ବୋଲି ସେ କହିଥିଲେ । ଜିଲାପାଳ, ଜିଲା ପରିଷଦ ସଦସ୍ୟ ଓ ସରପଞ୍ଚ ସମସ୍ତଙ୍କ ଗୋଚରରେ ଆମେ ଟ୍ରେନିଂ ଦେଉଛୁ ବୋଲି କହି ପେଟ ଗାର, ଛାତି, ଜଙ୍ଘରେ ଥିବା ଚିହ୍ନ ଦେଖାଇଲେ ସରକାରଙ୍କ ପକ୍ଷରୁ ପ୍ରତିଚିହ୍ନ ଓ ଗାର ପିଛା ଏକ ହଜାର ଟଙ୍କା ମିଳିବ ବୋଲି ଟ୍ରେନିଂ ଦେଉଥିବା ମିଶ୍ର କହିଥିଲେ । ଫଳରେ ମହିଳା ସଭ୍ୟାମାନେ ୩୦ ତାରିଖ ଅପରାହ୍ନ ୪ଟାରେ ଏକଜୁଟ ହୋଇ ଏ ସମ୍ପର୍କରେ ଏମ୍‌ବିକେଙ୍କୁ ପଚାରିଥିଲେ । ହେଲେ ସାର୍ ଯେମିତି ଟ୍ରେନିଂ ପାଇଁ କହୁଛନ୍ତି, ସେମିତି ଦେଖାଅ ବୋଲି ଏମ୍‌ବିକେ ସେମାନଙ୍କୁ କହିଥିଲେ । ଏହାପରେ ଏମ୍‌ବିକେ ଓ ଫୋନ ଯୋଗେ କଥା ହେଉଥିବା ତାଙ୍କ ସହଯୋଗୀ ମିଶ୍ର ସଭ୍ୟାମାନଙ୍କୁ ଅର୍ଦ୍ଧନଗ୍ନ ପାଇଁ ପ୍ରବର୍ତ୍ତାଇ ଭିସି ମାଧ୍ୟମରେ ଭିଡିଓ ଏବଂ ଫଟୋ ଉତ୍ତୋଳନ କରିଥିଲେ । ଏଥିରେ ଲଜ୍ଜା ଅନୁଭବ କରି ସେମାନେ ଶେଷରେ ଥାନାରେ ଦ୍ୱାରସ୍ଥ ହୋଇଥିବା ଉକ୍ତ ଏସ୍‌ଏଚ୍‌ଜିର ସଭାନେତ୍ରୀ ଏତଲାରେ ଦର୍ଶାଇଛନ୍ତି । ସେମାନଙ୍କ କଥାରେ ନ ଗଲେ ଫଟୋ ଓ ଭିଡିଓ ଭାଇରାଲ୍ କରି ଦେବେ ବୋଲି ଧମକ ଦେଉଥିବା ମଧ୍ୟ ଏତଲାରେ ଦର୍ଶାଇଛନ୍ତି । ଏତଲା ଆଧାରରେ ପୋଲିସ ଥାନାରେ ବିଏନ୍‌ଏସ୍‌ର ଦଫା ୨୯୬, ୭୫, ୭୬, ୭୭, ୭୮, ୭୯, ୩୫୧(୪), ୩(୫) ଅନୁଯାୟୀ ୩୩୪/୨୫ ନମ୍ବରରେ ମାମଲା ରୁଜୁ ହୋଇଛି । ଏ ସମ୍ପର୍କରେ ଆଇଆଇସି ସଞ୍ଜୟ କୁମାର ମଲ୍ଲିକଙ୍କୁ ପଚାରିବାରେ ସମ୍ପୃକ୍ତ ଏମ୍‌ବିକେଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା । ଯେଉଁ ବ୍ୟକ୍ତି ଭିଡିଓ କଲ୍ କରିଥିଲେ ତାଙ୍କୁ ଏମ୍‌ବିକେଙ୍କ ମୋବାଇଲ୍‌ରୁ ଫୋନ କରାଯାଇ ଅଧିକ ତଦନ୍ତ ଚାଲିଛି । ରାତ୍ରି ଅଧିକ ହୋଇଯିବା ଏବଂ ଏମ୍‌ବିକେ ମହିଳା ହୋଇଥିବା ଦୃଷ୍ଟିରୁ ଛାଡ଼ି ଦିଆଯାଇ ତଦନ୍ତ ଚାଲିଥିବା ଆଇଆଇସି କହିଛନ୍ତି ।

# ‘ମାଟିର ମା’କୁ ଭଲପାଇଲେ ସଂକୀର୍ଣ୍ଣତା ଦୂର ହୁଏ’

**ରଜ ମହୋତ୍ସବର ସପ୍ତମ ସନ୍ଧ୍ୟା**

**ଏରସମା,୭।୬(ଦୀପ୍ତି ଖଣ୍ଡୁଆଳ)-**


ରଜ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।

ଏରସମା ବ୍ଲକ ଅନ୍ତର୍ଗତ ଦେବୀଦୋଳ ପଡ଼ିଆଠାରେ ଚାଲିଥିବା ରଜ ମହୋତ୍ସବର ସପ୍ତମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏରସମା ଶହେଘର କମିଟି ସଭାପତି ଅମୂଲ୍ୟ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି, ଏହା ହେଉଛି କୃଷିଭିତ୍ତିକ ପର୍ବ । ମାଟି ମା’ ପ୍ରତି ଆମର ଯେତେବେଳେ ଭଲପାଇବା ସୃଷ୍ଟି ହେବ, ସେତେବେଳେ ଆମେ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠିପାରିବା । ମହୋତ୍ସବ ହିଁ ଏପରି ମାନସିକତା ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ଜେନା କହିଛନ୍ତି । ବିଜେଡି ବ୍ଲକ ସଭାପତି ପୀତବାସ ଗୋଚ୍ଛାୟତ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, ପୋଡ଼ପିଠା ଏହି ଉତ୍ସବର ନିଦର୍ଶନ । ଧରିତ୍ରୀର ଆକାଶ ସହ ମିଳନ ଘଟିଲେ ସେ ରଜସ୍ୱଳା ହୋଇଥାଏ । ଏହି ସମୟରେ ଗ୍ରାମାଞ୍ଚଳର ଲୋକେ ଆନନ୍ଦରେ ଦୋଳି ଖେଳି ଏହି ପର୍ବ ପାଳନ କରନ୍ତି । ଏହି ଗଣପର୍ବ ହେଉଛି ରଜ ମହୋତ୍ସବ ବୋଲି ଗୋଚ୍ଛାୟତ କହିଥିଲେ । ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଆ ଘରେ ବାର ମାସରେ ତେରପର୍ବ ପାଳନ ହୁଏ । ଏପରି ସାଂସ୍କୃତିକ କାର୍ଯ୍ୟକ୍ରମ ମନରୁ ଦୁଃଖ ଦୂର କରି ହରଷ ଭାବ ଭରିଦିଏ ବୋଲି ମହାପାତ୍ର କହିଥିଲେ । କମିଟି ସଭାପତି ସମୀର ରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିରାକାର ସ୍ୱାଇଁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏଥିରେ ଅମ୍ରିତା ପ୍ରିୟଦର୍ଶିନୀ ସେଠୀ, ସମ୍ପୂର୍ଣ୍ଣା ସାହୁ, ଅର୍ପିତା ପ୍ରିୟଦର୍ଶିନୀ ସେଠୀ, ଉତ୍ତରା ମଲ୍ଲିକ, ଜୟଶ୍ରୀ ଖଟୁଆ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଡା. କୁମାରୀ ଗୀତାଞ୍ଜଳିଙ୍କୁ ଏରସମା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ବିଚାରକ ଭାବେ ଯୋଗଦେଇଥିଲେ ।

# ଶୀତଳଭଣ୍ଡାରରେ କୋମଣ୍ଡ ମାଙ୍କଡ଼ା ଖଣି ଦୁର୍ନୀତି ତଦନ୍ତ

- ୨ ଭାଜପା ନେତାଙ୍କ ବିରୋଧରେ ହେଲାନି କାର୍ଯ୍ୟାନୁଷ୍ଠାନ
- ଜିଲାପାଳଙ୍କୁ ଅଭିଯୋଗ କରି ଛାତ୍ର କଂଗ୍ରେସ ଚୁପ୍
- ଭାଇରାଲ ଅଡିଓ ଗୁମର ଖୋଲିବା ପରେ ବି ନୀରବତା
- ୧୫୦ କୋଟିର ଖଣି ଦୁର୍ନୀତିକୁ ଚାପି ଦେବାକୁ ଉଦ୍ୟମ

ନୟାଗଡ଼,୭।୬ (ଲୋକନାଥ ମିଶ୍ର)



କୋମଣ୍ଡ ମାଙ୍କଡ଼ା ପଥର ଖଣି।

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ କୋମଣ୍ଡ ଓ ରୋହିବାଙ୍କ ପଞ୍ଚାୟତରେ ୧୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ ମାଙ୍କଡା ପଥରଖଣି ଦୁର୍ନୀତିକୁ ଚାପି ଦିଆଗଲା ବୋଲି ଅଭିଯୋଗ ହୋଇଛି । ଭାଇରାଲ ଅଡିଓ ଏହି ଦୁର୍ନୀତିର ଗୁମର ଖୋଲିଥିଲା । ଛାତ୍ର କଂଗ୍ରେସ ପକ୍ଷରୁ ବି ଏହାର ତଦନ୍ତ ପାଇଁ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା । ତଦନ୍ତ ନ ହେଲେ ଛାତ୍ର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଧମକି ବି ଦେଇଥିଲା । ତେବେ ଛାତ୍ର କଂଗ୍ରେସର ସ୍ୱର ନରମି ଯାଇଛି । ସେହିପରି ଖଣି ଦୁର୍ନୀତି ନେଇ ୨ ଭାଜପା ନେତାଙ୍କ କଥୋପକଥନର ଭାଇରାଲ ଅଡିଓ ପରେ ବି ସେହି ଦଳ ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ପୁଣି କେଉଁ ଗଣମାଧ୍ୟମ ପ୍ରତିନିଧି ମାସକୁ ଚାନ୍ଦା ନେଉଥିଲେ, ଭାଇରାଲ ଅଡିଓର ସତ୍ୟାସତ୍ୟ କେତେ ତାର ତଦନ୍ତ ପାଇଁ ଜିଲାପାଳଙ୍କ ନିକଟରେ ବି ଅଭିଯୋଗ ହୋଇଥିଲା । ଅଡିଓ ଭାଇରାଲ ଘଟଣାରେ ଏଯାବତ ଥାନାରେ କେହି ଅଭିଯୋଗ କରି ନାହାନ୍ତି । ବରଂ ଭାଇରାଲ ଅଡିଓ ପରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଘଟିଥିଲା । ମୋଟାମୋଟି ଭାବେ ଖଣି ଦୁର୍ନୀତି ଶୀତଳଭଣ୍ଡାରକୁ ଚାଲିଗଲା ବୋଲି ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳର କେତେଜଣଙ୍କ ଜମିରୁ ବହୁ ବର୍ଷ ଧରି ବେଆଇନ ଭାବେ ମାଙ୍କଡା ପଥର ଖନନ କରାଯାଉଥିଲା । ହେଲେ ପଥର ଖନନ ପାଇଁ ଅନୁମତି ନ ଥିଲା । ତଥାପି ସେମାନଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଉଥିଲା । ପ୍ରାୟ ୨୦ ବର୍ଷ ହେବ ଉପରୋକ୍ତ ୨ ପଞ୍ଚାୟତ ଅଞ୍ଚଳରେ ବେଆଇନ ଖଣି ଖନନ ଚାଲୁଥିଲା । ୨୦୨୩ ମାର୍ଚ୍ଚରୁ ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ଖଣି ଦୁର୍ନୀତି କାୟାବିସ୍ତାର କରିଥିଲା। ୨୦୨୪ରେ କୋମଣ୍ଡ ଆରଆଇଙ୍କ ନିଲମ୍ବନ ଓ ଓଡ଼ଗାଁ ତହସିଲଦାରଙ୍କ ବଦଳି ପରେ ବି କିଛି ଫରକ ପଡିଥିଲା । ପ୍ରତି ମାସରେ ୧୨ରୁ ୧୩ କୋଟି ଟଙ୍କା ଖଣି ମାଲିକମାନେ ରୋଜଗାର କରୁଥିବା ଚର୍ଚ୍ଚା ହେଉଥିଲା । ତେବେ ବେଆଇନ ଖଣି ଖନନ ଓ ସୁରକ୍ଷା ପାଇଁ ମାସକୁ ୬ ଲକ୍ଷ ୫୦ରୁ ୬୦ ହଜାର ଲାଞ୍ଚ ଦିଆଯାଉଥିଲା ବୋଲି ୨୦୨୫ ମେ ମାସରେ ଭାଇରାଲ ଅଡିଓରୁ ଜଣାପଡିବା ପରେ ହଟଚମଟ ସୃଷ୍ଟି ହୋଇଥିଲା । ଭାଇରାଲ ଅଡିଓରେ ଉପଜିଲାପାଳଙ୍କୁ ୧ଲକ୍ଷ, ଓଡ଼ଗାଁ ଥାନାକୁ ୧ଲକ୍ଷ, ଶରଣକୁଳ ଥାନାକୁ ୪୦ ହଜାର, ଓଡ଼ଗାଁ ଖବରଦାତାଙ୍କୁ ୫୦ ହଜାର, ନୟାଗଡ ଖବରଦାତାଙ୍କୁ ୩୦ ହଜାର ଦିଆଯାଉଥିଲା ବୋଲି କୁହାଯାଇଥିଲା। ପୁଣି ଓଡଗାଁ ତହସିଲଦାରଙ୍କୁ ୫୦ ହଜାର ଟଙ୍କା ଦେବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଦିଆଯାଇ ନ ଥିଲା । ଖଣି ବିଭାଗରେ ଲାଞ୍ଚ ଟଙ୍କା ପହଞ୍ଚି ପାରି ନ ଥିବା ଶୁଣିବାକୁ ମିଳିଥିଲା । ସିନି ଓ ପଣ୍ଡା ଉଭୟ ଖଣି ଖନନର ମୁଖ୍ୟ ବୋଲି ବାର୍ତ୍ତାଳପରୁ ଜଣାପଡିଥିଲା । ଦୁଇ ଭାଜପା ନେତାଙ୍କ କଥୋପକଥନ ସେମାନଙ୍କ ପରିଚୟ ଜଣାପଡି ଯାଇଥିଲା । ଭାଇରାଲ ଅଡିଓ ଚର୍ଚ୍ଚାକୁ ଆସିବା ପରେ ସମସ୍ତେ ନିଜକୁ ଦୁର୍ନୀତିମୁକ୍ତ ଦେଖାଇ ବେଆଇନ ଖଣିଖନନ ଠିକ ନୁହେଁ କହି ନିନ୍ଦା କରିଥିଲେ । ନିଜ ଦେହରୁ ଦୋଷ ଖସାଇ ସବୁ ଦୋଷ ପ୍ରଶାସନକୁ ଦେଇ ଝାଡିଝୁଡି ହୋଇ ନିର୍ମଳ ଭାବମୂର୍ତ୍ତି ଦେଖାଇ ହୋଇଥିଲେ । ହେଲେ ଭାଇରାଲ ଅଡିଓ ପ୍ରସଙ୍ଗ ପୁରୁଣା ହେବା ପରେ ସଂପୃକ୍ତ ପ୍ରସଙ୍ଗ ନେଇ କେହି ମୁହଁ ଖୋଲୁ ନ ଥିଲେ । କିନ୍ତୁ ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋରେ ଗତ ଶୁକ୍ରବାର ଭାଜପାର ଜିଲାସ୍ତରୀୟ କର୍ମଶାଳା ପରେ ଖଣି ଦୁର୍ନୀତି ପ୍ରସଙ୍ଗ ଉଠିଥିଲା ବୋଲି ଚର୍ଚ୍ଚା ହେଉଛି। ଏହା ସରଗରମ ହେଉଥିବାବେଳେ ହଠାତ୍ ପ୍ରସଙ୍ଗ ର ମୋଡ ବଦଳି ଆଉ ଆଗକୁ ଆଗେଇ ନ ଥିଲା । ଯଦିଓ କଣ୍ଟିଲୋର ଘଟଣା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି ତେବେ କୋମଣ୍ଡ ଖଣି ଦୁର୍ନୀତିକୁ ମିଳିମିଶି ଚାପି ଦେବାକୁ ଉଦ୍ୟମ ଚାଲିଥିବା ସ୍ପଷ୍ଟ ହୋଇଛି । କିଛିକାଂଶରେ ଏହା ସଫଳ ହୋଇଥିବାବେଳେ ଏହାର ତଦନ୍ତ କରା ନ ଗଲେ ଏହା ସବୁଦିନ ପାଇଁ ଶୀତଳଭଣ୍ଡାରକୁ ଚାଲିଯିବ ବୋଲି କୁହାଯାଇଛି । ଅନ୍ୟପଟେ କୋମଣ୍ଡ ଓ ରୋହିବାଙ୍କ ଖଣି ଦୁର୍ନୀତିରେ ମାସକୁ ଯଦି ୧୨ରୁ ୧୩ କୋଟି ରୋଜଗାର ହେଉଥିଲା ତେବେ ୨୦୨୪ ମାର୍ଚ୍ଚରୁ ୨୦୨୫ ଏପ୍ରିଲ ଶେଷ ପର୍ଯ୍ୟନ୍ତ ପ୍ରାୟ ୧୩ ମାସର ହିସାବକୁ ଦେଖିଲେ ପ୍ରାୟ ୧୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥିବା ଅନୁମାନ କରାଯାଉଛି। ତେବେ ସରକାର ୧୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଖଣି ଦୁର୍ନୀତି ନେଇ ତଦନ୍ତ ଆଦେଶ ନ ଦେବା ସରକାର ଜାଣି ଶୁଣି ରାଜସ୍ୱ ହରାଉଥିବା ଚର୍ଚ୍ଚା ହେଉଛି । ଏଣୁ କୋମଣ୍ଡ ଓ ରୋହିବାଙ୍କ ବେଆଇନ ଖଣି ଦୁର୍ନୀତିର ଏସ୍‌ଟିଏଫ୍ ତଦନ୍ତ କରାଯିବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଦଶପଲ୍ଲାରୁ ଘୁଘୁଡ଼ିପଡ଼ା ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ ଦାବି

ଦଶପଲ୍ଲା,୭।୬ (ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଘୁଘୁଡିପଡ଼ା ପଞ୍ଚାୟତର ଗ୍ରାମବାସୀ ବିଦ୍ୟୁତ୍ ସମସ୍ୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ ଶନିବାର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଏସ୍‌ଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପଞ୍ଚାୟତର ଗ୍ରାମଗୁଡିକକୁ ଟାକରା ସର୍କଲଠାରୁ ବିଦ୍ୟୁତ୍ ଯୋଗାଣ ହେଉଛି । ଏଥିପାଇଁ ଅଞ୍ଚଳବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲ ମଧ୍ୟ ଦେଇ ଉକ୍ତ ଲାଇନ ଆସିଥିବାରୁ ବିଭିନ୍ନ ସମୟରେ ବର୍ଷା ପବନ ହେଲେ ବହୁ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିବା ଅଭିଯୋଗ ହୋଇଛି। ତେଣୁ ଦଶପଲ୍ଲାଠାରୁ ସିଧାସଳଖ ବିଦ୍ୟୁତ୍ ଯୋଗାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଉକ୍ତ ସମସ୍ୟାର ସମାଧାନ ପାଇଁ ସେମାନେ ଏସ୍‌ଡିଓଙ୍କୁ ଜଣାଇଛନ୍ତି । ତୁରନ୍ତ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି । ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତ ସରପଞ୍ଚ ରମେଶ କୁମାର ସାହୁଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ।



ଶୁକ୍ରବାର ରୁକ୍ମିଣୀ ବିବାହ ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ପରିସରରେ ଡାର୍କ ନାଇଟ ବ୍ୟାଣ୍ଡ ଟିମ୍ ପକ୍ଷରୁ ଆୟୋଜିତ ଭଜନ ସନ୍ଧ୍ୟାରେ ଜଣେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି।

## ଦଶପଲ୍ଲାର ପରାକ୍ରମ ଶୋଭାଯାତ୍ରା

ଦଶପଲ୍ଲା, ୭।୬ (ପ୍ରକାଶ କୁମାର ପାଣି)

ଭାରତୀୟ ସେନାବାହିନୀ ଦ୍ୱାରା ଅପରେଶନ ସିନ୍ଦୂର ସଫଳ ହୋଇଛି । ଏହି ସଫଳତାକୁ ପାଳନ ସହିତ ସେନାଙ୍କ ମନୋବଳ ବୃଦ୍ଧି ପାଇଁ ସାରାଦେଶରେ ଭାଜପା ପକ୍ଷରୁ 'ପରାକ୍ରମ ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦଶପଲ୍ଲା ଭାଜପା ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଯୁବଶକ୍ତିକୁ ଭାରତ ମାତାର ସୁରକ୍ଷା ଓ ସକ୍ରିୟ ଭାଗୀଦାର ହେବାକୁ ଉତ୍ସାହିତ କରିବା ପାଇଁ ଅପରେଶନ ସିନ୍ଦୂର ବ୍ୟାପକ ରୂପରେ ଭାରତର ରାଷ୍ଟ୍ରୀୟ ସୁରକ୍ଷା ଯାଞ୍ଚ ଓ ଆତ୍ମନିର୍ଭର ସେନା ଶକ୍ତିର ପ୍ରତୀକ ଭାବେ ଦେଖାଯାଉଛି । ଏହି ସଫଳତା କେବଳ ଏକ ଦଳର ନୁହେଁ, ବରଂ ସମସ୍ତ ଭାରତୀୟଙ୍କ ଗର୍ବ ଓ ସ୍ୱାଭିମାନର ବିଷୟ ବୋଲି ଉପସ୍ଥିତ ଭାଜପା କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏହି ଅବସରରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କ ଦଶପଲ୍ଲା ଭାଜପା କାର୍ଯ୍ୟାଳୟ ଉଦଘାଟନ ହୋଇଥିଲା। ଏମ୍‌ପିଙ୍କ ଦଶପଲ୍ଲା ଏନଏସି ପ୍ରତିନିଧି ଅଞ୍ଜନ କୁମାର ଦାସ ଏହାକୁ ଉଦଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଦଶପଲ୍ଲା ବ୍ଲକ ପ୍ରତିନିଧ କିଶୋର ଚନ୍ଦ୍ର ଦଳ ବେହେରା, ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ,ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଏନ୍‌ଏସି ମଣ୍ଡଳ ସଭାପତି ମନୋଜ ସାହୁ, ଭାଜପା ନେତା ରାଘବ ମଲିକ, ରାଜ୍ୟ ଭାଜପା ସୋସିଆଲ ମିଡ଼ିଆ କମିଟିର ସଭ୍ୟା ମଧୁସ୍ମିତା ବଳିୟାର ସିଂ ଏବଂ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

## ବୈଜ୍ଞାନିକଙ୍କୁ ପ୍ରଶ୍ନ ପଚାରି ତଥ୍ୟ ପାଇଲେ କୃଷକ

ଓଡ଼ଗାଁ,୭।୬ (ଆଦର୍ଶ କୁମାର ପଟ୍ଟନାୟକ)

**ବିକଶିତ କୃଷି ସଂକଳ୍ପ ଅଭିଯାନ**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକରେ ଗତ ମେ'୨୯ରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି । ଶୁକ୍ରବାର ଓଡ଼ଗାଁ ବ୍ଲକର ଶିଖରପୁର ଏବଂ ବଡଗୋରଡା ପଞ୍ଚାୟତରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଗ୍ରାମପଞ୍ଚାୟତରେ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ । ଖରିବ ଫସଲ ସମ୍ବନ୍ଧରେ ଚାଷୀମାନଙ୍କୁ ଅବଗତ କରାଇବା ସହିତ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାର, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅନୁସାରେ ଫସଲ ଚୟନ, ସନ୍ତୁଳିତ ସାରର ବ୍ୟବହାର , ଆଧୁନିକ କୃଷି ଯନ୍ତ୍ରପାତି ଓ ଆଇସିଟି ମାଧ୍ୟମରେ ସ୍ମାର୍ଟ କୃଷିର ପ୍ରସାର, କୃଷି କ୍ଷେତ୍ରରେ ଡ୍ରୋନର ବ୍ୟବହାର, ଫସଲ ବିବିଧି କରଣ ଓ କୃଷି ଯାନ୍ତ୍ରିକକରଣ, ଚାଷୀ ଏବଂ କୃଷି ବୈଜ୍ଞାନିକମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ, ସର୍ବୋପରି ଚାଷୀର ନିଜସ୍ୱ ଉଦ୍‌ଭାବନର ପ୍ରଚାର ପ୍ରସାର ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା । ନୟାଗଡ଼ ଜିଲା ଉଦ୍ୟାନ କୃଷି ଅଧିକାରୀ ଲଳିତ କୁମାର ପଣ୍ଡା, ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନ ପ୍ରଧାନ ବୈଜ୍ଞାନିକ ଡ. ଧ୍ରୁବଚରଣ ସାହୁ, କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳ ଅନୁସନ୍ଧାନ ସଂସ୍ଥାର ପ୍ରଧାନ ବୈଜ୍ଞାନିକ ଡ. ରାଜେଶ କୁମାର, ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ମଧୁସ୍ମିତା ଜେନା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଜିତ୍ କୁମାର ନାଏକ ପ୍ରମୁଖ ବୈଜ୍ଞାନିକ ମାନେ ଆଲୋଚନା ମାଧ୍ୟମରେ ଚାଷୀମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସହିତ ବିଭିନ୍ନ କ୍ଷେତ୍ରରେ ଚାଷୀଙ୍କ ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ । ଶିଖରପୁର ପଞ୍ଚାୟତ ସମିତି ସଭ୍ୟ ଭାଗବତ ସେଠୀ, ବଡଗୋରଡା ସମିତି ସଭ୍ୟ ଯୋଗୀ ପ୍ରଧାନ, ପୂର୍ବତନ ସରପଞ୍ଚ ଗୋବିନ୍ଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବ୍ଲକ କୃଷି ଅଧିକାରୀ ପ୍ରତିଭା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମ୍ୟ କୃଷି ଅଧିକାରୀ ଦୀପକ କୁମାର ପ୍ରଧାନ, ନିରଞ୍ଜନ ବେହେରା, ଦେବାଶିଷ ସାହାଣୀ, ସହକାରୀ ଯାନ୍ତ୍ରିକ ପରିଚାଳକ ବୃନ୍ଦାବନ ସାହୁ, ଅମିୟ କାନୁନଗୋଙ୍କ ସହିତ କୃଷକ ସାଥିମାନେ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମିଟୁ



@ ସିପୁନ



@ ଉମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଘରୋଇକରଣ ସତ୍ତ୍ୱେ ବିଗୁଡ଼ିଛି ଖଣ୍ଡପଡ଼ା ସହରର ପରିମଳ ବ୍ୟବସ୍ଥା

ଖଣ୍ଡପଡ଼ା,୭।୬(ଅଜୟ କୁମାର ମହାରଣା)



ରାସ୍ତା ପାର୍ଶ୍ୱରେ ଅଳିଆ ଆବର୍ଜନା ଗଦା ହୋଇଛି।

୧୩ ୱାର୍ଡକୁ ନେଇ ଗଠିତ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ପରିମଳ ବ୍ୟବସ୍ଥା ବେଳକୁ ବେଳ ବିଗିଡିବାରେ ଲାଗିଛି । ସହରର ମୁଖ୍ୟରାସ୍ତା ପାର୍ଶ୍ୱଠାରୁ ଆରମ୍ଭ କରି ଗଳିକନ୍ଦି ରାସ୍ତାରେ କୁଢ କୁଢ ଅଳିଆ, ଆବର୍ଜନା, ପଲିଥିନ ବହୁଦିନ ଧରି ପଡି ରହୁଛି । ଦୈନିକ ଅଳିଆ, ଆବର୍ଜନା ଗଳିକନ୍ଦିରୁ ଉଠୁ ନ ଥିବା ଯୋଗୁ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏ ସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଖଣ୍ଡପଡା ସହରକୁ ସ୍ୱଚ୍ଛ, ସୁନ୍ଦର ଓ ପଲିଥିନ ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏନଏସି କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କାର ଅନୁଦାନ ପ୍ରଦାନ କରୁଛନ୍ତି । ମାତ୍ର ସହରାଞ୍ଚଳର ପରିମଳ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ସହରବାସୀ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏନଏସି କର୍ତ୍ତୃପକ୍ଷ ଏହାର ଘରୋଇକରଣ କରିଥିଲେ ମଧ୍ୟ ସଫେଇ ଦାୟିତ୍ୱ ଗ୍ରହଣ କରିଥିବା ସଂସ୍ଥା ଠିକ ରୂପେ କାର୍ଯ୍ୟ କରୁ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି । ସହରର ମୁଖ୍ୟ ରାସ୍ତା ଗାଇଗୋରୁଙ୍କ ଯୋଗୁ ଗୋବରମୟ ହୋଇ ଉଠୁଥିବା ବେଳେ ରାସ୍ତା ପାର୍ଶ୍ୱ ଉଠା ଦୋକାନୀମାନେ ଠୁଙ୍ଗା, ପ୍ଲାଷ୍ଟିକ ଗ୍ଲାସ୍,ପଲିଥିନ ଆଦି ରାସ୍ତା ପାର୍ଶ୍ୱରେ ଗଦା କରିବା ଯୋଗୁ ପରିମଳ ବ୍ୟବସ୍ଥା ବିଗିଡିବାରେ ଲାଗିଛି । ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଓ ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି ।

## ଖଣ୍ଡପଡ଼ାରେ କଂଗ୍ରେସ ଭବନ ପ୍ରତିଷ୍ଠା ହେଲାନି

ଖଣ୍ଡପଡ଼ା,୭।୬
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଅଧୀନ ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଏକଦା କଂଗ୍ରେସର ଦୁର୍ଗ ଭାବେ ପରିଚିତ ଥିଲା । ଉକ୍ତ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ପ୍ରାର୍ଥୀମାନେ ୩ଥର ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ । ସେହି ସମୟରୁ ଖଣ୍ଡପଡା ସହରରେ କଂଗ୍ରେସ ଭବନ ନିର୍ମାଣ ନିମନ୍ତେ ସ୍ଥାନୀୟ ଡ଼ାକ୍ତରଖାନା ଛକ ପାର୍ଶ୍ୱରେ ଏକ ଜାଗା ସଂରକ୍ଷିତ ରଖାଯାଇଥିଲା । ସମୟାନୁକ୍ରମେ ନାରୀନେତ୍ରୀ ବିନୋଦିନୀ ମହାନ୍ତିଙ୍କ ଉଦ୍ୟମରେ କଂଗ୍ରେସ ଭବନ ଜମିର ଚାରିପାଖରେ ପ୍ରାଚୀର ନିର୍ମାଣ କରାଯାଇଥିଲା। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଳନ ଅବସରରେ ସେହି ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି। ମାତ୍ର ସେହି ସ୍ଥାନରେ କଂଗ୍ରେସ ଭବନ ନିର୍ମାଣ ପାଇଁ କେହି ଉଦ୍ୟମ କରୁ ନାହାନ୍ତି । ଫଳରେ ସେହି ସ୍ଥାନଟି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି।

## ନିଃଶୁଳ୍କ ଆଇନସେବା ପାଇଁ ଭ୍ରାମ୍ୟମାଣ ରଥ ପରିକ୍ରମା

ନୟାଗଡ଼,୭।୬ (ଲୋକନାଥ ମିଶ୍ର)




ନିଃଶୁଳ୍କ ଆଇନ ସେବା ପାଇଁ ସହର ପରିକ୍ରମା କରୁଥିବା ସଚେତନତା ରଥ।

ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ତରଫରୁ ନିଃଶୁଳ୍କ ଆଇନସେବା ଏବଂ ଲୋକ ଅଦାଲତ ପାଇଁ ଭ୍ରାମ୍ୟମାଣ ରଥ ନୟାଗଡ଼ ଜିଲାରେ ଗତ ୪ରୁ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗତ ୪ ତାରିଖରେ ଭ୍ରାମ୍ୟମାଣ ରଥକୁ ନୟାଗଡ଼ ଜିଲା ଆଇସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ ସ୍ୱାଗତ କରିବା ସହିତ ଜିଲାରେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ବୁଧବାର ସକାଳ ୯ ଟାରେ ଭ୍ରାମ୍ୟମାଣ ରଥ କୋର୍ଟ ପରିସରରେ ପହଞ୍ଚିବା ପରେ ଅଧିକାର ମିତ୍ର, ପ୍ରାଧିକରଣ କର୍ମଚାରୀ, ପ୍ରାଧିକରଣ ସଦସ୍ୟା, ପ୍ରାଧିକରଣ ତରଫରୁ ନିଯୁକ୍ତ ଓକିଲଙ୍କୁ ନେଇ ନିଃଶୁଳ୍କ ଆଇସେବା ଏବଂ ଲୋକ ଅଦାଲତର ପ୍ରଚାର ପ୍ରସାର ପାଇଁ ବାହାରିଥିଲେ । ସଚିବ ମଚ୍ଛଖଣ୍ଡ ମଧ୍ୟ ନିଜେ ନୟାଗଡ଼ ସହରରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ । ଭ୍ରାମ୍ୟମାଣ ରଥ ପ୍ରଥମ ଦିବସ ଗତ ୪ ତାରିଖରେ ନୟାଗଡ଼, ନୂଆଗାଁ, ଦଶପଲ୍ଲା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ, ଗ୍ରାମାଞ୍ଚଳରେ ଡାକବାଜି ଯନ୍ତ୍ର ଓ ପ୍ରଚାର ପତ୍ର ମାଧ୍ୟମରେ ନିଃଶୁଳ୍କ ଆଇସେବା କ'ଣ ଏବଂ ଲୋକ ଅଦାଲତ କ'ଣ ଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିବା ସହିତ ଅବଗତ କରାଇଥିଲେ । ଦ୍ୱିତୀୟ ଦିବସ ୫ତାରିଖରେ ଗଣିଆ, ଖଣ୍ଡପଡ଼ା, ଭାପୁର ବ୍ଲକରେ ଓ ୬ତାରିଖ ଉଦ୍‌ଯାପନୀ ଦିବସରେ ରଣପୁର, ଓଡ଼ଗାଁ ବ୍ଲକ୍ ଗ୍ରାମାଞ୍ଚଳରେ ପ୍ରଚାର କରିଥିଲେ । ୧୫୧୦୦ ନମ୍ବରକୁ ଫୋନ କରି ନିଃଶୁଳ୍କ ଆଇନସେବା ପାଇବା ପାଇଁ ଅଧିକାରମିତ୍ରମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଅଧିବକ୍ତା ରମେଶଚନ୍ଦ୍ର ମହାରଣା, କାମାକ୍ଷା ପ୍ରସାଦ ଦାଶ, ସାମାଜିକ କର୍ମୀ ଅମନ ମିଶ୍ର, ପ୍ରାଧିକରଣ ସଦସ୍ୟା କ୍ଷଣପ୍ରଭା କର, ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା, ଲିପ୍ସା ଦାସ, ସନ୍ଧ୍ୟାରାଣୀ ବେହେରା, ମମତା ବେହେରା, ରାଜେଶ କୁମାର ମିଶ୍ର, ପୂଜା ନାୟକ, ପ୍ରଣତୀ ପରିଡା, ଅନୁପମା ରାଉତ, ସୁବାସିନୀ ମହାପାତ୍ର, ଏସ. ଇପ୍ସିତା ଦେବଦର୍ଶନୀ, କୃପାସିନ୍ଧୁ, ବାସୁଦେବ, ସୂର୍ଯ୍ୟ, ବିଷ୍ଣୁଚରଣ ପଟ୍ଟନାୟକ ଏବଂ ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ଗଦାଧର ବିଶ୍ୱାଳ, ରାଜେଶ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ସିଡିଏମ୍ଓଙ୍କ ରିପୋର୍ଟ ଉପରେ ନିର୍ଭର କରୁଛି ତଦନ୍ତ

### ଘରୋଇ ନର୍ସିଂହୋମରେ ମହିଳାଙ୍କ ମଳନଳି କାଟିଦେବା ମାମଲା

କଟକ,୭।୬(କାର୍ତ୍ତିକ ସାହୁ)

ରାଣୀହାଟ ଅଞ୍ଚଳର ଏକ ନର୍ସିଂହୋମରେ ମହିଳାଙ୍କ ମଳନଳି କାଟି ଦିଆଯିବା ଘଟଣାକୁ କମିସନରେଟ ପୋଲିସ ଗୁରୁତ୍ୱର ସହ ଗ୍ରହଣ କରିଛି। ପ୍ରାଥମିକ ଅବସ୍ଥାରେ ପୋଲିସ ତଦନ୍ତ ଆରମ୍ଭ କରି ନର୍ସିଂହୋମରୁ ମହିଳାଙ୍କ ଚିକିତ୍ସା ସମ୍ବନ୍ଧୀୟ କାଗଜାତ ଜବତ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ତଦନ୍ତ ପାଇଁ ଚିଠି ଲେଖିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ କହିବାନୁସାରେ, ଏହି ମାମଲାଟି ଭିନ୍ନ ଧରଣର। ମହିଳାଙ୍କ ଚିକିତ୍ସା ସଂକ୍ରାନ୍ତୀୟ ଡାକ୍ତରୀ ରିପୋର୍ଟ ଉପରେ ମାମଲାର ତଦନ୍ତ ଦିଗ ନିର୍ଭର କରୁଛି। ତେବେ ସିଡିଏମ୍ଓଙ୍କଠାରୁ ରିପୋର୍ଟ ମିଳିବା ପରେ ତଦନ୍ତ ଆଗକୁ ଯାଇପାରିବ। ଏହା ମେଡିକାଲରେ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ଘଟଣା ହୋଇଥିବାରୁ ଡାକ୍ତରୀ ଟେକନିକାଲ ଦିଗ ଉପରେ ପୋଲିସ କିଛି କରିପାରିବ ନାହିଁ। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ମାହାଙ୍ଗା ଅଞ୍ଚଳର ପୀଡ଼ିତା ମହିଳା ଦୀପ୍ତିମୟୀ ବାରିକଙ୍କ ଅଭିଯୋଗକ୍ରମେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏସିପି ଚକ୍ରବର୍ତ୍ତୀ କହିଛନ୍ତି।

ସୂଚନାନୁସାରେ, ମହିଳାଙ୍କ ୨ଟି ସନ୍ତାନ ରହିଥିବା ବେଳେ ପୁଣି ୧୧ ସପ୍ତାହର ଗର୍ଭବତୀ ହୋଇଥିବା ଜାଣିବାକୁ ପାଇଥିଲେ। ସେ ଗର୍ଭପାତ କରିବା ପାଇଁ ସମ୍ପୃକ୍ତ ନର୍ସିଂହୋମକୁ ଯାଇଥିଲେ। ସେଠାରେ ଗର୍ଭପାତ କରାଇବା ପରେ ଘରକୁ ଯାଇଥିଲେ। ମାତ୍ର ତାଙ୍କର ପେଟରେ ଯନ୍ତ୍ରଣା ହେବାରୁ ସେ ଉକ୍ତ ନର୍ସିଂହୋମକୁ ଆସିଥିଲେ। ସେଠାରେ ବିଭିନ୍ନ ପ୍ରକାର ପରୀକ୍ଷା କରାଯିବା ପରେ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ତାଙ୍କ ଯନ୍ତ୍ରଣା କମି ନ ଥିଲା। ତା'ପରେ ତାଙ୍କୁ ଏସ୍ସିବି ମେଡିକାଲରେ ଦେଖାଇବା ପରେ ତାଙ୍କ ମଳନଳିରେ ସଂକ୍ରମଣ ହୋଇଥିବା ଡାକ୍ତର କହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ପରେ ମହିଳାଙ୍କ ମଳନଳି କଟା ଯାଇଥିବା ଡାକ୍ତର କହିଥିଲେ। ଏହାପରେ ମହିଳା ଜଣଙ୍କ ମଙ୍ଗଳାବାଗ ଥାନାରେ ଉକ୍ତ ନର୍ସିଂହୋମ ବିରୋଧରେ ଅଭିଯୋଗ କରିଥିବା ଜଣାପଡ଼ିଛି।


## OFFICE OF THE DIVISIONAL FOREST OFFICER, BRAHMAPUR DIVISION

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594, E.mail - dfo.berhampur@odisha.gov.in

**No.01/01F-/2025, Dated, Brahmapur the 28th May 2025**

**Tender Call Notice for Supply of Fertilizer, Liquid Urea & Granular Insecticides etc.**

**No.MM-72** : Tenders are invited from reputed Registered Dealer / Manufacturer / Individuals for supply of good quality Fertilizer & Granular Insecticides etc. for use in the Plantations to be taken up in Brahmapur Forest Division, under various schemes during the current financial year 2025-26. The tender application is available in the website of **odishaforest.in/ ganjam.nic.in/** and can be obtained from the O/o the Divisional Forest Officer, Berhampur Forest Division on payment of **Rs.6000/- (Rupees Six Thousand)** only or in shape of non-refundable Demand Draft drawn in favour of the Divisional Forest Officer, Berhampur Division. Only the Technical bids shall be opened at **10.30 A.M. of 16.06.2025**. The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reasons thereof.

**Sd./- Divisional Forest Officer**
**Brahmapur Division**

**OIPR-08038/11/0041/2526**

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିନିକା
## NOTIFIED AREA COUNCIL, BINIKA

**Dist.: Subarnapur, Odisha - 767019, Email ID: binkan.hud@nic.in**
**Phone/Fax: 06654-241113**

**Letter No. 1331** **Date: 03.06.2025**

### QUOTATION CALL NOTICE

No. C-435: Sealed quotation is invited from the reputed Manufacturer/ Authorized Dealer/Suppliers/Agency having valid GST/MSME Registration Certificate, upto date Tax Clearance Certificate, PAN etc. for supply of Mini Hydraulic Excavator for the purpose of sanitation work. The quotation with rate schedule will be submitted to the office of the undersigned with tender paper cost (Non refundable) of Rs.6000/- in shape of Demand Draft/Bankers Cheque drawn in favour of Executive Officer, NAC, Binka. The details of equipment specification, terms & conditions, etc will be available in district website i.e. **www.subarnapur.nic.in** and NAC Binka website i.e. **binkanac.in** during the period from 03.06.2025 to 13.06.2025. The sealed quotation shall reach the office of the undersigned by 13.06.2025 by 1.00 P.M. through Speed Post/ Registered Post or Courier service & shall be opened on the same day at 2.00 P.M. in presence of the quotationers or their authorized representatives. The authority shall not be responsible for any postal delay. The undersigned reserve the right to reject/cancel any or all quotation without assigning any reason thereof.

**Sd./- Executive Officer, Notified Area Council, Binka**

**OIPR-13198/11/0012/2526**

## NABARANGPUR FOREST DIVISION

**NOTICE No.02 of 2025-26** **Date : 03.06.2025**

### TENDER CALL NOTICE ENGAGEMENT OF MANPOWER THROUGH SERVICE PROVIDER

**No.MM-73** : Sealed Tenders are invited by the undersigned under two-part bidding system from recognized and experienced Manpower Agencies for deployment of different category of personnel for various activities of Nabarangpur Forest Division. The sealed tenders must reach this office on or before **19.06.2025 by 5:00 P.M.** by Registered Post/Speed Post only.

The information has been detailed in the Tender Document which may be obtained in person from the office of the undersigned on any working day between 11.00 A.M. to 5.00 P.M. w.e.f the date of publication up to **19.06.2025**. The tender documents can also be downloaded from the standardized web portal of Nabarangpur District i.e **www.nabarangpur.odisha.gov.in**. The Tender Paper Cost is **Rs.10,000/- (Ten Thousand Only)** should be paid through Bank Demand Draft (DD) From any nationalized bank in favor of Divisional Forest Officer, Nabarangpur Forest Division payable at Nabarangpur.

Further, Information can be obtained from the Division Office from **Sri Soroj Kumar Sadangi, I/c Section Officer, Nabarangpur Forest Division, Mobile No. 9437779043** during office hours.

Any corrigendum(s) shall be communicated through the Newspaper Advertisement.

**Sd./- Divisional Forest Officer**
**Nabarangpur Forest Division.**

**OIPR-08158/11/0003/2526**

## GOVERNMENT OF ODISHA e-PROCUREMENT NOTICE
## WORKS DEPARTMENT

**Bid Identification No. S.E. CBT (R&B) 07/2025-26**

No.B-179

charbatiadivision1@gmail.com

| | | |
|---|---|---|
| i. | Name of the work | : Civil works-04 Nos. |
| ii. | Estimated cost | : Rs.13,33,288/- to Rs.83,57,242/- |
| iii. | Period of completion | : 01 month (30 days) |
| iv. | Date & time of availability of Bid documents in the portal | : **From 10.00 A.M. of 09.06.2025 to 16.06.2025 upto 5.00 P.M. for 'online' bidding** |
| v. | Last date/time for receipt of Bids in the portal | : **16.06.2025 up to 5.00 P.M.** |
| vi. | Name and address of the officer inviting Bid | : **Superintending Engineer Charbatia (R&B) Division, Choudwar** |

Further details can be seen from the e-procurement portal **http://www.tendersorissa.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Additional Chief Engineer**
**Charbatia (R&B) Division**
**Choudwar**

**OIPR-34092/11/0019/2526**

## ZILLA PARISHAD, MAYURBHANJ, BARIPADA

**Tender Call Notice No. 4171/ ZP Dt. 04/06/2025**

**No.CAD-687** : Sealed tenders are invited from reputed Manpower Service Provider Agencies to provide 01 No. of DPC (Dist. Project Coordinator), 01 No. of DPE (Dist. Project Executive) & 01 No. of CCE (Dist. Call Centre Executive) at DPMU and 26 Nos. of BPC (Block Project Coordinator) @ 01 per block and 26 nos. of BPA (Block Project Assistant) @ 01 per block at BPMU at ZP, Mbj. and all Blocks of Mayurbhanj District for a period of 01 year under RH

The detailed information may be downloaded from the District website i.e. (www.mayurbhanj.odisha.gov.in). The last date and time for submission of Tender Document is **25/06/2025 upto 05.00 P.M.** by **Speed Post or Registered Post** only.

**Sd./- CDO-cum-EO, ZP,**
**Mayurbhanj**

**OIPR-19232/11/0018/2526**

## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST:NUAPADA, ODISHA

**E-mail:eeroads.khr@rediffmail.com**
**Letter No.2932, Date:05.06.2025**

**1st Corrigendum to Bid Identification No.SER&BKHR-02/2025-26**

No.B-191: The following changes are being made for E-procurement Notice-02, Bid Identification No.SER&BKHR-02/2025-26 vide Letter No.2315, Date:19.05.2025 for the work bearing Tender ID No.2025_EICCL_114005_1 in the above Tender Call Notice.

| Provision as per DTCN | Modified as per 1st Corrigendum |
|---|---|
| 1-Similar in nature to the work- page.5, Sl.No.11, Clause No.112(g), & Pg.9-3.3 & Pg.28-4.1, Page-74-Schedule-D 2. Tools & Plant & Machineries- Page-5, Sl.No.12, clause no.7(i) & 112 (e) & Schedule-C, Annexure-I, Page-28-4.1, Page-47-clause-112(e), Page-74- Schedule-C & Page-72- Annexure-I. | 1-Similar in nature to the work- page-5, Sl.No.11, Clause No.112(g), & Pg.9-3.3 & Pg-28-4.1, Page-74-Schedule-D 2- Tools & Plant & Machineries- Page-5, Sl.No.12, clause no.7(i) & 112(e) & Schedule-C, Annexure-I, Page-28-4.1, Page-47-clause-112(e), -Page-74-Schedule-C & Page-72-Annexure-I, is hereby not applicable for this work. |

All other terms and conditions remain unchanged.

**Sd./- Superintending Engineer**
**Khariar (R&B) Division**

**OIPR-34062/11/0025/2526**

## OFFICE OF THE PRINCIPAL, GVHSS, MPC HIGHER SECONDARY SCHOOL, BARIPADA

**No. 666 // DATE: 04.06.2025**

### WALK-IN-INTERVIEW

No.n-69:- A Walk-in-Interviews shall be held in the chamber of the Principal for selection of Guest Faculty to teach Higher Secondary Classes in IT & ITES Trade Subject at 9.00 am on 18.06.2025. So the desirous candidates are required to attend the interview with a set of resume of the self.

For details of the terms and conditions, Remuneration for engagement of guest faculty, please go through the School website (**www.mpchss.in**) or feel it free to contact the undersigned (Mobile No. 9437009509)

**No TA/DA shall be admissible to the candidate for this interview.**

**Sd./- PRINCIPAL**

OIPR-11046/11/0005/2526

## OFFICE OF THE REGULATED MARKET COMMITTEE, BARIPADA

No.H-10

At/Po-Takatpur, Baripada, Dist.Mayurbhanj, Pin-757003
email-awmorbar@nic.in

**Tender Call Notice No.301/RMC, dated 29.05.2025**
**Bid Identification No.01/RMC, Baripada/2024-25**
**e-Procurement Notice IFB (Invitation for Bids)**

| Sr. No. | Item | Details |
|---|---|---|
| 1 | The Sub-Collector, Baripada-cum-Chairman, RMC, Baripada invites percentage rate bids in Double/Single Cover system in ON-LINE MODE only for work as detailed below. | |
| 2 | Nature of Work | Construction of Agricultural Marketing Infrastructure at Takatpur Main Market Yard under RMC, Baripada |
| 3 | No. of Work | 01 No. |
| 4 | Bid Cost | Rs.10,000/- online transfer |
| 5 | Value of Tender | Rs.277.13 lakhs |
| 6 | Class of Contractor | "B" & "A" Class |
| 7 | Availability of BID documents in the website | Dt.05.06.2025 to 25.06.2025 |
| 8 | Last date/time of Receipt of bids in the portal | Dt.25.06.2025 upto 5.00 P.M. |
| 9 | Date of Opening of Bid | Dt.26.06.2025 at 11.30 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/ Cancellation of the Tender etc can also be seen in the website: https://tendersorissa.gov.in | |

**Sd./-**
**Sub-Collector, Baripada-cum-Chairman, RMC, Baripada**

**OIPR-07076/11/0001/2526**

## CUTTACK MUNICIPAL CORPORATION

### TENDER CALL NOTICE

**No. 1824/HO, Dt. 27.05.2025**

**No.C-424** : Cuttack Municipal Corporation invites sealed tenders from reputed bidders for "DELTAMETHRIN **1.25%**" ULV (**Ultra Low Volume) for** the year 2025-26 utilization on thermal Fogging Machine of Cuttack Municipal Corporation.

Details of the requirement can be downloaded from the official website, cmccuttack.odisha.gov.in. The last date of submission of Tender documents is upto 4.00 p.m. dt.17.06.2025.

**Sd./- Health Officer**
**Cuttack Municipal Corporation**

**OIPR-13031/11/0184/2526**

## ZILLA SWASTHYA SAMITI, MALKANGIRI

### TENDER CALL NOTICE

**No : 6398/2025** **Date : 03.06.2025**

**No.E-149** : Sealed tenders are invited from interested suppliers / firms for supply of the Food Baskets (Nutrition Kits) for TB Patients on annual rate contract basis to the C.D.M & P.H.O, Malkangiri. The details regarding specifications, terms and conditions may be downloaded from district website www.malkangiri.odisha.gov.in. The bids in sealed envelope should reach the office of the undersigned by 12.06.2025 within Office hours by 5.30 P.M. along with all relevant documents. The tender will be opened on dtd: 13.06.2025 at 4.30 P.M. in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

**Sd./- C.D.M & P.H.O-cum-District Mission Director**
**District Health Mission, Malkangiri**

**OIPR-10086/11/0014/2526**

## ODISHA TOURISM DEVELOPMENT CORPORATION LIMITED

**(A Government of Odisha Undertaking)**
**Panthanivas (Old Block), Lewis Road, Bhubaneswar - 751014**

### EXPRESSION OF INTEREST

**No. 3890** **Date: 05.06.2025**

No. CAD-704: Sealed tenders are invited for supply of Groceries/Spices items to the Panthanivases/Restaurants of OTDC for a period of one year. The detail information can be downloaded from **https://otdc.odisha.gov.in** website. The last date of submitting quotation is by 2.00 P.M. on 25.06.2025.

**Sd./- Managing Director**
**O.T.D.C. Ltd.**

**OIPR-37002/11/0077/2526**

**Letter No.1899** **Date:30.05.2025**

## NOTICE INVITING TENDER (NIT)

**No.JJ-15:**i.Superintending Engineer (Mechanical), Ports & Inland Water Transport, Mechanical Division, CDA, Sec-6, Cuttack-14 on behalf of Government of Odisha invites Request for Proposal (RFP) from experienced agencies/firms'/ individuals in Double Cover Systems (Cover-I: Technical Bid and Cover-II: Financial Bid) for **"Operation and Maintenance of Slipway, EOT crane (10 MT capacity) & Mechanical Workshop at Ports & IWT, Balugaon Sub-Division, Khordha"** on lease basis.

ii.Interested experienced agencies/firms/ individuals may download the RFP document online from the website of Government of Odisha **https://odlsha.gov.in/all-tenders** or can be collected from the undersigned office from **02.06.2025 to 18.06.2025 up to 17.00 Hrs.** The bidder who wish to participate shall deposit the document cost for an amount of **Rs.2,360 (Rupees Three Thousand Five Hundred Forty) only including GST@18% in shape of Demand Draft from any Scheduled/ Nationalized Bank & EMD for Rs.20,000/- (Rupees Twenty Thousand) only in shape of Term Deposit from any Nationalised/ Scheduled Bank/ National Savings Certificate (NSC) drawn in favour of Superintending Engineer (Mechanical), Ports & Inland Water Transport, Mechanical Division, CDA, Sec-6, Cuttack-14 payable at Cuttack.** In this regard, there is no exemption allowed in depositing of Bid Security/ EMD at the time of participation in tender and concessional payment of Performance Security@25% of the value of Performance Security to the Local Micro 8s Small Enterprises (MSEs) and Start-up, as the same has been withdrawn by Government of Odisha vide Work Department Office Memorandum No.4281/W, Dtd.05.03.2025.

iii.The details of the bidding process are as follows:

| Sl. No. | Bidding Schedule | Timeline |
|---|---|---|
| 1. | Start date of Bids documents Sale | 02.06.2025 at 11.30 Hours |
| 2. | Last date of Bids documents Sale | 18.06.2025 up to 17.00 Hours |
| 3. | Bids Clarification Date & Time | 02.06.2025 at 11.30 Hours to 11.06.2025 up to 15.00 Hours |
| 4. | Date & time of opening of Technical Bid | 19.06.2025 at 11.30 Hours |
| 5. | Date & time of opening of Financial Bid | 21.06.2025 at 11.30 Hours |
| 6. | Base Price | Rs.12.500/- per month or Rs.1.5 Lakhs per Annum Excluding GST |

iv. The successful Bidder will be selected from among that who quotes the highest charter hire charges per month and complies with the procedures described in this RFP Document.

v. Complete address for submission of bids and for Query/ Clarifications if any;

**Office of the Superintending Engineer (Mechanical)**
**Ports & Inland Water Transport, Mechanical Division**
**CDA, Sec-6, Cuttack-753014**
**Phone :0671- 2504177/ E-mail - portsniwtm@gmai.com**

vi. Any addendum/corrigendum made for this assignment will be hosted in the above website only.

vii. If any of the intending bidders wish to withdraw from participation in the bid, the bidders can freely withdraw from the participation before scheduled date and time of closure, failing which action as deemed fit as per relevant codal practice will be taken against them.

viii.The Authority reserves the right to cancel any or all bids without assigning any reason thereof. The authority, in no way shall be responsible for any postal/courier delay.

**Sd./- Superintending Engineer (Mech.)**
**Ports & IWT, Mechanical Division**
**CDA, Sec-6, Cuttack-14**

OIPR-38042/11/0007/2526

## OFFICE OF THE SUPERINTENDING ENGINEER, DHENKANAL (R&B) DIVISION, DHENKANAL

**E-mail : eedklpwd@gmail.com**
**INVITATION FOR BIDS THROUGH e-Procurement**
**Bid Identification No.SEDKL (R&B) 08/2025-26**

No.B-181

### Invitation for Bids

| | | |
|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Single cover system in ONLINE MODE only, for Construction of Building work as detailed below | |
| 2 | Nature of work | : 4 Nos. Electrical Works & 1 No. Civil works |
| 3 | No. of work | : 05 Nos. |
| 4 | Bid Cost. | : ₹ 6,000/- |
| 5 | Class of Contractor | : 'MV', 'HT' License & 'C' & 'D' License |
| 6 | Availability of Bid Documents in the website | : From 10.00 A.M. of 10.06.2025 to 5.00 P.M. of 24.06.2025 |
| 7 | Date of Opening of Bid | : Dt. 25.06.2025 at 11:00 A.M. |
The bidders have to participate in online bidding only. Further details and any type of corrigendum can be seen from the Govt. website http://www.tendersodisha.gov.in

The Authority reserves the right to reject any or all the tenders without assigning any reason thereof.

Sd./- Superintending Engineer
RWS&S Division, Rourkela

OIPR-25038/11/0001/2526



## OFFICE OF THE BARIPADA MUNICIPAL COUNCIL, BARIPADA

Phone:-06792-252703, Fax:06792-252703
Email:baripadam.hud@nic.in, Website:www.baripadamunicipality.in
No.824, Date:04.06.2025

**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

No.C-461:The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN). Bid documents consisting of Work, Estimated Cost, Cost of Tender Paper, EMD, and Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

Tender Reference No.**BPDM-3 of 2025-2026** Tender I.D.No.:**2025_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer-Publisher/Tender Inviting Authority/ Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Work | As per DTCN |
| 4 | Tendered cost of the Works | As per DTCN |
| (i) | Period of availability of tenders online for bidding | From Dt.06.06.2025 (01.00 P.M.) to Dt.12.06.2025 (5.00 P.M.) |
| (ii) | Last date & time of bidding online (Submission of Bids) | Dt.12.06.2025 (5.00 PM) |
| (iii) | Date & Time of opening of the Bids received online | Dt.13.06.2025 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received online. | |

Detail Tender Call Notice (DTCN) may also be seen from the 'e'-Procurement portal i.e. www.tendersorissa.gov.in. and Baripada Municipality Website i.e. www.baripadamunicipality.in
Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality website.

Sd./- Executive Officer, Baripada Municipality

OIPR-13078/11/0044/2526



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR

Tel-0663-2548268, E-mail Id serwcirclesbp@yahoo.com

**e-Procurement No.1742/Dated 04.06.2025**

**No.O-255:** The Chief Construction Engineer, Rural Works Circle Sambalpur on behalf of Odisha State Rural Road Agency (OSRRA) invites the percentage rate bids, in electronic tendering system, for Repair/ Maintenance of the Rural roads constructed under Pradhan Mantri Gram Sadak Yojana for each of the following works from the eligible and approved contractors registered with State PWD/CPWD/MES/Railways (The registered bidders of outside Odisha may submit bids; however, the successful bidders must get registered in appropriate class with appropriate authorities of State Govt. before signing the contract)

| | | |
|---|---|---|
| 1 | Name of Work | : Periodical maintenance of 5 year completed PMGSY Road under Incentive Grant for the year 2024-25. |
| 2 | Class of Contractor | : As mentioned in Annexure |
| 3 | No. of Packages | : 03 Nos. of Package |
| 4 | Estimated Cost | : Approximately varies from Rs.73.14 lakhs to Rs.225.80 lakhs (Information in DTCN will be Final) |
| 5 | Bid submission fee | : Rs.10,000/- (Non-Refundable) per set of package |
| 6 | Mode of submission of tender | : Only through online in website www.pmgsytenders.gov.in |
| 7 | **Summary of key dates are provided below :** | |

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date & time for seeking clarification | Last date & time of submission of Original documents | Date & Time of opening of tender: Technical | Date & Time of opening of tender: Financial |
|---|---|---|---|---|---|---|---|
| Chief Construction Engineer, Rural Works Circle, Sambalpur | PMGSY Online RWCSBP-07/2025-26 | 11.06.2025 From 11.00 A.M. | 25.06.2025 Upto 05.00 P.M. | 24.06.2025 Upto 5.00 P.M. | 01.07.2025 By 5.00 PM | 26.06.2025 At 11.00 A.M. | Will be intimated later |

***Special conditions:** 1-EPF registration is mandatory before drawl of agreement. 2- Rate quoted by the contractor shall be excluding GST. 3. EMD, Bid submission fee and original affidavits should be submitted at the O/o. Chief Construction Engineer, Rural Works Circle, Sambalpur Or O/o. Executive Engineer/ Superintending Engineer of Concern Rural Works Division.
* Details can be seen from the e-procurement portal **www.pmgsytenders.gov.in**
* Subsequent modification/corrigendum/ Addendum if required shall be appeared in the website only.

OIPR-25091/11/0063/2526 — Sd./- Chief Construction Engineer, Rural Works Circle, Sambalpur


See Career Appointment on every Wednesday & Saturday

# ରେଳଟ୍ରାକ୍‌ରେ କଥା ହେବା ବେଳେ ମାଡ଼ିଗଲା ଟ୍ରେନ

ବାଲେଶ୍ୱର, ୭।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଳଷ୍ଟେଶନ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଷ୍ଟେଶନର ଅନତି ଦୂର ଓଭରବ୍ରିଜ ନିକଟ ରେଳଧାରଣା ଉପରେ ହେଡ୍‌ଫୋନ୍ ଲଗାଇ ମୋବାଇଲରେ କଥା ହେଉଥିବା ବେଳେ ଶାଳିମାର-ହାଇଦ୍ରାବାଦ ଇଷ୍ଟକୋଷ୍ଟ ଟ୍ରେନ୍ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ମୃତ ଯୁବକ ହେଲେ ସହଦେବଖୁଣ୍ଟା ଥାନା ହରିପୁର ବେଗୁନିଆ ଅଞ୍ଚଳର ଦୀପକ ପାଣିଗ୍ରାହୀ (୩୧)। ଜିଆର୍‌ପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏକ ଅପମୃତ୍ୟୁ ମାମଲା (ନଂ ୪୮/୨୫) ରୁଜୁ ହୋଇଛି।

ସୂଚନା ଅନୁସାରେ ଅପରାହ୍ନରେ ଦୀପକ କାନରେ ହେଡ୍‌ଫୋନ ଦେଇ ଭିଡିଓ କଲ୍‌ରେ କଥା ହୋଇ ମାଲଗୋଦାମ ରାସ୍ତା ପଟୁ ରେଳଧାରଣା ହୋଇ ଫାଣ୍ଡି ଛକ ଆଡ଼କୁ ଆସୁଥିଲେ। ଅପ୍ ଶାଳିମାର ହାଇଦ୍ରାବାଦ ଇଷ୍ଟକୋଷ୍ଟ ଟ୍ରେନ ଷ୍ଟେଶନ ଛାଡ଼ିଥିଲା। ଦୀପକ କାନରେ ହେଡଫୋନ ଦେଇ କଥା ହେଉଥିବାରୁ ଟ୍ରେନ୍‌ର ହର୍ନ ଶୁଣିପାରି ନ ଥିଲେ। ଟ୍ରେନ୍ ତାଙ୍କ ଉପରେ ମାଡ଼ିଯିବାରୁ ମୃତ୍ୟୁ ହୋଇଥିଲା।

## ମନେ ପଡ଼ନ୍ତି


### ତୃତୀୟ ପୁଣ୍ୟ ତିଥି



ଓଁସୁଧାଂଶୁ କୁମାର ପଟ୍ଟନାୟକ (ବାବୁଲି)
ବାଟମଙ୍ଗଳା, ପୁରୀ
ଆବିର୍ଭାବ: ୨୨।୦୩।୧୯୫୮
ତିରୋଧାନ: ୧୨।୦୬।୨୦୨୨
ବାବା ତମେ ଏମିତି ଯାଇଛ ଯେ ସବୁବେଳେ ତମ କଥା ମନେ ପଡ଼େ। ଶ୍ରୀଜଗନ୍ନାଥ ତମ ଅମର ଆତ୍ମାକୁ ଶାନ୍ତି ଏବଂ ସଦ୍‌ଗତି ଦିଅନ୍ତୁ।
ଶ୍ରଦ୍ଧାଞ୍ଜଳି: ପୁତ୍ର: ସ୍ୱାଗତ, ସମ୍ବିତ, ସୁଜଳ, ପୁତ୍ରବଧୂ: ଶ୍ରଦ୍ଧା, ଗୀତା, ନାତି: ଶ୍ଲୋକ, ନାତୁଣୀ: ଶରଣ୍ୟା, ବନ୍ଧୁ ଓ ସମ୍ପର୍କୀୟମାନେ
ଧ-୭୮୪

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଓଁଉମା ରଥ
ସ୍ୱାମୀ: ଓଁସିଦ୍ଧେଶ୍ୱର ରଥ
ପାତ୍ର ସାହି, ପୁରୀ
ଆବିର୍ଭାବ : ୧୯୪୪
ତିରୋଧାନ : ୩୦।୦୫।୨୦୨୫
ବୋଉ, ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଧର୍ମ ପରାୟଣତା ଆମର ଧ୍ୟେୟ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: କୁନି, ବୁଢ଼ିଆ, ବୁଢ଼ା, ମାମିନା, ମାଣ୍ଡିଆ, ପିଣ୍ଟୁ, ନିକୀ, ରୁପା, ପଲ୍ଲୁ, ବାବୁନା, ବୁବୁ, ଟୁଇଙ୍କଲ୍, ରାନ୍ତୁ, ଇମନ, ଫୁଫୁନ, ପୂଜା, ବନ୍ଧୁ ଓ ପରିବାରବର୍ଗ
ଧ-୭୬୦୬୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଓଁସରୋଜିନୀ ମହାନ୍ତି
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୬।୦୬।୧୯୩୯
ତିରୋଧାନ: ୦୮।୦୬।୨୦୨୦
ତୁମେ ଅଭିମାନ କରି ଆମ ସମସ୍ତଙ୍କୁ କନ୍ଦେଇ ସବୁ ଦିନ ପାଇଁ ଆରପାରିକୁ ଚାଲିଗଲ। ତୁମେ ଥିଲ ଦୃଢ଼ମନା, କର୍ମଠ, ସ୍ନେହୀ, ଘରର ରକ୍ଷକ ଥିଲ ତୁମେ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଧର୍ମ ପରାୟଣତା ଚିର ସ୍ମରଣୀୟ ହୋଇ ରହିବ। ତୁମେ ଯେଉଁଠି ଥାଅ ଭଲରେ ଥାଅ।
ଶୋକସନ୍ତପ୍ତ: ଜେନା ପରିବାରବର୍ଗ।
ଧ-୮୬୩

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଶିକାରୀଙ୍କ ଆକ୍ରମଣରେ ଦନ୍ତା ଆହତ

## ବନ ବିଭାଗ ପକ୍ଷରୁ ଚିକିତ୍ସା ଜାରି

କେନ୍ଦୁଝର,୭।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ଧୋକୋଠା ନିକଟବର୍ତ୍ତୀ ଅଟେଇ ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ଆକ୍ରମଣରେ ଆହତ ହୋଇ ଏକ ଦନ୍ତା ବିଚରଣ କରୁଛି। ହାତୀର ବୟସ ୨୫ରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖବର ପାଇବା ପରେ ବନ ବିଭାଗ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଶୁକ୍ରବାର ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ଧୋକୋଠା ନିକଟବର୍ତ୍ତୀ ଅଟେଇ ସଂରକ୍ଷିତ ଜଙ୍ଗଲରେ କେତେଜଣ ଗ୍ରାମବାସୀ ହାତୀ ଛୋଟେଇ ଚାଲୁଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ହାତୀର ଆଗ ବାମ ଗୋଡ଼ରେ ଆଘାତ ଲାଗିଛି। ଶିକାରୀ ତୀର କିମ୍ବା ଧାରୁଆ ଅସ୍ତ୍ରରେ ଆଘାତ କରିଥିବା ସନ୍ଦେହ କରାଯାଉଛି। ଖବର ପାଇ ବନ ବିଭାଗ ଅଧିକାରୀ, ବନ୍ୟପ୍ରାଣୀ ଡାକ୍ତରୀ ଦଳ ଘଟଣାସ୍ଥଳକୁ ଯାଇ ଏହାର ତଦାରଖ କରିଥିଲେ। ଶନିବାର ସ୍ୱତନ୍ତ୍ର ହାତୀ ବିଶେଷଜ୍ଞ ଟିମ୍ ଦ୍ୱାରା ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ କରାଯାଇଛି। ଆହତ ହାତୀଟି ସାତକୋଶିଆ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୦ ସମୟରେ ଘଟଗାଁ ରେଞ୍ଜ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ବନ ଅଧିକାରୀମାନେ ଦିନରାତି ହାତୀଟିକୁ ଟ୍ରାକ୍ ଏବଂ ତଦାରଖ କରୁଛନ୍ତି। ଆହତ ହାତୀଟି ଯନ୍ତ୍ରଣା ଅନୁଭବ କରୁଛି। କିନ୍ତୁ ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ଧୋକୋଟା ଅଞ୍ଚଳ ନିକଟ ମୁଷଳ ନଦୀ ନିକଟରେ ସ୍ଥିର ହୋଇ ଛିଡ଼ାହୋଇ ରହିଥିବା ଜଣାପଡ଼ିଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନ୍‌ରାଜ, ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ବନ ଅଧିକାରୀ ଅଭୟ କୁମାର ଦଳାଇ, ପ୍ରାଣୀ ଚିକିତ୍ସା ଦଳ ଉପସ୍ଥିତ ରହିଛନ୍ତି। ସହକାରୀ ବନ ସଂରକ୍ଷକ ଅଶୋକ ଦାସ କହିଛନ୍ତି, ହାତୀଟି ଖାଦ୍ୟ ଖାଇ ପାରୁନାହିଁ। ଖାଦ୍ୟ ଖାଇବାକୁ ଚେଷ୍ଟା କରିବା ସମୟରେ ତୁରନ୍ତ ବାନ୍ତି କରିଦେଉଛି। ଏଣୁ ଗଳା କିମ୍ବା ଅନ୍ୟ କେଉଁଠି ସମସ୍ୟା ଥିବା ସନ୍ଦେହ କରାଯାଉଛି। ପ୍ରାଣୀ ଚିକିତ୍ସକ ଦଳ ପୂର୍ବରୁ ଆଣ୍ଟିବାୟୋଟିକ ଦେଇ ଚିକିତ୍ସା ଆରମ୍ଭ କରିଦେଇଛନ୍ତି।



ଆହତ ଦନ୍ତାହାତୀ।

# ଗୃହରକ୍ଷୀବାହିନୀ ଲିଖିତ ପରୀକ୍ଷାରୁ ବାଦ୍ ପଡ଼ିଲେ ୫୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ

ପାରଳାଖେମୁଣ୍ଡି,୭।୬ (ଗିରିଧାରୀ ପରିଛା)

ଗଜପତି ଜିଲା ପାରଳାଖେମୁଣ୍ଡିରେ ଗତ ମେ ୨୯ରେ ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପାଇଁ ଶାରୀରିକ ସକ୍ଷମ ପରୀକ୍ଷା ହୋଇଥିଲା। ସେଥିରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ଶନିବାର ଲିଖିତ ପରୀକ୍ଷା ପାରଳାଖେମୁଣ୍ଡି ମହାରାଜା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ତେବେ ଏହି ପରୀକ୍ଷାରେ ୫୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଗୃହରକ୍ଷୀ ବାହିନୀର ଶାରୀରିକ ଦକ୍ଷତା ପରୀକ୍ଷାରେ ସଫଳ ହୋଇଥିଲେ ମଧ୍ୟ ସେମାନଙ୍କୁ ଲିଖିତ ପରୀକ୍ଷା ଦେବାକୁ ଅନୁମତି ମିଳି ନ ଥିଲା। ପରୀକ୍ଷା ଦେଇପାରି ନ ଥିବା ପ୍ରାର୍ଥୀମାନେ ଗଜପତି ପୋଲିସ ତାଙ୍କ ପ୍ରତି ଅଣଦେଖା କରିଛି ବୋଲି ଅଭିଯୋଗ କରିଛନ୍ତି। ଶାରୀରିକ ପରୀକ୍ଷାରେ ଯୋଗ୍ୟ ବିବେଚିତ ହେବା ପରେ ଲିଖିତ ପରୀକ୍ଷା ତାଲିକାରୁ ସେମାନଙ୍କ ନାଁ ବାଦ ପଡିଛି। ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ବୋଲି ବାଦ ପଡିଥିବା ପରୀକ୍ଷାର୍ଥୀମାନେ ପ୍ରକାଶ କରିଛନ୍ତି। ଏ ନେଇ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଗତ ୨୯ ତାରିଖରେ ଗୃହରକ୍ଷୀ ବାହିନୀର ଶାରୀରିକ ଦକ୍ଷତା ପରୀକ୍ଷା ବେଳେ ସମସ୍ତ ପ୍ରାର୍ଥୀଙ୍କୁ ଗୋଟିଏ ଗୋଟିଏ ନମ୍ବରରେ ଟୋକନ ପ୍ରଦାନ କରାଯାଇଥିଲା। ଯେଉଁମାନେ ସଫଳତା ହାସଲ କରିଥିଲେ ସେମାନେ ରେଜିଷ୍ଟ୍ରେଶନ କାଉଣ୍ଟରରେ ସମସ୍ତ ଟୋକନ ଜମା କରିବାକୁ କୁହାଯାଇଥିଲା। ମାତ୍ର ଅନେକ ପ୍ରାର୍ଥୀ ଟୋକନ ଫେରାଇନାହାନ୍ତି। ଯେଉଁମାନେ ଟୋକନ ଫେରାଇ ନାହାନ୍ତି ସେମାନେ ଲିଖିତ ପରୀକ୍ଷାରୁ ବାଦ ପଡିଛନ୍ତି। ପରବର୍ତ୍ତୀ ସମୟରେ ଯଦି ଆବଶ୍ୟକ ପଡେ ତେବେ ସେମାନଙ୍କୁ ବିଚାରକୁ ନିଆଯିବ ବୋଲି ଏସ୍‌ପି ପଣ୍ଡା କହିଛନ୍ତି।


# Classified Everyday
0674-2580101, 9692975378



MATRIMONIAL

## BRIDE WANTED

Hotel Job, ବୟସ- 37 ପୁଅ ବାହାଘର ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। ଝିଅ ଗରିବ ହେଲେ ବି ଚଳିବ। କିଛି ଡିମାଇଣ୍ଡ ନ ଦେଲେ ବି ଚଳିବ। ଆମ ସହିତ ଯୋଗାଯୋଗ। ମୋବାଇଲ ନମ୍ବର- 8763173124. D-858

## GROOM WANTED

Beautiful Khandayat Girl 1999, 5'2", MA (Economics) BE.d, Serving Lecturer "SUNASANSAR". 9937512659. D-862

ବୟସ 27 କୌଣସି ଚାକିରି କରୁନଥିବା ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-860

Beautiful Brahmin Girl 1988, 5'3", MBBS, PG (ENT) Serving Doctor "SUNASANSAR". 9937512659. D-861



AUTOMOBILE SALE

Toyata Innova Crysta for sale (2018). Contact No.- 9777659193, 7077022424. D-857

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



REAL ESTATE SALE

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D- 76464

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possession sqft.- 350/-. 8328868883.** D-76270



Main Road- facing Shop available for rent in VSS Nagar, Area: 250sqft., Includes: Attached Toilet, Rent: Rs.- 16,000 per month, Ideal for: Retail, office or small Business setup. Contact: 7008630332. D-797

5-Story building for Rent Approx 10,000sqft. Palasuni, Bhubaneswar, Spacious 1BHK & 2BHK units available. Ideal for Ladies/ Gents Hostel, Tutorial Center or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-825

Ground Floor single room attached toilet for office space at VSS Nagar. 7873657633. D-781



Healthcare

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7327030529. D-76918

Newly open Jyoti SPA positively health benefits (expert therapist). 8458067955. D-870

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

I, Dipanjali Naik, D/o- Sudhakar Naik, Village-Kalaragarh, P.O.-Arakhapatana, P.S.-Athagarh, Dist.-Cuttack, Odisha-754029 have changed my name to DIPIKA NAIK, dtd. 21.05.2025 before Executive Magistrate, Athagarh, Cuttack. D-868

I, Nisith Agarwal, S/o- Nandkishore Agarwal, Plot No.-70/1345, Sector-9, CDA, P.O.-Avinab Bidanasi, P.S.- Markatnagar, Cuttack-753014, Odisha declare by affidavit before Notary, Cuttack, dt. 04.06.2025 that I have changed my name Nishith Agarwal to Nisith Agarwal. Henceforth, I shall be known as Nisith Agarwal for all purposes. D-869

By virtue of an affidavit sworn before Executive Magistrate, Gunupur, I, Umasankar Sabar, S/o- Mangai Sabar, At- Bhimpurguda, P.O.- Titimiri, P.S.- Puttasing, Dist.- Rayagada, (o) declare that I have changed my minor brother name from Rajesh Sabar to Damodar Sabar. Henceforth, he will know as Damodar Sabar for all purpose. D-865

By virtue of an affidavit sworn before the Executive Magistrate, Nuagaon, dated 06.06.2025, I, Kamina Nayak, Father of Sujata Nayak, At-Kosakata, P.O.- Sampada, P.S.- Nuagaon, Dist.- Nayagarh, Odisha, PIN-752083 declare that I have changed my daughter's name from Saujata Nayak to Sujata Nayak. Henceforth, she shall be known as Sujata Nayak for all future purpose.
Kamina Nayak
D-855

I, Sri Sanjay Kumar Agrawal, F/o- Sri Anmol Agarwal, resident of Plot No.-68, Sidhivinayak Enclave, Budheswari Colony, Bhubaneswar-751006, Odisha declare by this affidavit dtd. 07.06.2025 that now onwards I shall be known as Sri SANJAY KUMAR AGRAWALLA for all future purposes. D-867

By virtue of an affidavit sworn before the Executive Magistrate, Uditnagar, Rourkela, date 15.05.25, I, Subas Sagar, R/o- C/37, Sector-3, Rourkela, Dist.- Sundargarh, Odisha- 769002 declare that I have changed my son's name from Amrit Sagar to Archit Sagar. Henceforth, he shall be known as Archit Sagar for all purposes.
Subas Sagar
D-866

By virtue of an affidavit sworn before Executive Magistrate, Gunupur, I, Debanjali Bidika, resident of Village- Chittiserama, Post- Naira, P.S.- Gudari, Dist.- Rayagada, Odisha declare that my name is wrongly mentioned as Debanjali Patika instead of Debanjali Bidika in the Transfer Certificate of my daughter. Hence, I swear this affidavit to correct my name in the Transfer Certificate as Debanjali Bidika instead of Debanjali Patika. D-864


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.- 1050, Dt.- 31.05.2025

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଆଡିସନାଲ ରିଭିଜନ କୋର୍ଟ ନଂ ୪ଙ୍କ ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ ନଂ.- ୧୪୮୪/୨୦୨୨

୧. ସମୀର ସେନ ସାହୁ, ପିତା-ଲକ୍ଷ୍ମୀଧର ସାହୁ, ସା-ପାରକୁଳା, ପୋଷ୍ଟ-ପିକରାଳି, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା,
..... ବାଦୀ/ଦରଖାସ୍ତକାରୀ

ବନାମ

ନବଘନ ମହାକୁଡ଼ ଓ ଅନ୍ୟମାନେ .... ପ୍ରତିବାଦୀ/ଅପାପକ୍ଷ

ପ୍ରାପ୍ତେଷୁ :
୧. ନବଘନ ମହାକୁଡ଼, ପିତା: ଭବାନୀ ମହାକୁଡ଼ ଓ ତାଙ୍କ ଉତ୍ତରାଧିକାରୀ, ଠିକଣା: ସା-ଭାଟଙ୍ଗୁରି, ପୋଷ୍ଟ-ଗଙ୍ଗପଡ଼ା, ଥାନା-ଚନ୍ଦକା। ..... ପ୍ରତିବାଦୀ ନଂ. ୧
୨. ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକସନ୍ ପ୍ରା. ଲିମିଟେଡ୍: ପ୍ରୋପ୍ରାଇଟର, ସୁଶାନ୍ତ କୁମାର ପଣ୍ଡା, ପ୍ଲଟ୍ ନଂ ୪୮୧ମ୍ବର, ଥାନା-ସହିଦ ନଗର, ଭୁବନେଶ୍ୱର। ... ପ୍ରତିବାଦୀ ନଂ. ୪
୩. ଗୋପାଳ ସିଂହ @ ଗୋପାଳ ଚରଣ ସିଂହ, ପିତା-ଉଦୟନାଥ ସିଂହ, ସା/ପୋଷ୍ଟ-ଗମେଇ, ଥାନା: ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା। ... ପ୍ରତିବାଦୀ ନଂ. ୫
୪. ଗୋବିନ୍ଦ ସିଂହ @ ଗୋବିନ୍ଦ ଚରଣ ସିଂହ, ପିତା-ଉଦୟନାଥ ସିଂହ, ସା/ପୋଷ୍ଟ-ଗମେଇ, ଥାନା: ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା। ... ପ୍ରତିବାଦୀ ନଂ. ୬
୫. ଶ୍ରୀମତୀ ବୁଲି ସାହୁ, ସ୍ୱାମୀ: ବାଇଧର ସାହୁ, ଠିକଣା: ସା/ପୋଷ୍ଟ-ଗମେଇ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା। .... ପ୍ରତିବାଦୀ ନଂ. ୭
୬. ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିତା-ଲକ୍ଷ୍ମଣ ମିଶ୍ର, ସା/ପୋଷ୍ଟ- ପଥୁରୀପଡ଼ା, ଥାନା-ବାଙ୍କୀ, ଜିଲ୍ଲା-କଟକ .... ପ୍ରତିବାଦୀ ନଂ. ୮

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସ୍‌ନାଲ୍ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ସମୀର ସେନ ସାହୁ ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୧,୫,୬,୮ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା କିନ୍ତୁ ଉକ୍ତ ପ୍ରତିବାଦୀମାନେ ମୃତ ହୋଇଥିବାରୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା, ସେହିପରି ପ୍ରତିବାଦୀ ନଂ.୪ ଏବଂ ୭ଙ୍କ ବାସସ୍ଥାନ/ଠିକଣା ବଦଳାଯାଇଥିବାରୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.-୧, ୪, ୫, ୬, ୭ ଓ ୮ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରୋକ୍ତ ରିଭିଜନ କେସର ଶୁଣାଣି ମାନ୍ୟବର ଆଡିସ୍‌ନାଲ୍ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୪।୦୮।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ଥାନା-ଚନ୍ଦକା, ତହସିଲ-ଜଟଣୀ, ମୌଜା-ଗ୍ରାମଡ଼ିହି, ସାବିକ ଖାତା ନଂ.-୧୨, ସାବିକ ପ୍ଲଟ୍ ନଂ.-୩୦୯, ଏରିଆ- ଏ୦.୨୬୮ ଡିସିମିଲ ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ- ଏ୦.୦୫୫ ଡିସିମିଲ, ଏହାର ହାଲ୍ ଖାତା ନଂ.-୩୪, ହାଲ୍ ପ୍ଲଟ୍ ନଂ.-୮୮୧, ଏରିଆ- ଏ୦.୦୫୫ ଡିସିମିଲ।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.-୧,୫,୬,୮ ମୃତ ହୋଇଥିଲେ ଏବଂ ପ୍ରତିବାଦୀ ନଂ.-୪ ଏବଂ ୭ ତାଙ୍କର ବାସସ୍ଥାନ/ଠିକଣା ବଦଳାଇଥିଲେ ସେମାନଙ୍କର ଔରସ/ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକ ତରଫା ଫଏସଲା କରାଯିବ।

ସ୍ୱା./- ଆଡିସ୍‌ନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
କୋର୍ଟ ଅଫିସର
ଧ-୮୪୫

# ହ୍ୱାଟ୍ସଆପ୍ ବ୍ୟାନ୍!

ବର୍ତ୍ତମାନ ଯୋଗାଯୋଗର ସବୁଠୁ ସହଜ ଏବଂ ଅତ୍ୟାବଶ୍ୟକ ମାଧ୍ୟମ ପାଲଟିଛି ହ୍ୱାଟ୍ସଆପ୍, ଯାହା ବିନା ଗୋଟିଏ ବି ଦିନ ରହିବା ମୁସ୍କିଲ୍ ହୋଇପଡ଼ିଛି। ହେଲେ କେହି କେହି ଏହାକୁ ଦୁରୁପଯୋଗ କରୁଥିବା ଯୋଗୁ ଅନ୍ୟମାନଙ୍କୁ ମଧ୍ୟ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସଭିଙ୍କ ସୁବିଧା ନିମନ୍ତେ ଉପଲବ୍ଧ ଏହି ମେସେଜିଙ୍ଗ୍ ଆପ୍‌ର ନିୟମ ଉଲ୍ଲଂଘନ କରୁଥିବା ଅବା ଏହାକୁ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଆକାଉଣ୍ଟକୁ ହ୍ୱାଟ୍ସଆପ୍ ପକ୍ଷରୁ ବ୍ୟାନ୍ କରାଯିବାର ସ୍ୱାଗତଯୋଗ୍ୟ ପଦକ୍ଷେପ ନିଆଯାଉଛି...








ସ୍କାମ୍, ସ୍ପାମ୍, ଫେକ୍ ମେସେଜ୍ ଫରୱାର୍ଡ, ବ୍ଲାକ୍‌ମେଲିଂ, ଫ୍ରଡ୍ ଭଳି ବିଭିନ୍ନ ପ୍ରକାରର ଦୁରୁପଯୋଗକୁ ଆଖିଆଗରେ ରଖି ବର୍ତ୍ତମାନ ହ୍ୱାଟ୍ସଆପ୍ ଅନେକ ଆକାଉଣ୍ଟକୁ ବ୍ଲକ୍ କରିଦେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟରେ ବଢୁଥିବା ସାଇବର ଅପରାଧକୁ ଆଖିଆଗରେ ରଖି ଏଭଳି ସୁରକ୍ଷା ଉପାୟ ଅବଲମ୍ବନ କରାଯାଉଛି। ଏକ ସର୍ଭେ ରିପୋର୍ଟ ମୁତାବକ, ଗତ ଫେବ୍ରୁଆରୀ ମାସରେ ନିୟମ ଉଲ୍ଲଘଂନ କରିଥିବାରୁ ପ୍ରାୟ ଏକ କୋଟି ଭାରତୀୟଙ୍କ ହ୍ୱାଟ୍ସଆପ୍ ବ୍ୟାନ୍ କରିଦିଆଯାଇଛି। କେବଳ ରିପୋର୍ଟ କରିବା ଦ୍ୱାରା ନୁହେଁ ନିୟମ ଉଲ୍ଲଘଂନ କଲେ ମଧ୍ୟ ଅଟୋମେଟେଡ୍ ସିଷ୍ଟମ ଦ୍ୱାରା ଆକାଉଣ୍ଟ ବ୍ୟାନ୍ ହୋଇଯାଇଥାଏ। ତେଣୁ ହ୍ୱାଟ୍ସଆପ୍ ବ୍ୟବହାର କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ...

– ବିନା ଅନୁମତିରେ ଯଦି କାହାକୁ ଗ୍ରୁପ୍‌ରେ ଆଡ୍ କରୁଛନ୍ତି ଏବଂ ସେ ଗ୍ରୁପ୍‌ରୁ ଏକ୍‌ଜିଟ୍ ହେଇଯିବା ପରେ ପୁଣିଥରେ ତାଙ୍କୁ ଆଡ୍ କରୁଛନ୍ତି, ତେବେ ସତର୍କ ହୋଇଯାଆନ୍ତୁ। କାରଣ ବାରମ୍ବାର ଏପରି ହେଲେ ଆପଣଙ୍କ ଆକାଉଣ୍ଟ ବ୍ଲକ୍ ବା ବ୍ୟାନ୍ ହୋଇପାରେ।

– କାହାର ଅନିଚ୍ଛା ସତ୍ତ୍ୱେ ବାରମ୍ବାର ମେସେଜ୍ ପଠାଇବା ବା ଫଟୋ, ଭିଡିଓ ଆଦି ପଠାଇବା ବି ଆପଣଙ୍କ ଆକାଉଣ୍ଟ ପ୍ରତି ବିପଦ ସୃଷ୍ଟି କରିପାରେ।

– କାହାକୁ ଡରାଇବା, ଧମକାଇବା, ବ୍ଲାକ୍‌ମେଲ୍ କରିବା, ଭୁଲ୍ ତଥ୍ୟ ପଠାଇବା, ସମାଜର ବିଭିନ୍ନ ସମ୍ବେଦନଶୀଳ ତଥ୍ୟ ପଠାଇବା ମଧ୍ୟ ହ୍ୱାଟ୍ସଆପ୍ ନିୟମ ବିରୋଧୀ କାର୍ଯ୍ୟ ହୋଇଥିବାରୁ ଏପରି କଲେ ଆକାଉଣ୍ଟ ବ୍ୟାନ୍ ହେବା ସହ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇପାରେ।

– ବ୍ଲକ୍ ମେସେଜ୍ କିମ୍ବା ଥାର୍ଡ ପାର୍ଟି ଆପ୍ ଦ୍ୱାରା ଅଟୋମେଟେଡ୍ ରିପ୍ଲାଇ କରିବା ମଧ୍ୟ ଠିକ୍ ନୁହେଁ। ସେହିପରି ଜିବି ହ୍ୱାଟ୍ସଆପ୍, ହ୍ୱାଟ୍ସଆପ୍ ପ୍ଲସ୍ ଭଳି ବିଭିନ୍ନ ଥାର୍ଡ ପାର୍ଟି ବା ଅବୈଧ ହ୍ୱାଟ୍ସଆପ୍ ଭର୍ସନ ବ୍ୟବହାର କରିବା ଦ୍ୱାରା ଆପଣଙ୍କ ଆକାଉଣ୍ଟକୁ ସ୍ଥାୟୀ ରୂପେ ବନ୍ଦ କରାଯାଇପାରେ।

– ଯଦି କୌଣସି ୟୁଜର ଆପଣଙ୍କ ବିରୋଧରେ କମ୍ପ୍ଲେନ୍ କରି ଆକାଉଣ୍ଟକୁ ରିପୋର୍ଟ କରେ, ତେବେ ବି ହ୍ୱାଟ୍ସଆପ୍ ପକ୍ଷରୁ ଆକାଉଣ୍ଟ ବ୍ଲକ୍ କରିଦିଆଯାଇଥାଏ।



**ହ୍ୱାଟ୍ସଆପ୍ ୨ ପ୍ରକାରରେ ବ୍ୟାନ୍ ହୋଇଥାଏ। ଯଥା:**

**ଅସ୍ଥାୟୀ:** ପ୍ରଥମଥର କୌଣସି ନିୟମ ଉଲ୍ଲଘଂନ କଲେ ହ୍ୱାଟ୍ସଆପ୍ ପକ୍ଷରୁ କେବଳ ଆକାଉଣ୍ଟକୁ ଅସ୍ଥାୟୀ ଭାବେ ପ୍ରତିବନ୍ଧକ ଲଗାଇ ଦିଆଯାଏ। ଯେମିତିକି କୌଣସି ପ୍ରଚାର ମେସେଜ୍‌କୁ ପ୍ରସାରିତ କରିବା କିମ୍ବା ମାର୍କେଟିଂ ପାଇଁ ହ୍ୱାଟ୍ସଆପ୍ ବ୍ୟବହାର କରୁଥିବା ନେଇ କେହି କମ୍ପ୍ଲେନ୍ କଲେ ଆକାଉଣ୍ଟ କିଛି ଘଣ୍ଟା କିମ୍ବା କିଛି ଦିନ ପାଇଁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଥାଏ। ହେଲେ ଏଥିରେ ବ୍ୟବହାରକାରୀଙ୍କ ଡାଟାରେ କୌଣସି ପ୍ରଭାବ ପଡ଼ି ନ ଥାଏ।

**ସ୍ଥାୟୀ:** କୌଣସି ହ୍ୱାଟ୍ସଆପ୍ ୟୁଜର ଯଦି ଏହାର ଟର୍ମ ଆଣ୍ଡ କଣ୍ଡିଶନ୍‌କୁ ବାରମ୍ବାର ଉଲ୍ଲଘଂନ କରେ, ତେବେ ତାଙ୍କ ଆକାଉଣ୍ଟରେ ସ୍ଥାୟୀ ପ୍ରତିବନ୍ଧକ ଲାଗିଥାଏ। ସେହିପରି ଯଦି କମ୍ ସମୟ ମଧ୍ୟରେ ଜଣଙ୍କ ଆକାଉଣ୍ଟକୁ ଅଧିକ ରିପୋର୍ଟ କିମ୍ବା ବ୍ଲକ୍ କରାଯାଇଥାଏ, ତେବେ ସ୍ଥାୟୀ ଭାବେ ବ୍ୟାନ୍ ହେବାର ଆଶଙ୍କା ଅଧିକ। ହେଲେ ଏପରି କରିବା ପୂର୍ବରୁ ହ୍ୱାଟ୍ସଆପ୍ ୱାର୍ନିଂ ଦେଇଥାଏ। ତଥାପି ଯଦି ଏହାକୁ ଅଣଦେଖା କରି ପୁଣିଥରେ ସେହି ଭୁଲ୍ କରନ୍ତି, ତେବେ ଆକାଉଣ୍ଟ ସ୍ଥାୟୀ ଭାବେ ବନ୍ଦ କରିଦିଆଯାଇପାରେ।

**ଆକାଉଣ୍ଟ ବ୍ୟାନ୍ ହେଲେ କ'ଣ କରିବେ...**

– ହ୍ୱାଟ୍ସଆପ୍ ଆକାଉଣ୍ଟ ବ୍ୟାନ୍ ହେବାଠୁ ବଞ୍ଚାଇବା ଲାଗି ପ୍ରଥମେ ଏହାର ପଲିସି ବିଷୟରେ ଭଲ ଭାବେ ଜାଣିବା ଆବଶ୍ୟକ। ଏଥିପାଇଁ ହ୍ୱାଟ୍ସଆପ୍ ସେଟିଂକୁ ଯାଇ ହେଲ୍ପ ଏବଂ ଟର୍ମ୍ସ ଆଣ୍ଡ ପ୍ରାଇଭେସିର ପଲିସି ବିଷୟରେ ଭଲ ଭାବେ ପଢ଼ିବା ଦରକାର।

– ଯଦି କୌଣସି କାରଣରୁ ଆକାଉଣ୍ଟ ବ୍ୟାନ୍ ହୋଇଯାଇଛି, ତେବେ ଏହିସବୁ ପଲିସି ବିଷୟରେ ଜାଣିଥିଲେ ପୁନର୍ବାର ଆକାଉଣ୍ଟ ଚାଲୁ କରିବା ଲାଗି ଅପିଲ୍ କରିପାରିବେ। ଏଥିପାଇଁ ହ୍ୱାଟ୍ସଆପ୍ ଆକାଉଣ୍ଟ ସେଟିଂରେ 'ରିକ୍ୱେଷ୍ଟ ଏ ରିଭ୍ୟୁ' ଅପ୍ସନ୍‌ରେ କ୍ଲିକ୍ କରିବାକୁ ପଡ଼ିଥାଏ। ଏହାପରେ ଏସ୍‌ଏମ୍‌ଏସ୍ ଜରିଆରେ ନମ୍ବର ଭେରିଫାଏ କରାଯାଇଥାଏ।

– ଯଦି ଆପ୍ ଦ୍ୱାରା ରିଭ୍ୟୁ ରିକ୍ୱେଷ୍ଟ ପଠାଇବାରେ ଅସୁବିଧା ହୁଏ, ତେବେ ଇ-ମେଲ୍ ମାଧ୍ୟମରେ ହ୍ୱାଟ୍ସଆପ୍ ସପୋର୍ଟ (support@whatsaap.com) ସହିତ ଯୋଗାଯୋଗ କରିପାରିବେ। ଇ-ମେଲ୍‌ରେ ଫୋନ୍ ନମ୍ବର, କଣ୍ଟ୍ରି କୋଡ୍, ଆକାଉଣ୍ଟ ବ୍ୟାନ୍ ହେବାର କାରଣ ଲେଖିବାକୁ ହୋଇଥାଏ। ସେଠାରେ ଭେରିଫିକେଶନ୍ କରାଯିବା ପରେ ହ୍ୱାଟ୍ସଆପ୍ ଆକାଉଣ୍ଟ ରିଷ୍ଟୋର୍ ହୋଇପାରେ। ଯଦି ଗମ୍ଭୀର ଭାବେ ନିୟମ ଉଲ୍ଲଂଘନ କରାଯାଇଥାଏ, ତେବେ ଆକାଉଣ୍ଟ ସ୍ଥାୟୀ ରୂପେ ବନ୍ଦ କରିଦିଆଯାଇଥାଏ।





## ଏ ସପ୍ତାହର ପ୍ରଶ୍ନ

୧– କିଓଲାଡିଓ ନ୍ୟାଶନାଲ୍ ପାର୍କ ............ ରାଜ୍ୟରେ ଅବସ୍ଥିତ ?

୨– ଗ୍ଲୋବାଲୀ ଇମ୍ପୋର୍ଟାଣ୍ଟ ଏଗ୍ରିକଲ୍ଚରାଲ୍ ହେରିଟେଜ୍ ସିଷ୍ଟମ୍ .............. ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?

୩– ଆଇଆଇଟିଏମ୍‌ର ଫୁଲ୍‌ଫର୍ମ ............... ?

୪– ୨୪ତମ ଇଣ୍ଟରନ୍ୟାଶନାଲ୍ ମଦର ଟେରେସା ଆୱାର୍ଡ ସେରିମନି ......... ଠାରେ ଅନୁଷ୍ଠିତ ହୋଇଯାଇଛି ?

୫– ପ୍ରେସର କୁକର୍‌ର ଉଦ୍ଭାବକ .............. ?

## ଗତ ଥରର ଉତ୍ତର

୧ ମେ ୧୭ ତାରିଖ

୨ ଇଣ୍ଟରନ୍ୟାଶନାଲ୍ ଏନର୍ଜି ଏଜେନ୍ସି

୩ ଉତ୍ତରପ୍ରଦେଶ

୪ ସୈଦ୍ ଅମୀର୍ ଅଲି

୫ ଭାରତ ଏବଂ ମ୍ୟାନ୍‌ମାର୍

## ଉତ୍ତରଦାତା


ନରେଶ ଚନ୍ଦ୍ର ପ୍ରଧାନ
ଯାଜପୁର


ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର


ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ ତୈଳ ଉତ୍ପାଦନକାରୀ ଦେଶ

୧. ଆମେରିକା........................... ୨୦.୦୧ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୨. ଚାଇନା ............................. ୧୫.୧୫ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୩. ଭାରତ .............................. ୫.୦୫ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୪. ରୁଷିଆ .............................. ୩.୬୮ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୫. ସାଉଦିଆରବ ......................... ୩.୬୫ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୬. ଜାପାନ ............................. ୩.୩୮ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୭. ବ୍ରାଜିଲ୍ ............................ ୩. ୦୩ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୮. ସାଉଥ୍ କୋରିଆ ..................... ୨.୫୫ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୯. କାନାଡ଼ା ............................ ୨.୪୧ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୧୦. ଜର୍ମାନୀ ........................... ୨.୧୮ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।

## ଅଭୁଲା ଅନୁଭୂତି

# ତାଙ୍କ ସ୍ନେହର ତୁଳନା ନାହିଁ



ଡ. ପ୍ରବୀଣା ପରିଡ଼ା, ଭୁବନେଶ୍ୱର

ପିଲାଦିନେ ଏମିତି କିଛି ଘଟଣା ଘଟିଥାଏ, ତାହା ଚିରଦିନ ପାଇଁ ମାନସ ପଟରେ ରହିଯାଏ। ମନେପଡ଼ିଲେ ଅନେକ ଖୁସି ତ ମିଳେ, ତାହା ସହ ଅନେକ କଥା ଅନୁଭବ କରିହୁଏ। ଏମିତି କିଛି ଘଟଣା ମଧ୍ୟରୁ ମୋର ଚତୁର୍ଥ ଶ୍ରେଣୀରେ ପଢ଼ିବାର ଘଟଣା। ବାପାଙ୍କର ଜଗତ୍‌ସିଂହପୁରକୁ ବଦଳି ହୋଇଥିଲା। ବାପାଙ୍କ ଅଫିସ କ୍ୱାର୍ଟର ବାଗସାହିରେ ଥିଲା। ସେହି ଅନୁସାରେ ମୋ ସହ ଭାଇଭଉଣୀମାନଙ୍କ ସହ ସେଠାରେ ପଢ଼ିବାକୁ ହେଲା। ପ୍ରାକୃତିକ ପରିବେଶଭରା ଗାଁଟି ପାଖରେ କେନାଲ, ଚାଷଜମି, ପୋଖରୀ, ଆମ୍ବତୋଟା, ଜାମୁ, ଜାମୁରୋଳ, ସପେଟା ଗଛର ସୁନ୍ଦର ଶୋଭା ଆଖି ଆଗରେ ସଦା ଛବି ଆଙ୍କି ଦେଇଥାଏ। ବିଦ୍ୟାଳୟରେ ସେଦିନ ରିସେସ୍ (ଖେଳଛୁଟି) ହୋଇଥାଏ। ସେ ସମୟରେ ମୋ ସାଙ୍ଗ ପ୍ରତ୍ୟୁଷା ସାନପାସ୍(ପରିସ୍ରା) ଯିବାକୁ ମୋତେ ତା' ସହ ପୋଖରୀ ଆଡ଼େ ଯିବାକୁ ଡାକିଲା। ସେତେବେଳେ ସ୍କୁଲ୍‌ରେ ଶୌଚାଳୟ ନ ଥିଲା। ତେଣୁ ତା' ସହ ମିଶି ମୁଁ ପୋଖରୀ ଆଡ଼େ ଗଲି। ସେଠାରେ ସବୁଜ ଧାନକ୍ଷେତରେ ପାଣି କଳକଳ ହୋଇ ବହିଯାଉଥାଏ। ସେହି ପାଣିଧାରରେ ଆମେ ଛୋଟ ଛୋଟ ମାଛ ପହଁରିବାର ଦେଖିଲୁ। ପିଲାଦିନର ଚପଳ ମନ। ମାଛ ଦେଖି ବହୁତ ଖୁସି ହେଇଗଲୁ। ଦୁଇ ଜଣ ଆଣ୍ଠୁଏ ପାଣିରେ ପଶି ନିଜ ସ୍କଟରେ ମାଛ ଧରିବାକୁ ଲାଗିଲୁ। ମାଛସବୁ ଧରି କୂଳରେ ରଖୁଥାଉ। ଆଉ ସେ ମାଛ ପାଣିକୁ ଡେଇଁ ପଡୁଥା'ନ୍ତି। ତଥାପି ମାଛ ଧରିବା ଚାଲିଥାଏ। ଏମିତି ମାଛ ଧରିବା ନିଶାରେ ମଜ୍ଜି ରହିଲୁ ଯେ ଖେଳଛୁଟି ସରି ଆଉ ଗୋଟେ ପିରିୟଡ ଅଧା ହେଲାଣି। କିଛି ସମୟ ପରେ ଶ୍ରେଣୀ ମନିଟର ଅଜୟ ଆମକୁ ଖୋଜି ଖୋଜି ଆମ ପାଖରେ ପହଞ୍ଚିଲା ଆଉ ଆମକୁ ଅଙ୍କ ସାର୍ (ସାଧୁ ସାର୍) ଡାକୁଛନ୍ତି ବୋଲି କହିଲା। ତା' କଥା ଶୁଣି ଆମେ ଦୁଇଜଣ ବରଡା ପତ୍ର ପରି ଥରିଲୁ ଓ କାନ୍ଦୁଥିଲୁ। ମାଡ଼ ଡରରେ ଆମେ ଶ୍ରେଣୀକୁ ଯିବାକୁ ସାହସ ନ କରି ଲୁଚି ରହିଲୁ ଆଉ ଗଲୁନାହିଁ। ସାର୍‌ଙ୍କ ସରୁ ପାଞ୍ଚଣ ମାଡ଼ ମନେପକାଇ ସେମିତି ଥରୁଥାଉ। ସେ ମାଡ଼ ଯିଏ ଦେଖିଛି ସେ ହିଁ ବୁଝିପାରିବ। ସେ ସମୟରେ ଦିଦି, ସାର୍ ପାଠ ନ ପଢ଼ିଲେ କି ଦୁଷ୍ଟାମି କଲେ ବାଡିରେ ପିଟୁଥିଲେ। ସେ ବାଡ଼ି ଚାଁଏ ଚାଁଏ ଶବ୍ଦ କରେ ଆଉ ପୂରା ଶ୍ରେଣୀର ପିଲା ଡରରେ ଥରନ୍ତି। ହାତ ପିଠି ନୋଳା ବସିଯାଏ। ମାଡ଼ କଥା ଘରେ କହିଲେ ଆହୁରି ଘରେ ମା'ବାପାଙ୍କଠାରୁ ଗାଳି ମାଡ଼ ହୁଏ। ଓଲଟି କିଛି ଭୁଲ୍ କରିଛୁ, ସେଥିପାଇଁ ତୋତେ ମାଡ଼ ହେଲା ବୋଲି କୁହନ୍ତି। ସେ ସମୟରେ ଶିକ୍ଷକଙ୍କ ପ୍ରତି ଭୟ, ଭକ୍ତିଭାବ ରହୁଥିଲା। ସେ ସମୟ ଆଉ ଏବେକାର ସମୟ ମଧ୍ୟରେ ବହୁତ ପରିବର୍ତ୍ତନ ହୋଇଛି। ଏହା ଭିତରେ ଘରକୁ ଖବର ପଳେଇଲା। ବାପା ବୋଉ ବ୍ୟସ୍ତ ହୋଇ ଖୋଜିବାକୁ ଆସିଲେ। ଗୋଟେ ଘଣ୍ଟା ଖୋଜିଲା ପରେ ମୋତେ ଆଉ ମୋ ସାଙ୍ଗକୁ ଓଳି ତଳେ ଲୁଚିଥିବାର ଦେଖିଲେ। ବାପାଙ୍କୁ ଦେଖି ଭୟରେ ମୁଁ ଜୋରରେ କାନ୍ଦି ପକାଇଲି। କିନ୍ତୁ ବାପା ଜାଣିପାରିଲେ ମୋ ଭୁଲ୍ ପାଇଁ କାନ୍ଦୁଛି ଆଉ ଡରରେ ଥରୁଛି। ମୋ ମୁଣ୍ଡକୁ ଆଉଁଶି ଦେଲେ ଆଉ ଏମିତି କେବେ କରିବୁନି କହି ବୁଝାଇଲେ ଆଉ ଘରକୁ ନେଇଗଲେ।

ସେହିଦିନ ଘଟଣାରୁ ଜାଣିପାରିଲି ପିଲାମାନଙ୍କ ପାଇଁ ମା'ବାପା କେତେ ବ୍ୟସ୍ତ ହୁଅନ୍ତି। ଆଖି ଆଗରୁ ଚାଲିଗଲେ କେତେ ଖୋଜନ୍ତି। କେତେ ବ୍ୟସ୍ତ ହୁଅନ୍ତି। ମୁଁ ମାଆ ହେଲା ପରେ ବହୁତ କଥା ଅନୁଭବ କଲି ଯେ ପିଲାମାନଙ୍କ ପାଇଁ ମା'ବାପାଙ୍କ ମନ କେତେ ଛଟପଟ ହୁଏ। ସେ ଦିନର ଘଟଣା ମନେପଡିଲେ ଏବେ ବି ଭାବାବେଗ ସୃଷ୍ଟି ହୁଏ।

## ଜାଣନ୍ତୁ ଦୁନିଆ

# ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ସେଣ୍ଟର

ମହାକାଶରେ ରିସର୍ଚ୍ଚ ସେଣ୍ଟର। କେବଳ ମହାକାଶ ବିଜ୍ଞାନୀଙ୍କ ବ୍ୟତୀତ ଆମ ସଭିଙ୍କ ପାଇଁ ଏହା ଯେତିକି ଆଶ୍ଚର୍ଯ୍ୟଜନକ, ସେତିକି କୌତୂହଳପୂର୍ଣ୍ଣ। ଜାଣିବା ମହାକାଶକୁ ପଠାଯାଇଥିବା ସର୍ବବୃହତ୍ ମନୁଷ୍ୟକୃତ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ସେଣ୍ଟର ବା ଆଇଏସ୍ଏସ୍ ସମ୍ପର୍କରେ କିଛି ତଥ୍ୟ...

- ପୃଥିବୀର ୫ଟି ବଡ଼ ସ୍ପେସ୍ ଏଜେନ୍ସି ନାଶା (ଆମେରିକା), ରସ୍‌କସ୍‌ମସ୍ (ରୁଷିଆ), ଇସା (ୟୁରୋପ୍), ଜାକ୍ସା (ଜାପାନ), ସିଏସ୍ଏ (କାନାଡ଼ା)ର ମିଳିତ ଉଦ୍ୟମରେ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ସେଣ୍ଟର ବା ଆଇଏସ୍ଏସ୍ ପ୍ରୋଜେକ୍ଟ ପ୍ରସ୍ତୁତ ହୋଇଛି।
- ଆଇଏସ୍ଏସ୍‌କୁ ପୃଥିବୀ ପୃଷ୍ଠରୁ ୪୦୦ କିଲୋମିଟର ଉପରେ ଅବସ୍ଥାପିତ କରାଯାଇଛି। ପ୍ରତି ୯୩ ମିନିଟ୍‌ରେ ଥରେ ପୃଥିବୀ ଚାରିପଟେ ପରିକ୍ରମା କରୁଥିବାରୁ ଏଠାରେ ଦିନକୁ ୧୬ଥର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବାକୁ ମିଳିଥାଏ। ଏହା ୨୮ ହଜାର କିଲୋମିଟର ପ୍ରତି ଘଣ୍ଟା ବେଗରେ ଗତି କରିଥାଏ।
- ଆଇଏସ୍ଏସ୍‌ର ପ୍ରଥମ ମଡେଲ୍ ଜାର୍ୟା ୧୯୯୮ ମସିହା ନଭେମ୍ବର ୨୦ ତାରିଖରେ ମହାକାଶକୁ ପଠାଯାଇଥିଲା।
- ଏହା ହେଉଛି ମହାକାଶକୁ ପଠାଯାଇଥିବା ସର୍ବବୃହତ୍ ମନୁଷ୍ୟକୃତ ସାମଗ୍ରୀ, ଯାହାର ଲମ୍ୱ ୧୦୯ ମିଟର ହୋଇଥିବା ବେଳେ ଓଜନ ପ୍ରାୟ ୪,୫୦,୦୦୦ କିଲୋଗ୍ରାମ୍। ଏହାଭିତରେ ମହାକାଶଚାରୀମାନେ ରହିବା ପାଇଁ ୬ଟି ସ୍ଲିପିଂ କ୍ୱାର୍ଟର୍, ୨ଟି ବାଥ୍‌ରୁମ୍ ଏବଂ ଗୋଟିଏ ଜିମ୍ ରହିଛି।
- ଏହା ଏକ ଭାସମାନ ଲାବରେଟୋରି, ଯେଉଁଠି ୩ ହଜାରରୁ ଉର୍ଦ୍ଧ୍ୱ ପରୀକ୍ଷଣ କରାଯାଉଛି। ଯେଉଁଥିରେ ମହାକାଶରେ ଖାଦ୍ୟ ଉତ୍ପାଦନ ମଧ୍ୟ ସାମିଲ ରହିଛି। ତେବେ ଏଠାରେ ଥିବା ଲାବରେଟୋରି ମଡ୍ୟୁଲ୍ ଡେଷ୍ଟିନୀ ହେଉଛି ପ୍ରମୁଖ ଗବେଷଣା ସ୍ଥଳ, ଯେଉଁଠାରେ ମ୍ୟାଟେରିଆଲ୍ ସାଇନ୍ସ, ବାୟୋଲୋଜି ଏବଂ ଟେକ୍ନୋଲୋଜି ଡେଭେଲପ୍‌ମେଣ୍ଟ ଉପରେ ଗବେଷଣା କରାଯାଇଥାଏ।
- ଏଥିରେ ୨୫୦୦ ବର୍ଗ ମିଟରର ବିଶାଳ ସୋଲାର୍ ସେଲ୍ ଲଗାଯାଇଛି, ଯାହା ପ୍ରାୟ ୮୪ କିଲୋୱାଟ୍ ଇଲେକ୍ଟ୍ରିସିଟି ଉତ୍ପନ୍ନ କରିପାରେ।



- ସେଠାରେ ପାଣି ପହଞ୍ଚାଇବା ଖୁବ୍ କଷ୍ଟ। ତେଣୁ ମହାକାଶଚାରୀମାନଙ୍କୁ ନିଜ ପରିସ୍ରାକୁ ରିସାଇକଲ୍ କରି ପୁନର୍ବାର ପାନୀୟ ଉପଯୋଗୀ କରି ପିଇବାକୁ ହୋଇଥାଏ।
- ଏଠାରେ ମହାକାଶଚାରୀଙ୍କ ପାଇଁ ମେଡିକାଲ୍ ସୁବିଧା ମଧ୍ୟ ଉପଲବ୍ଧ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୮ ଜୁନ୍, ୨୦୨୫ Bhubaneswar, Sunday, 8 June, 2025

# ଓଡ଼ିଶା ରଗ୍‌ବୀରେ ନୂଆ ଅଧ୍ୟାୟ

ଦେଶର ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍ ଫୁଟ୍‌ବଲରେ ଓଡ଼ିଶା ଏଫ୍‌ସି, ହକିରେ କଳିଙ୍ଗ ଲାନ୍ସର୍ସ ଓ ଖୋ ଖୋରେ ଓଡ଼ିଶା ଜଗରନଟ୍ସ ପରି ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଓଡ଼ିଶାରୁ ଭାଗନେବାକୁ ଯାଉଛି କଳିଙ୍ଗ ବ୍ଲାକ୍ ଟାଇଗର୍ସ। ଫଳରେ ଓଡ଼ିଶା ରଗ୍‌ବୀ ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ...


କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ କଳିଙ୍ଗ ବ୍ଲାକ୍ ଟାଇଗର୍ସର ଜର୍ସି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ ଓ ଅନ୍ୟମାନେ।


ଅତିଥିଙ୍କ ଗହଣରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳର ଖେଳାଳି, ହଞ୍ଜ୍ ଭେଞ୍ଚର୍ସର ପ୍ରତିଷ୍ଠାତା କରନପାଲ ସିଂ ଓ ଅଫିସିଆଲ।

- ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଖେଳିବ କଳିଙ୍ଗ ବ୍ଲାକ୍ ଟାଇଗର୍ସ
- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜର୍ସି, ମାସ୍କଟ ଉନ୍ମୋଚିତ
- ଓଡ଼ିଶା ଦଳରେ ବିଶ୍ୱର ଶ୍ରେଷ୍ଠ ଖେଳାଳି ଅଛନ୍ତି: ରାହୁଲ

ଭୁବନେଶ୍ୱର, ୭।୬ (ତପନ ସ୍ୱାଇଁ)

ଓଡ଼ିଶା ରଗ୍‌ବୀ ଇତିହାସରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ଦେଶର ସର୍ବ ପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ)ରେ ଖେଳିବ ଓଡ଼ିଶାଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ। ଚଳିତ ମାସ ୧୫ରୁ ୨୯ ପର୍ଯ୍ୟନ୍ତ ହେବାକୁଥିବା ଏହି ଆକର୍ଷକ ଲିଗ୍ ପାଇଁ ଶନିବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳର ଜର୍ସି ଓ ମାସ୍କଟ ଉନ୍ମୋଚିତ ହୋଇଛି। ଏହି ଅବସରରେ କନକ ବର୍ଦ୍ଧନ ଓଡ଼ିଶା ଟାଇଟଲ ଜିତି ଫେରିବ ବୋଲି ଆଶା ପ୍ରକାଶ କରିଛନ୍ତି। ହଞ୍ଜ୍ ଭେଞ୍ଚର୍ସ ମାଲିକାନାରେ ଥିବା ଏହି ଫ୍ରାଞ୍ଚାଇଜ୍ ଦଳରେ ବିଶ୍ୱର ଶ୍ରେଷ୍ଠ ଖେଳାଳି ରହିଛନ୍ତି ବୋଲି ବ୍ଲାକ୍ ଟାଇଗର୍ସ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରଗ୍‌ବୀ ଇଣ୍ଡିଆ ସଭାପତି ତଥା ରଗ୍‌ବୀ ପ୍ରିମିୟର ଲିଗ୍ କମିଶନର ରାହୁଲ ବୋଷ ପ୍ରକାଶ କରିଛନ୍ତି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ଆସନ୍ତା ୧୫ ତାରିଖରେ ଏହାର ପ୍ରଥମ ମ୍ୟାଚ ହାଇଦ୍ରାବାଦ ହିରୋଜ୍ ବିପକ୍ଷରେ ଖେଳିବ।

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ଆର୍‌ପିଏଲ୍ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଅନୁଷ୍ଠିତ ହେବ। ବିଶ୍ୱର ଏହି ସର୍ବପ୍ରଥମ ପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମର୍ସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ବିଶ୍ୱରେ ରଗ୍‌ବୀ ଟୁର୍ନାମେଣ୍ଟଗୁଡ଼ିକର କାର୍ଯ୍ୟସୂଚୀକୁ ଦେଖି ଏପରି ଏକ ୱିନ୍‌ଡୋ ବାହାର କରାଯାଇଛି। ଫଳରେ ଆରପିଏଲ୍‌ରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ପ୍ରତି ଦଳରେ ୧୩ ଲେଖାଏ ଖେଳାଳି ରହିବେ। ଏହା ମଧ୍ୟରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳି ସାମିଲ। ସେହି ଅନୁସାରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବର ସାମିଲ ଅଛନ୍ତି। ମାଇକ୍ ଫ୍ରାଇଡେ ଦଳର ମୁଖ୍ୟ କୋଚ୍ ଏବଂ ପୂର୍ବତନ ଓଡ଼ିଶା ଦଳର ଅଧିନାୟକ ରାଜୀବ ନାଥ ସହକାରୀ କୋଚ୍ ଅଛନ୍ତି। ହ୍ୟାରୀ ମ୍ୟାକନଲ୍ଟି ଅଧିନାୟକ ମନୋନୀତ ହୋଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ ଓ ରାହୁଲ ବୋଷଙ୍କ ବ୍ୟତୀତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର ମହାନ୍ତି, ହଞ୍ଜ୍ ଭେଞ୍ଚର୍ସର ପ୍ରତିଷ୍ଠାତା ତଥା କଳିଙ୍ଗ ବ୍ଲାକ୍ ଟାଇଗର୍ସର ସହ ମାଲିକ କରନପାଲ ସିଂ ଏବଂ ଓଡ଼ିଶା ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

"ଲିଗ୍‌ରେ ଓଡ଼ିଶାର ଏକ ଦଳ ସ୍ଥାନ ପାଇବା ଆମ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ। ପଡ଼ିଆ ଭିତରେ ହେଉ କି ବାହାରେ ଭାରତୀୟ କ୍ରୀଡ଼ା ପ୍ରତି ଓଡ଼ିଶାର ଯଥେଷ୍ଟ ଅବଦାନ ରହିଛି। ଓଡ଼ିଶାର ଗ୍ରାମାଞ୍ଚଳରେ ବିଶେଷକରି ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ପିଲାମାନେ ବହୁ ସଂଖ୍ୟାରେ ରଗ୍‌ବୀ ଖେଳୁଛନ୍ତି, ଯାହାକି ଅନ୍ୟ ସବୁଠାରେ ଦେଖିବାକୁ ମିଳିନାହିଁ। ଭାରତୀୟ ରଗ୍‌ବୀ ପ୍ରତି ମଧ୍ୟ ଓଡ଼ିଶାର ଅବଦାନ ରହିଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ବିଶ୍ୱର ଏବଂ ଭାରତର ଅନେକ ନାମୀ ଖେଳାଳି ସ୍ଥାନ ପାଇଛନ୍ତି। ଭାରତୀୟ ରଗ୍‌ବୀକୁ ବିଶ୍ୱ ମଞ୍ଚକୁ ନେବାପାଇଁ ଆମର ଏହି ପ୍ରୟାସ" ବୋଲି ରାହୁଲ ପ୍ରକାଶ କରିଛନ୍ତି।

### ଜର୍ସି/ମାସ୍କଟ

ଶନିବାର ଅତିଥିଙ୍କ ଦ୍ୱାରା କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳର ଜର୍ସି ଓ ମାସ୍କଟ ଉନ୍ମୋଚିତ ହୋଇଛି। ବ୍ଲାକ୍ ଟାଇଗର୍ସ ଜର୍ସିରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ଅଦମ୍ୟ ଉତ୍ସାହ ପ୍ରତି ସମ୍ମାନ ପ୍ରଦର୍ଶନ ହୋଇଛି। ଓଡ଼ିଶାରେ ବାସ କରୁଥିବା ବିରଳ ଓ ଶକ୍ତିଶାଳୀ ମେଲାନିଷ୍ଟିକ୍ କଳା ବାଘଙ୍କ ଦ୍ୱାରା ଅନୁପ୍ରେରୀତ ହୋଇ ଡିଜାଇନ୍‌ରେ ଟିମ୍‌ର ମୂଳ ମୂଲ୍ୟବୋଧ ସାମର୍ଥ୍ୟ ଏବଂ ମଜଭୁତପଣ ପ୍ରତିଫଳିତ ହୋଇଛି। ସାଂସ୍କୃତିକ ପ୍ରତୀକକୁ ଯୋଗକରି ଟିମ୍ ଏହାର ମାସ୍କଟ 'ପାଇକ' ଉନ୍ମୋଚନ କରିଛି, ଯାହା କିମ୍ବଦନ୍ତୀ କଳିଙ୍ଗ ଯୋଦ୍ଧାମାନଙ୍କର ବୀରତ୍ୱକୁ ପ୍ରତିନିଧିତ୍ୱ କରୁଛି ଏବଂ ପରମ୍ପରା ଓ ଗୌରବକୁ ଧରି ରଖିଛି।

### ବ୍ଲାକ୍ ଟାଇଗର୍ସ କାର୍ଯ୍ୟସୂଚୀ

୧୫।୬: ବନାମ ହାଇଦ୍ରାବାଦ ହିରୋଜ
୧୬।୬: ବନାମ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ
୧୮।୬: ବନାମ ଚେନ୍ନାଇ ବୁଲ୍ସ
୧୯।୬: ବନାମ ହାଇଦ୍ରାବାଦ ହିରୋଜ
୨୦।୬: ବନନାମ ଦିଲ୍ଲୀ ରେଜ୍
୨୧।୬: ବନାମ ଦିଲ୍ଲୀ ରେଜ
୨୨।୬: ବନାମ ମୁମ୍ବାଇ ଡ୍ରିମର୍ସ
୨୪।୬: ବନାମ ମୁମ୍ବାଇ ଡ୍ରିମର୍ସ
୨୫।୬: ବନାମ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ
୨୬।୬: ବମାନ ଚେନ୍ନାଇ ବୁଲ୍ସ

ସେହିପରି କରନପାଲ କହିଛନ୍ତି ଯେ, ହଞ୍ଜ୍ ଭେଞ୍ଚର୍ସ କ୍ରମାଗତଭାବେ ରଗ୍‌ବୀକୁ ସମର୍ଥନ କରି ଆସୁଛି। ଓଡ଼ିଶାରେ ଦେଖାଯାଉଥିବା କଳା ବାଘଙ୍କ ନାମରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ନାମିତ ହୋଇଛି। ଯାହା ଶକ୍ତି ଏବଂ ମଜଭୁତପଣର ପ୍ରତୀକ। ରଗ୍‌ବୀ ଏକ ହାଇ ପ୍ରୋଫାଇଲ କଣ୍ଟାକ୍ଟ ଗେମ୍। ତେଣୁ ଆଗାମୀ ଲିଗ୍ ନିଶ୍ଚିତ ଓଡ଼ିଶା ଏବଂ ଜାତୀୟ ସ୍ତରରେ ଦର୍ଶକଙ୍କ ମନ ଜିତିପାରିବ"। ଅନ୍ୟପକ୍ଷରେ "ରଗ୍‌ବୀ ଦ୍ରୁତଗତିରେ ବିଶ୍ୱରେ ଲୋକପ୍ରିୟ ହେବାରେ ଲାଗିଛି। ରଗ୍‌ବୀ ପ୍ରିମିୟର ଲିଗ୍ ଆରମ୍ଭ ସହିତ ଭାରତ ମଧ୍ୟ ଆଗାମୀ ଦିନରେ ଏହି କ୍ରୀଡ଼ାରେ ଅଧିକ ଶକ୍ତିଶାଳୀ ହୋଇପାରିବ। କଳିଙ୍ଗ ବ୍ଲାକ ଟାଇଗର୍ସ ଦଳରେ ରୋସ୍କୋ, ମରିସ ହ୍ୟାରୀ ଏବଂ ଲୁକାସଙ୍କ ପରି ବିଶ୍ୱ ସ୍ତରୀୟ ଖେଳାଳିଙ୍କ ସହ ଭାରତୀୟ ଖେଳାଳିଙ୍କ ସମ୍ମିଶ୍ରଣ ରହିଛି। ଫଳରେ ଦଳର ସନ୍ତୁଳନ ବହୁତ ବଢ଼ିଆ ରହିଛି। ଦଳଗତ ପ୍ରଦର୍ଶନ, ଏକାଗ୍ରତା ଓ କୌଶଳର ଉପଯୁକ୍ତ ମିଶ୍ରଣ ଦ୍ୱାରା ବ୍ଲାକ୍ ଟାଇଗର୍ସ ଦଳ ଆଗାମୀ ଲିଗ୍‌ରେ ଟାଇଟଲ ଦାବିଦାର ହେବାକୁ ଯାଉଛି" ବୋଲି କୋଚ୍ ମାଇକ୍ ଫ୍ରାଇଡେ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଓଡ଼ିଶାଭିତ୍ତିକ ଦଳରେ ପେରି ବେକର, ରୋସ୍କୋ ସ୍ପେସମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥିଏଲଙ୍କ ଭଳି ବିଶ୍ୱସ୍ତୀରୟ ରଗବୀ ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

## ୩୦ରେସ୍‌ଲରଙ୍କୁ ସାମୟିକ ସସ୍‌ପେଣ୍ଡ କଲା ଡବ୍ଲ୍ୟୁଏଫ୍‌ଆଇ

**ବୟସାଧିକ୍ୟ ମାମଲା**

ନୂଆଦିଲ୍ଲୀ, ୭।୬ (ପି.ଟି.)

ଜୁନିୟରସ୍ତରରେ ବୟସାଧିକ୍ୟ ରେସ୍‌ଲରମାନେ ଅଂଶଗ୍ରହଣ କରୁଥିବା ଅଭିଯୋଗ ପରେ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ନଜରକୁ ଆସିଥିବା ୪୦୦ରୁ ଊର୍ଦ୍ଧ୍ୱ ମାମଲାରେ ତଦନ୍ତ ପରେ ଡବ୍ଲ୍ୟୁଏଫ୍‌ଆଇ ସେମାନଙ୍କ ମଧ୍ୟରୁ ୩୦ଜଣଙ୍କୁ ସାମୟିକ ୩୦ରୁ ୪୦ ଦିନ ସସ୍‌ପେଣ୍ଡ କରିଛି। ବିଶେଷ କରି ଦିଲ୍ଲୀ 'ଆଖଡ଼ା' ଗୁଡ଼ିକରୁ ଅଭିଯୋଗ ଆସିଥିଲା ଯେ ହରିୟାଣାର ବହୁ ରେସଲର ଜାଲ ସାର୍ଟିଫିକେଟ ଦାଖଲ କରିଛନ୍ତି। ସେମାନେ ଜାତୀୟ ରାଜଧାନୀ ଜନ୍ମ ଗ୍ରହଣ କରିଥିବା ଦର୍ଶାଇଥିଲେ, ଯାହାଫଳରେ ସେମାନେ ଜୁନିୟର ସ୍ତରରେ ଅଂଶଗ୍ରହଣ କରିପାରିବେ। ଏହି ଅଭିଯୋଗ ଆସିବା ପରେ ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିକଟରେ ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଗେମ୍ସରେ ଦୁଇଜଣ ବୟସାଧିକ୍ୟ ରେସ୍‌ଲର ପଦକ ଜିତିବା ଘଟଣା ଡବ୍ଲ୍ୟୁଏଫ୍‌ଆଇକୁ ବ୍ୟଥିତ କରିଛି। ଡବ୍ଲ୍ୟୁଏଫ୍‌ଆଇର ଜଣେ ସିନିୟର ଅଫିସିଆଲ କହିଛନ୍ତି, ଆମେ ରେସ୍‌ଲରମାନଙ୍କ କ୍ୟାରିୟର ନଷ୍ଟ କରିବାକୁ ଚାହୁଁନା। ସେମାନଙ୍କୁ ୧୮ବର୍ଷରୁ କମ୍ ଓ କ୍ୟାଡେଟ୍ ବିଭାଗ ଆଦି ଜୁନିୟର ସ୍ତରରେ ଅଂଶଗ୍ରହଣ ପାଇଁ କେବଳ ବାରଣ କରାଯାଇଛି। ଯଦି ସେମାନଙ୍କ ବୟସ ୧୮ବର୍ଷରୁ ଅଧିକ, ସେମାନେ ସେମାନଙ୍କ ନିଜ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବା ଉଚିତ। ସସ୍‌ପେଣ୍ଡ ହୋଇଥିବା ରେସ୍‌ଲରମାନେ ବର୍ତ୍ତମାନ ଡବ୍ଲ୍ୟୁଏଫ୍‌ଆଇ ନିକଟକୁ ଆସି ସେମାନଙ୍କ ଠକେଇ କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥନା କରିବା ପରେ ସେମାନଙ୍କ କଥା ବିଚାର କରାଯିବ। ଅଫିସିଆଲ ଜଣକ କହିଛନ୍ତି ଯେ, ଏହି ରେସଲରମାନଙ୍କ ମଧ୍ୟରୁ ଅଧିକାଂଶ ଦିଲ୍ଲୀର ନାରେଲା ଓ ରୋହିଣୀ ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିବା ସେମାନଙ୍କ ସାର୍ଟିଫିକେଟରେ ଦର୍ଶାଇଥିଲେ। ସେମାନେ ସେମାନଙ୍କ କୋଚ୍‌ଙ୍କ ପ୍ରରୋଚନାରେ ଲାଞ୍ଚ ଦେଇ ସାର୍ଟିଫିକେଟମାନ ହାସଲ କରିଥିଲେ। ୪୩୬ଟି ମାମଲା ମଧ୍ୟରୁ ୩୦୦ଟି ହେଉଛି ନାରେଲା ଜୋନ୍‌ର। ଅବଶିଷ୍ଟ ରୋହିଣୀ ଜୋନ୍ ଅନ୍ତର୍ଗତ ସୁଲ୍‌ତାନାପୁରୀ ଓ ମଙ୍ଗୋଲପୁରୀ ଅଞ୍ଚଳର ବୋଲି ସାର୍ଟିଫିକେଟରେ ଉଲ୍ଲେଖ କରିଥିଲେ। ବେଗାମପୁରାରୁ ସର୍ବାଧିକ ସାର୍ଟିଫିକେଟ ହାସଲ କରିଥିଲେ।

## ବିଜୟ ଉତ୍ସବ ପାଇଁ ଗାଇଡ୍‌ଲାଇନ ଆଣିପାରେ ବିସିସିଆଇ

ବେଙ୍ଗାଲୁରୁ, ୭।୬

ଗତ ୪ ତାରିଖରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଦଳର ବିଜୟ ଉତ୍ସବରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଭଳି ପରିସ୍ଥିତିର ପୁନରାବୃତ୍ତିକୁ ରୋକିବା ଲାଗି ଆଇପିଏଲ୍‌କୁ ପରିଚାଳନା କରୁଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭବିଷ୍ୟତରେ ବିଜୟ ଉତ୍ସବ ଲାଗି ଗାଇଡ୍ ଲାଇନ୍ସ ଆଣିପାରେ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସୂଚନା ଦେଇଛନ୍ତି।

ବିଜୟ ଉତ୍ସବ ଆର୍‌ସିବିର ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମ ଥିଲା। ଭାରତରେ କ୍ରିକେଟ କଥା ବିସିସିଆଇ ବୁଝେ ଏବଂ ଆମେ ନିଶ୍ଚିତ କରିବାକୁ ଉଦ୍ୟମ କରିବୁ ଯେ, ଏଭଳି ଘଟଣା ଯେମିତି ଭବିଷ୍ୟତରେ ନ ଘଟୁ। ବିସିସିଆଇକୁ କିଛି ନା କିଛି କରିବାକୁ ପଡ଼ିବ। ଆମେ କେବଳ ମୂକ ସାକ୍ଷୀ ହୋଇ ରହିପାରିବୁ ନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।

## ଫ୍ରେଞ୍ଚ ଓପନ: ଗଫ୍‌ଙ୍କୁ ଟାଇଟଲ


ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟ୍ରଫି ସହ ଆମେରିକାର କୋକୋ ଗଫ୍।

ପ୍ୟାରିସ, ୭।୬

ୱାର୍ଲ୍ଡ ନଂ.-୨ କୋକୋ ଗଫ୍ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରେ ଟାଇଟଲ ଅଧିକାର କରିଛନ୍ତି। ୨୧ ବର୍ଷୀୟା ଗଫ୍‌ଙ୍କ ଲାଗି ଏହା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଓ ମୋଟ ଉପରେ ଦଶମ ଟାଇଟଲ। ସେ ଏଥିପୂର୍ବରୁ ୨୦୨୩ରେ ୟୁଏସ୍ ଓପନ ଜିତିଥିଲେ। ଅନ୍ୟପକ୍ଷରେ ୱାର୍ଲ୍ଡ ନଂ.-୧ ତଥା ୩ ଥରର ଗ୍ରାଣ୍ଡସ୍ଲାମ ଟାଇଟଲ ଅଧିକାରୀ ଆରିନା ସାବାଲେଙ୍କା ରନରଅପରେ ସନ୍ତୁଷ୍ଟ ରହିଛନ୍ତି।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ଗଫ୍ ୬-୭ (୫-୭), ୬-୨, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ସେଟ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏପରି କି ଫଳାଫଳ ନିର୍ଣ୍ଣୟ କରିବା ପାଇଁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଗଫ୍ ପରାଜିତ ହୋଇଥିଲେ। ହେଲେ ସେ ଲଗାତର ଦ୍ୱିତୀୟ ଓ ତୃତୀୟ ସେଟ୍ ଜିତି ମ୍ୟାଚ୍ ସହ ଟାଇଟଲ ହାତେଇ ନେଇଥିଲେ।

## ନରୱେ ଚେସ୍: କାର୍ଲସେନଙ୍କୁ ଟାଇଟଲ, ଗୁକେଶ ୩ୟ

ଷ୍ଟାଭାଙ୍ଗର (ନରୱେ), ୭।୬ (ପି.ଟି.)

ବିଶ୍ୱ ଚାମ୍ପିୟନ ଡି. ଗୁକେଶ ଫାଇନାଲ ରାଉଣ୍ଡରେ ଆମେରିକାନ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କ ବିପକ୍ଷରେ ବଡ଼ ତ୍ରୁଟି କରିବସିବାରୁ ଏଠାରେ ଅନୁଷ୍ଠିତ ନରୱେ ଚେସ୍ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ସହ ତାଙ୍କ ଅଭିଯାନ ଶେଷ କରିଛନ୍ତି। ପାଞ୍ଚ ଥର ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ ପ୍ରଥମ ସ୍ଥାନ ସହ ଟାଇଟଲ ବିଜୟୀ ହୋଇପାରିଛନ୍ତି। ଫଳରେ ସର୍ବାଧିକ ଥର ନରୱେ ଚେସ୍ ଟାଇଟଲ ଜିତିଥିବା ଏହି ଖେଳାଳିଙ୍କ ରେକର୍ଡ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଗୁକେଶ ଦ୍ୱିତୀୟ ଥର ପାଇଁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେ ବିଭିନ୍ନ ରାଉଣ୍ଡରେ କାର୍ଲସେନ୍, ନିଜ ଦେଶର ଅର୍ଜୁନ ଏରିଗାଇସି ଓ ଚାଇନାର ୱି ୟି'ଙ୍କ ଭଳି ଖେଳାଳିଙ୍କ ବିପକ୍ଷରେ ଚମତ୍କାର ବିଜୟ ହାସଲ କରିଥିବାରୁ ଏଥର ତାଙ୍କ ପାଇଁ ଟାଇଟଲ ଜିତିବା ଯଥେଷ୍ଟ ସମ୍ଭାବନା ଥିଲା। ଗତଥରର ଚାମ୍ପିୟନ କାର୍ଲସେନ ପୂର୍ବଦିନ (ଗୁରୁବାର) ଖେଳ ଶେଷ ସୁଦ୍ଧା ୯ରାଉଣ୍ଡ ଖେଳ ପରେ ୧୫ପଏଣ୍ଟ ସହ ଅଗ୍ରଣୀ ରହିଥିଲେ। ଶୁକ୍ରବାର ୧୦ମ ରାଉଣ୍ଡରେ ସେ ଅଳ୍ପକେ ଏରିଗାଇସିଙ୍କ ବିପକ୍ଷ ଗେମ୍ ଡ୍ର' ରଖିପାରିଥିଲେ। ସେ ଟୁର୍ନାମେଣ୍ଟରେ ୧୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହି ଚାମ୍ପିୟନ ହୋଇଥିଲେ। ଗୁକେଶ ୧୪.୫ ପଏଣ୍ଟ ସହ ୨୦୨୩ ସଂସ୍କରଣ ଭଳି ତୃତୀୟ ସ୍ଥାନରେ ରହିଥିଲେ। କାରୁଆନା ୧୫.୫ ପଏଣ୍ଟ ସହ ଦ୍ୱିତୀୟ ହୋଇଥିବା ବେଳେ ଏରିଗାଇସି ୧୩ ପଏଣ୍ଟ ସହ ୫ମ ସ୍ଥାନ ଅଧିକାର କରିଥିଲେ।

## ଫାଇନାଲରେ ଏମ୍‌ସିସି

ଭୁବନେଶ୍ୱର, ୭।୬(ଅନାଦି କର)

ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଚାଲିଥିବା ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଏମ୍‌ସିସି ୮ ଉଇକେଟରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ଫଳରେ ଫାଇନାଲରେ ଏମ୍‌ସିସି ଓ ରାଇଜିଂ ଷ୍ଟୁଡେଣ୍ଟ୍ସ ପରସ୍ପରକୁ ଭେଟିବେ।

ଆମନ୍ତ୍ରଣ ପାଇଁ ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୩୮.୪ ଓଭରରେ ୧୧୮ ରନରେ ଅଲଆଉଟ ହୋଇଯାଇଥିଲା। ଏମ୍‌ସିସି ପାଇଁ ହର୍ଷିତ ରାଥୋଡ ଓ ଶୁଭମ ବିଷ୍ଟ ଯଥାକ୍ରମେ ୪ ଓ ୩ ଉଇକେଟ ନେଇଥିଲେ। ଜବାବରେ ଅନୁରାଗ ଷଡ଼ଙ୍ଗୀଙ୍କ ଅପରାଜିତ ୭୨ ରନ ବଳରେ ଏମ୍‌ସିସି ଟାର୍ଗେଟକୁ ୨୦.୪ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲିଂ କରିଥିବା ହର୍ଷିତ ରାଥୋଡଙ୍କୁ ପ୍ଲେୟର ଅଫ୍ ପୁରସ୍କାର ଦିଆଯାଇଥିଲା। ଅତିଥି ଭାବେ ଜାନକୀ ନାଥ ପରିଡ଼ା ଯୋଗଦେଇଥିଲେ।




## କୋହଲିଙ୍କ ବିରୋଧରେ ମାମଲା

ବେଙ୍ଗାଲୁରୁ, ୭।୬

ଗତ ୪ ତାରିଖରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଘଟିଥିବା ଦଳାଚକଟା ଘଟଣାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଷ୍ଟାର ବିରାଟ କୋହଲିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ୧୧ ଜଣ ପ୍ରାଣ ହରାଇଥିଲେ। ଏଚ୍‌ଏମ୍ ଭେଙ୍କଟେଶ ନାମକ ଜଣେ ବେଙ୍ଗାଲୁରୁର ସାମାଜିକ କର୍ମୀ କୋହଲିଙ୍କ ବିରୋଧରେ ଆଇପିଏଲ୍ ଜରିଆରେ ଗାମ୍ବଲିଂକୁ ପ୍ରମୋଟ କରୁଥିବା ଓ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହେବା ପାଇଁ ଲୋକଙ୍କୁ ଉସୁକାଇଥିବା ନେଇ କ୍ୟୁବନ ଥାନାରେ ଅଭିଯୋଗ କରିଛନ୍ତି।

## ଓଡ଼ିଶାରୁ ଭାଗନେବେ ମୀନା, ବିଦ୍ୟୁସ୍ମିତା

**ଏସୀୟ ଭାରୋତ୍ତୋଳନ ପ୍ରତିଯୋଗିତା**


ମୀନା ସାନ୍ତା


ବିଦ୍ୟୁସ୍ମିତା ଭୋଇ

ଭୁବନେଶ୍ୱର, ୭।୬ (ବିଜୟ ରଣା)

ଏସୀୟ ୟୁଥ୍ ଓ ଜୁନିୟର ଭାରୋତ୍ତୋଳନ ପ୍ରତିଯୋଗିତା କାଜାଖସ୍ତାନର ଆସ୍ଥାନାଠାରେ ଜୁଲାଇ ୧ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ଦୁଇ ଜଣ ଭାରୋତ୍ତୋଳକ ମୀନା ସାନ୍ତା (ଏ) ଜୁନିୟର ୫୮କେଜି ବିଭାଗରେ ଏବଂ ବିଦ୍ୟୁସ୍ମିତା ଭୋଇ ୬୩ କେଜି ଶ୍ରେଣୀ ୟୁଥ୍ ବିଭାଗରେ ଭାରତରୁ ପ୍ରତିନିଧିତ୍ୱ କରିବେ। ସୂଚନାଯୋଗ୍ୟ, ପଞ୍ଜାବର ପଟିଆଲାଠାରେ ଗତ ୨ ତାରିଖରେ ଏକ ଚୟନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ୬ ଜଣ ଖେଳାଳି ଭାଗ ନେଇଥିଲେ। ମୀନା କଳିଙ୍ଗ ଷ୍ଟାଡିୟମସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ଠାରେ ତାଙ୍କର ଅଭ୍ୟାସ ଚଳାଇଥିଲେ। ମାତ୍ର ବର୍ତ୍ତମାନ ସେ ପଟିଆଲାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ତାଲିମ ନେଉଛନ୍ତି। ସେହିପରି ବିଦ୍ୟୁସ୍ମିତା ଢେଙ୍କାନାଳସ୍ଥିତ ଏଚ୍‌ପିସି ଭାରୋତ୍ତୋଳନ ଶାଖା କେନ୍ଦ୍ରରେ ତାଲିମ ନେଉଛନ୍ତି। ଏହିଅବସରରେ ରାଜ୍ୟ ଭାରୋତ୍ତୋଳନ ମହାସଂଘ ଏସୀୟ ଭାରୋତ୍ତୋଳନରେ ଭଲ ପ୍ରଦର୍ଶନ ଆଶା କରି ମୀନା ଓ ବିଦ୍ୟୁସ୍ମିତାଙ୍କ ଶୁଭ କାମନା କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ